# ନିତିଦିନ

NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8+16 PAGES • ₹ 6/-

www.nitidin.com

twitter.com/nitidintoday

facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

SUNDAY 31 AUGUST 2025


ରବିବାର ୩୧ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 107 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୦୭ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ଅକ୍ଟୋବରରେ ପୁଲିସ୍ ଏସ୍ଆଇ ପରୀକ୍ଷା

### ୪ ଓ ୫ରେ ହେବ ଓଏମ୍ଆର୍ ଆଧାରିତ ପରୀକ୍ଷା

**ଭୁବନେଶ୍ୱର,୩୦।୮/ଏନ୍ଏନ୍ଏସ୍:**



ଶନିବାର ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି)ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏସ୍ଆଇ ପଦବୀ ପାଇଁ ପରୀକ୍ଷା ତାରିଖ ପ୍ରକାଶ କରାଯାଇଛି। ଅକ୍ଟୋବର ୪ ଓ ୫ ତାରିଖରେ ପରୀକ୍ଷା ହେବ। ଏନେଇ ପିଆରବି ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଓଏମ୍ଆର ସିଟ୍ ଜରିଆରେ ଲିଖିତ ପରୀକ୍ଷା କରାଯିବ। ପରୀକ୍ଷାର୍ଥୀମାନେ ଆସନ୍ତା ସେପ୍ଟେମ୍ବର ୨୦ ତାରିଖରୁ ଓଡ଼ିଶା ପୁଲିସର ୱେବ୍ସାଇଟ୍ odishapolice.gov.inରୁ ଆଡମିଟ କାର୍ଡ ପାଇପାରିବେ। ଏହି ପରୀକ୍ଷା ନେଇ ଅପ୍ଡେଟ୍ ରହିବା ପାଇଁ ନିୟମିତ ଭାବେ ଓଡ଼ିଶା ପୁଲିସର ୱେବସାଇଟ୍ ଦେଖିବାକୁ ଓପିଆରବି ପକ୍ଷରୁ ଆଶାୟୀମାନଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଦୁଇ ଥର ଏହି ପରୀକ୍ଷା ଘୁଞ୍ଚିଥିଲା।

## ବଢ଼ିଲା ଇନ୍ସପେକ୍ଟର, ଏସ୍ଆଇଙ୍କ କ୍ଷମତା

### ଏସ୍ସି,ଏସ୍ଟି ମାମଲାର ତଦନ୍ତ ସହ କରିପାରିବେ ଗିରଫଦାରୀ

**ଭୁବନେଶ୍ୱର,୩୦।୮/ଏନ୍ଏନ୍ଏସ୍:**



ରାଜ୍ୟରେ ଇନ୍ସପେକ୍ଟର ଏବଂ ଏସ୍ଆଇଙ୍କ କ୍ଷମତାକୁ ବଢ଼ାଯାଇଛି। ଏଣିକି ସେମାନେ ଅନୁସୂଚିତ ଜାତି(ଏସ୍ସି) ଏବଂ ଅନୁସୂଚିତ ଜନଜାତି (ଏସ୍ଟି)ମାମଲାର ତଦନ୍ତ କରିପାରିବେ। ତଦନ୍ତ ସହ ଗିରଫଦାରୀ ଓ ସ୍ୱତନ୍ତ୍ର ଅଦାଲତରେ ମାମଲା ଦାଖଲ ମଧ୍ୟ କରିପାରିବେ। ପୂର୍ବରୁ ଡିସିପି ପାହ୍ୟାର ଅଧିକାରୀଙ୍କୁ ଏହି କ୍ଷମତା ମିଳିଥିଲା। ଏନେଇ ଗୃହ ବିଭାଗ ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି।

ଗୃହ ମନ୍ତ୍ରଣାଳୟର ଏକ ବିଜ୍ଞପ୍ତି ଅନୁଯାୟୀ ଅନୁସୂଚିତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ୧୯୮୯ର ପ୍ରବର୍ତ୍ତନକୁ ସୁଦୃଢ଼ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ବିଜ୍ଞପ୍ତିରେ ଉଲ୍ଲେଖ ଅଛି ପୁଲିସ

▶▶ ୫

## ହତ୍ୟା ମାମଲା: ୩ଙ୍କୁ ଆଜୀବନ କାରାଦଣ୍ଡାଦେଶ

**ରାୟଗଡ଼ା,୩୦।୮/ଏନ୍ଏନ୍ଏସ୍:**



ଏକ ହତ୍ୟା ମାମଲାର ବିଚାର କରି ୩ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ରାୟ ଦେଇଛନ୍ତି ରାୟଗଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଲ୍ପନା ସ୍ୱାଇଁ। ଏହି ମାମଲାରେ ବିଚାରଣା କରି ଆଜି ଅଭିଯୁକ୍ତ ଅଶୋକ ଗୌଡ଼, ଭାଗିରଥୀ ଗୌଡ଼ ଓ ବିକ୍ରମ ଗୌଡ଼ଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି ଅଦାଲତ। ୨୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ଏହି ରାୟ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ପ୍ରକାଶ ଯେ ଗତ ୨୦୨୩ ମସିହା ଜୁନ ୯ ତାରିଖ ସକାଳେ କାଶୀପୁର ବ୍ଲକର ଗଜେନ୍ଦ୍ର ନାୟକ କଣନାଦୋରା ଗ୍ରାମରେ ଥିବା ଜମିରେ ସମତଳ ହେଉଥିବା କାର୍ଯ୍ୟକୁ ତଦାରଖ ପାଇଁ ଯାଇଥିଲେ। ଉକ୍ତ ସମୟରେ ଭାଗିରଥୀ ଗୌଡ଼ ଓ ତାଙ୍କର ଦୁଇ ସହଯୋଗୀ ଅଶୋକ

▶▶ ୫

### ମହାନଦୀ ବିବାଦ

## ଆପୋଷ ଆଲୋଚନାରେ ହେବ ସମାଧାନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୮/ଏନ୍ଏନ୍ଏସ୍:**



ମହାନଦୀ ଜଳ ବିବାଦ ଦୂର ପାଇଁ ଓଡ଼ିଶା ଓ ଛତିଶଗଡ଼ ଆଗକୁ ବଢ଼ିଛନ୍ତି। ମହାନଦୀ ଜଳ ସମସ୍ୟା ଉପରେ ଆଲୋଚନା ପାଇଁ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ସଚିବ ଏବଂ ବରିଷ୍ଠ ଜଳସମ୍ପଦ ଅଧିକାରୀମାନେ ବୈଠକ କରିଛନ୍ତି। ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମାଧାନ

### ଅକ୍ଟୋବରରେ ହେବ ସଚିବସ୍ତରୀୟ ବୈଠକ

### ଡିସେମ୍ବରରେ କାର୍ଯ୍ୟ ଦେଖିବେ ମୋହନ-ବିଷ୍ଣୁଦେବ

ପାଇଁ ଉଭୟ ରାଜ୍ୟ ଆନ୍ତରିକ ଏବଂ ସୌହାର୍ଦ୍ଦପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ଦିନର ବିବାଦର ସମାଧାନ ଆପୋଷ ଆଲୋଚନା ଜରିଆରେ ନିଶ୍ଚିତ ଭାବରେ ହେବ ବୋଲି ଶନିବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି ଯେ ମହାନଦୀ ଜଳ ବିବାଦ ଉପରେ ଓଡ଼ିଶା ଓ ଛତିଶଗଡ଼ ଏକ ଫଳପ୍ରଦ ବୈଠକରେ ଏକାଠି ହୋଇଛନ୍ତି। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦ ସଚିବ ଓ ଅନ୍ୟ ଅଧିକାରୀମାନେ ଉକ୍ତ ବୈଠକରେ ଯୋଗଦେଇଥିଲେ। ଉଭୟ ରାଜ୍ୟ ଆପୋଷ ବୁଝାମଣାରେ ଲୋକମାନଙ୍କ ହିତରେ ଉଚିତ ସମାଧାନ ଖୋଜିବାକୁ ସହମତ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ମାସରେ ପୁଣି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏଥିପୂର୍ବରୁ ପ୍ରତ୍ୟେକ ରାଜ୍ୟର ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବା ଇଆଇସିଙ୍କ ନେତୃତ୍ୱରେ ଗଠିତ ବୈଷୟିକ କମିଟିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ସପ୍ତାହକୁ ଥରେ ବୈଠକ କରିବେ। ଏହି କମିଟି

▶▶ ୫

### ଶେଷ ହେଲା ଏସ୍ସି,ଏସ୍ଟି ଜାତୀୟ ସମ୍ମିଳନୀ

# ଭୁବନେଶ୍ୱରରୁ ଆରମ୍ଭ ହେବ ବିକାଶର ରୋଡ଼ମ୍ୟାପ୍

**ଭୁବନେଶ୍ୱର,୩୦।୮/ଏନ୍ଏନ୍ଏସ୍:**

ଅନୁସୂଚିତ ଜାତି(ଏସସି),ଅନୁସୂଚିତ ଜନଜାତି(ଏସଟି)ଙ୍କ ସକାଶେ ଅନେକ ଯୋଜନା କରାଯାଇଛି। ସେଗୁଡ଼ିକର ସଠିକ ପ୍ରଣୟନ ହେଲେ ଏହି ବର୍ଗ ସମାଜରେ ଅନ୍ୟମାନଙ୍କ ଭଳି ଉନ୍ନତି କରିବା ସହ ତାଳମିଳାଇ ଆଗକୁ ଅଗ୍ରସର ହେଇପାରିବେ। ତେବେ ଏସସି, ଏସଟିଙ୍କ ବିକାଶର ରୋଡ୍ମ୍ୟାପ୍ ଭୁବନେଶ୍ୱରରୁ ହିଁ ଶୁଭାରମ୍ଭ ହେବ। ଏହା କହିଛନ୍ତି ଲୋକସଭାର ବାଚସ୍ପତି ଓମ୍ ବିର୍ଲା। ଶନିବାର ସଂସଦ ଏବଂ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ଦୁଇ ଦିନିଆ ଜାତୀୟ ସମ୍ମିଳନୀର ଉଦଯାପନୀ ଉତ୍ସବ ଶେଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିର୍ଲା ଏହା କହିଛନ୍ତି। ପ୍ରାରମ୍ଭରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ସୂଚନା ଦେଇଥିଲେ। ପରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସମ୍ବୋଧିତ କରି ଶ୍ରୀ ବିର୍ଲା କହିଥିଲେ ଯେ ୨୫ ବର୍ଷ ପରେ ଦିଲ୍ଲୀ ବାହାରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଜାତୀୟ ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହା ନିଶ୍ଚିତ ଭାବରେ ଗର୍ବର ବିଷୟ। ଏହି କର୍ମଶାଳାରେ ରାଜ୍ୟ ତଥା କେନ୍ଦ୍ରର କମିଟିଗୁଡ଼ିକ ଦ୍ୱାରା



### ସଂସଦୀୟ କମିଟି ଲୋକତନ୍ତ୍ରର ଅନ୍ୟତମ ସ୍ତମ୍ଭ:ଓମ୍ ବିର୍ଲା

ବଞ୍ଚିତ ବର୍ଗ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ବାବଦରେ ଅଲୋଚନା ହୋଇଛି। ଏହାଛଡ଼ା ଶ୍ରୀ ବିର୍ଲା କହିଛନ୍ତି ଯେ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏସ୍ସି,ଏସ୍ଟି ମାନଙ୍କ ସମସ୍ୟା, ସୁବିଧା, ସୁରକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ପ୍ରଣୟନ ସହ ଏହାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ। ମିଳିଥିବା ମତାମତରୁ ସଂସଦୀୟ କମିଟି ଲୋକଙ୍କ ହିତରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସେସବୁକୁ କାର୍ଯ୍ୟକାରୀ କରାଯିବ। ମିଳିଥିବା ନିଷ୍କର୍ଷ ବି କାର୍ଯ୍ୟକ୍ରମ ରୂପାୟନ ସହିତ ଅଭିଜ୍ଞତା, ସର୍ବୋତ୍କୃଷ୍ଟ ପ୍ରୟୋଗ ଓ ଭାବ ବିନିମୟ ପାଇଁ ମଞ୍ଚ ଯୋଗାଇଦେବ। ସଂସଦୀୟ କମିଟି ବଜେଟ୍ ସମୀକ୍ଷା କରିବା ସହ ଶତପ୍ରତିଶତ ଖର୍ଚ୍ଚ ପାଇଁ ଚେଷ୍ଟିତ ହେବା ଜରୁରୀ। ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନକୁ ଗ୍ରହଣ କଲେ ବଞ୍ଚିତ ବର୍ଗ ଉନ୍ନତିରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡ଼ ଫଗନ ସିଂ କୁଲସ୍ତେ କହିଛନ୍ତି ଯେ ସମ୍ମିଳନୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ-ଆର୍ଥିକ ସଶକ୍ତିକରଣ ସମ୍ପର୍କରେ ଆଲୋଚନା ହୋଇଛି। ବଞ୍ଚିତ ବର୍ଗଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କମିଟି ପ୍ରତିଶ୍ରୁତିବଦ୍ଧ। ସମସ୍ତଙ୍କୁ ଏକଜୁଟ ହୋଇ କାମ କରି ଏସ୍ସି, ଏସ୍ଟିମାନଙ୍କ ପାଖରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପଡ଼ିବ। ସମ୍ମିଳନୀରେ ଗ୍ରହଣ କରାଯାଇଥିବା ପ୍ରସ୍ତାବମାନ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ, ଯାହା ଏସ୍ସି, ଏସ୍ଟିମାନଙ୍କ ପାଇଁ କଲ୍ୟାଣକାରୀ ପଦକ୍ଷେପକୁ ଆହୁରି ତ୍ୱରାନ୍ୱିତ କରିପାରିବ ବୋଲି ଶ୍ରୀ କୁଲସ୍ତେ ପ୍ରକାଶ କରିଛନ୍ତି। ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

### 'ଏସ୍ସି,ଏସ୍ଟି ହେଉଛନ୍ତି ସଂସ୍କୃତି ଏବଂ ଐତିହ୍ୟର ରକ୍ଷକ'



**ଭୁବନେଶ୍ୱର:** ଅନୁସୂଚିତ ଜାତି ଏବଂ ଜନଜାତି କେବଳ ଭାରତର ସାମାଜିକ ସଂରଚନାର ଅବିଚ୍ଛେଦ୍ୟ ଅଂଶ ନୁହନ୍ତି ବରଂ ଦେଶର ଇତିହାସ, ସଂସ୍କୃତି ଏବଂ ଐତିହ୍ୟର ରକ୍ଷକ ମଧ୍ୟ। ସେମାନଙ୍କର କଲ୍ୟାଣ କେବଳ ନୀତିର ପ୍ରଶ୍ନ ନୁହେଁ ଏହା ସମାନତା, ମର୍ଯ୍ୟାଦା ଏବଂ ଭାଇଚାରାର ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଗଣତନ୍ତ୍ର ଭାବରେ ଆମର ପ୍ରଗତିର ମାପକାଠି। ଦେଶର ପ୍ରକୃତ ସମୃଦ୍ଧି ସଂଖ୍ୟା କିମ୍ବା ଭିତ୍ତିଭୂମିରେ ମପାଯାଏ ନାହିଁ ବରଂ ଏହାର ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦା ଏବଂ ସୁଯୋଗ ଦ୍ୱାରା ମପାଯାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଲୋକସେବା ଭବନର କନଭେନସନ ହଲ ଠାରେ ଆୟୋଜିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କର ଜାତୀୟ ସମ୍ମିଳନୀର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ସଂସଦର ଅନୁସୂଚିତ ଜାତି ଓ ଜନଜାତି କମିଟିର ଅଧ୍ୟକ୍ଷ ଡ. ଫଗନ୍ ସିଂହ କୁଲସ୍ତେ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଶାର ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା

▶▶ ୫

### ଟ୍ରମ୍ପଙ୍କୁ ୟୁଏସ୍ ଫେଡେରାଲ୍ କୋର୍ଟଙ୍କ ଝଟ୍କା

## ଅଧିକାଂଶ ଶୁଳ୍କକୁ କଲେ ଅବୈଧ ଘୋଷଣା

**ୱାଶିଂଟନ୍, ୩୦।୮/ଏଜେନ୍ସି:**

ଆମେରିକାର ଏକ ସଂଘୀୟ (ଫେଡେରାଲ୍) ଅପିଲ୍ କୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲାଗୁ କରିଥିବା ଅଧିକାଂଶ ଶୁଳ୍କକୁ ଅବୈଧ ବା ବେଆଇନ୍ ବୋଲି ଘୋଷଣା କରିଛନ୍ତି। କୋର୍ଟ କହିଛନ୍ତି ଯେ ଏସବୁ ଶୁଳ୍କ ଲାଗୁ କରିବା ପାଇଁ ଟ୍ରମ୍ପଙ୍କ ପାଖରେ କୌଣସି ନ୍ୟାୟିକ ଅଧିକାର ନାହିଁ। ଏପରିକି ଯେଉଁ ଆଇନ ବ୍ୟବହାର କରିବା ପୂର୍ବକ ଟ୍ରମ୍ପ୍ ଏପରି କରିଛନ୍ତି ଉକ୍ତ ଆଇନ୍ ମଧ୍ୟ ତାଙ୍କୁ ଏହି ଅଧିକାର ଦେଉନାହିଁ। କେବଳ ସେତିକି ନୁହେଁ, ଟ୍ରମ୍ପ୍ ସରକାର ଦ୍ୱାରା ଲାଗୁ କରାଯାଇଥିବା ଅଧିକାଂଶ ଶୁଳ୍କ ଆଇନ ଅନୁଯାୟୀ ନୁହେଁ ବୋଲି ମଧ୍ୟ କୋର୍ଟ କହିଛନ୍ତି। ଏପ୍ରକାର ଅନ୍ୟାୟପୂର୍ବକ ଶୁଳ୍କ ଲାଗୁ କରି ରାଷ୍ଟ୍ରପତି ନିଜ କ୍ଷମତାର ଅପବ୍ୟବହାର କରୁଛନ୍ତି। ଅନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ କ୍ଷମତା ଆଇନ ତାଙ୍କୁ ଶୁଳ୍କ ଲାଗୁ କରିବାର ଅଧିକାର ଦେଉନାହିଁ। ଶୁଳ୍କ ଲଗାଇବାର କ୍ଷମତା କେବଳ ଆମେରିକୀୟ ସଂସଦ ପାଖରେ ଅଛି।



### ଶୁଳ୍କ ପ୍ରତ୍ୟାହାର ହେଲେ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଯିବ: ରାଷ୍ଟ୍ରପତି

କୋର୍ଟଙ୍କ କହିବାନୁସାରେ ଟ୍ରମ୍ପଙ୍କ ପାଖରେ ପ୍ରତ୍ୟେକ ଆମଦାନୀ ଉପରେ ଶୁଳ୍କ ଲଗାଇବାର ଅସୀମ କ୍ଷମତା ନାହିଁ। ଏହିପ୍ରକାରେ ଅପିଲ୍ କୋର୍ଟ ଆସନ୍ତା ଅକ୍ଟୋବର ପର୍ଯ୍ୟନ୍ତ ଶୁଳ୍କ ଲାଗୁକରିବା ଜନିତ ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ କାର୍ଯ୍ୟକାରୀତାକୁ ବନ୍ଦ କରିଦେଇଛନ୍ତି। ତେବେ ଟ୍ରମ୍ପ୍ ଏବେ ଆମେରିକାର ସୁପ୍ରିମକୋର୍ଟରେ ଅପିଲ୍ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ୍ କରିବେ ବୋଲି ସୂଚନା ମିଳିଛି। ଟ୍ରମ୍ପ ଫେଡେରାଲ୍ କୋର୍ଟଙ୍କ ଏହି ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି ଏବଂ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ ଯଦି ଏହି ଶୁଳ୍କ ହଟାଯାଏ, ତେବେ ଆମେରିକା ଧ୍ୱଂସ ହୋଇଯିବ।

ଫେଡେରାଲ୍ କୋର୍ଟରେ ଆମେରିକା ସରକାରଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ, ଆମେରିକାର ବାଣିଜ୍ୟ ନିଅଣ୍ଟ ଏକ ଜାତୀୟ ଜରୁରୀକାଳୀନ ପରିସ୍ଥିତି। ଏହାକୁ ଦୃଷ୍ଟିରେ ରଖି ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ଚୀନ୍, କାନାଡା, ଭାରତ, ମେକ୍ସିକୋ ଭଳି ଦେଶ ଉପରେ ବର୍ଦ୍ଧିତ ଶୁଳ୍କ ଲାଗୁ କରାଯାଇଛି। ମୋଟାମୋଟି ଭାବେ ଟ୍ରମ୍ପଙ୍କ ପ୍ରଶାସନ ଅନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ ଶକ୍ତି ଆଇନ୍ (ଆଇଇଇପିଏ) ଅଧୀନରେ ଏହି ଆଇନଗୁଡ଼ିକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଭରପୂର ଉଦ୍ୟମ କରିଥିଲେ। ସେ କହିଥିଲେ ଯେ ବାଣିଜ୍ୟ ଅସନ୍ତୁଳନ

▶▶ ୫

## ନାବାଳିକା ଦୁଷ୍କର୍ମକାରୀକୁ ୩୦ ବର୍ଷ କାରାଦଣ୍ଡାଦେଶ

**ସମ୍ବଲପୁର,୩୦।୮/ଏନ୍ଏନ୍ଏସ୍:**

ସମ୍ବଲପୁର ଏଡିଜେ–ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୩୦ ବର୍ଷ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତକୁ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେବା ସହିତ ପୀଡ଼ିତାଙ୍କୁ ୧୩ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ବିବରଣୀରୁ ପ୍ରକାଶ ଯେ ୨୦୨୪ ଏପ୍ରିଲରେ ପୀଡ଼ିତା ନାବାଳିକା ମହୁଲପାଲି ଥାନାଞ୍ଚଳକୁ ତାଙ୍କ ମାମୁଁ ଘରକୁ ଏକ ବାହାଘର କାର୍ଯ୍ୟକ୍ରମରେ ଯୋଗଦେବାକୁ ସୁନ୍ଦରଗଡ଼ରୁ ଆସିଥିଲେ। ବାହାଘର ଶେଷ ହେବା ପର ଦିନ ମାଁମୁ ଘରେ ନାଚ ଗୀତ ଓ ଭୋଜିର କାର୍ଯ୍ୟକ୍ରମ ରହିଥିବା ବେଳେ ସନ୍ଧ୍ୟା ସମୟରେ ଅନ୍ୟ ଛୋଟ ଛୁଆମାନଙ୍କ ସହିତ ନାବାଳିକା ମଧ୍ୟ ଗୀତରେ ଅଂଶଗ୍ରହଣ କରିଥିଲେ। ହେଲେ ଅଚାନକ ନାବାଳିକା ଜଣକ ନିଖୋଜ ହୋଇଯିବାରୁ ପରିବାର ଲୋକେ ତାଙ୍କୁ ଖୋଜିଥିଲେ। କିଛି ସମୟ ଖୋଜିବା ପରେ ଘର ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

▶▶ ୫

## ଆହୁରି ୪ ଦିନ ବର୍ଷିବ

**ଭୁବନେଶ୍ୱର,୩୦।୮/ଏନ୍ଏନ୍ଏସ୍:**

ରାଜ୍ୟରେ ଆହୁରି ୪ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିବ। କିଛି ସ୍ଥାନରେ ଝିପି ଝିପି ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ପାଇଁ ୨୦ ଜିଲ୍ଲାରେ ବିଜୁଳି ଘଡଘଡି ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। କିଛି ସ୍ଥାନରେ ପବନର ବେଗ ୩୦ରୁ ୪୦ କିମି ରହିବ। ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲା ଗୁଡିକରେ ୭ସେମିରୁ ୧୧ ସେମି ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ପ୍ରବଳ ବର୍ଷା ନେଇ ସମ୍ପୂର୍ଣ୍ଣ ଓଡ଼ିଶାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର,

▶▶ ୫

### ସରକାରୀ ଟଙ୍କା ହଡ଼ପ

## ବନ୍ଧା ହେଲେ ପୂର୍ବତନ ପିଇଓ

**ଯାଜପୁରରୋଡ଼,୩୦।୮/ଏନ୍ଏନ୍ଏସ୍:**



୭ ଲକ୍ଷ ୩୫ ହଜାର ସରକାରୀ ଟଙ୍କା ହଡ଼ପ ଅଭିଯୋଗରେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡ଼ିଆ ପଞ୍ଚାୟତର ପୂର୍ବତନ ପିଇଓ ସନ୍ତୋଷ କୁମାର ଜେନାଙ୍କୁ ଦାନଗଦୀ ବ୍ଲକରୁ ଗିରଫ କରିଛି କଟକ ଭିଜିଲାନ୍ସ ବିଭାଗ। କେସ୍ ନମ୍ବର ୨୬/୨୫ରେ ଏକ ମାମଲା ରୁଜୁ କରି ସଂପୃକ୍ତ ପିଇଓଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

▶▶ ୫

## ଗାଡ଼ି ଭିତରେ ଯୁବତୀଙ୍କୁ ଗଣଦୁଷ୍କର୍ମ

**ଉଦଳା,୩୦।୮/ଏନ୍ଏନ୍ଏସ୍:**

ଗାଡ଼ି ଭିତରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଘଟିଥିବା ଏହି ଲଜ୍ଜାଜନକ ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏନେଇ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।ମିଳିଥିବା ସୂଚନା ଅନୁସାରେ ପୀଡ଼ିତା ଯୁବତୀଙ୍କ ଘର ବାଙ୍ଗିରିପୋଷି ଥାନା ଅଞ୍ଚଳରେ। ଯୁବତୀଙ୍କୁ ଚାକିରି ଦେବା ନାଁରେ ଜଣେ ଅଭିଯୁକ୍ତ ତାଙ୍କୁ ଘରୁ ଡାକି ନେଇଥିଲେ। ତେବେ ବାଟରେ ଗାଡ଼ି ଭିତରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମେତ ୬ ଜଣ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।

### ସାଂଘାଇ ଶିଖର ସମ୍ମିଳନୀ

## ୭ ବର୍ଷ ପରେ ଚୀନ୍ ମାଟିରେ ପାଦଦେଲେ ମୋଦୀ

**ବେଜିଂ, ୩୦।୮/ଏଜେନ୍ସି:** ଦୀର୍ଘ ୭ ବର୍ଷ ପରେ ଚୀନ୍ ମାଟିରେ ପାଦ ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସାଂଘାଇ ଶିଖର ସମ୍ମିଳନୀ (ଏସ୍ସିଓ)ରେ ଯୋଗଦେବା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନ୍ପିଙ୍ଗ୍ଙ୍କ ଆମନ୍ତ୍ରଣ କ୍ରମେ ମୋଦୀ ଦୁଇ ଦିନିଆ ଚୀନ୍ ଗସ୍ତ କରିଛନ୍ତି। ଚୀନ୍ର ତିଆନ୍ଜିନ୍ ସହରରେ ଏସ୍ସିଓ ଶିଖର ସମ୍ମିଳନୀ ଆୟୋଜିତ ହେଉଛି। ତେବେ ୨ ଦିନିଆ ଜାପାନ୍ ଗସ୍ତ ଶେଷ କରିବା ପରେ ମୋଦୀ ସିଧାସଳଖ ଜାପାନ୍ରୁ ଚୀନ୍ର ତିଆନ୍ଜିନ୍ ଗସ୍ତ କରିଛନ୍ତି। ବିମାନବନ୍ଦରରେ ଅବତରଣ ପରେ ମୋଦୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ମୋଦୀଙ୍କ ସ୍ୱାଗତରେ ବଡ଼ ବଡ଼ ପୋଷ୍ଟର ଲାଗିଥିବା ବେଳେ ଚୀନ୍ର କଳାକାରମାନେ ଉଭୟ ଭାରତ ଏବଂ ଚୀନ୍ର ସଂସ୍କୃତି (ଓଡ଼ିଶୀ ପ୍ରଦର୍ଶନ ସହ) ଅନ୍ତର୍ଗତ ମୋଦୀଙ୍କୁ ସ୍ୱାଗତ କରିଛନ୍ତି। ମୋଦୀଙ୍କ ଉଦ୍ଦେଶ୍ୟରେ ରେଡ୍




କାର୍ପେଟ୍ ବିଛାଯାଇଥିଲା। ତିଆନ୍ଜିନ୍ ସ୍ଥିତ ଏକ ପଞ୍ଚତାରକା ହୋଟେଲ୍ରେ (ମୋଦୀଙ୍କ ରହଣି ପାଇଁ ବ୍ୟବସ୍ଥିତ) ପହଞ୍ଚିବା ପରେ ମୋଦୀଙ୍କ ପ୍ରବାସୀ ଭାରତୀୟ ସମୁଦାୟ ପକ୍ଷରୁ ମଧ୍ୟ ଭବ୍ୟ ସ୍ୱାଗତ କରାଯାଇଥିଲା।

ମୋଦୀ ଶେଷଥର ପାଇଁ ୨୦୧୮ରେ (ଗଲୱାନ୍ ଘାଟି ବିବାଦ ପୂର୍ବରୁ) ଏସ୍ସିଓ ବୈଠକରେ ସାମିଲ ହେବା ପାଇଁ ଚୀନ୍ ଗସ୍ତ କରିଥିଲେ। ତେବେ ଗଲୱାନ୍ ବିବାଦ ପରେ ଦୁଇ ଦେଶ ଚୀନ୍ ଏବଂ ଭାରତ ମଧ୍ୟରେ ତିକ୍ତତା ବେଶ୍ ତୀବ୍ରତର ହୋଇଥିଲା ଏବଂ ଏହା ଅନେକ ବର୍ଷ ପାଇଁ ଜାରି ରହିଥିଲା। ତେବେ ନିକଟରେ ଚୀନ୍ ପକ୍ଷରୁ ସୀମାବିବାଦ ସମାଧାନ ଦିଗରେ ତତ୍ପରତା ପ୍ରକାଶ ପାଇବା ପରେ ଏବେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ ହେବାରେ ଲାଗିଛି। ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚୀନ୍ ଗସ୍ତ ମଧ୍ୟ ସମ୍ଭବ ହୋଇପାରିଛି। ଏସ୍ସିଓ ସମ୍ମିଳନୀ ପରିପ୍ରେକ୍ଷୀରେ ମୋଦୀ ଚୀନ୍

### ଜିନ୍ପିଙ୍ଗ୍, ପୁଟିନ୍ଙ୍କ ସମେତ ଅନେକ ବିଶ୍ୱସ୍ତରୀୟ ନେତାଙ୍କୁ ଭେଟିବେ

▶▶ ୫

## ୨ରେ ଭବାନୀପାଟଣା ନୂଆଁଖାଇ ଛୁଟି

**ଭବାନୀପାଟଣା,୩୦।୮/ଏନ୍ଏନ୍ଏସ୍:**

ଆସନ୍ତା ସେପ୍ଟେମ୍ବର ୨ ତାରିଖ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସମେତ ଗଡ଼ଜାତ ଅଞ୍ଚଳରେ ନୂଆଁଖାଇ ପାଳନ ହେବ। ତେବେ ଏହି ଦିନକୁ ଛୁଟି ଘୋଷଣା କରିବା ପାଇଁ କଳାହାଣ୍ଡି ଜିଲ୍ଲାପାଳ ଗତ ୨୬ ତାରିଖ ଏକ ପତ୍ର ମାଧ୍ୟମରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ଜଣାଇଥିଲେ। ଯାହାଫଳରେ ଆରଡିସି ଶନିବାର ୨ ତାରିଖ ଭବାନୀପାଟଣା ଉପଖଣ୍ଡକୁ ନୂଆଁଖାଇ ଛୁଟି ଭାବେ ଘୋଷଣା କରିଛନ୍ତି। ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲାରେ ପଞ୍ଚମୀ ଓ ପରେ ଦଶମୀ ତିଥିରେ ଲୋକେ ନୂଆଁ ଖାଇଥାନ୍ତି। ଦଶମୀ ତିଥିରେ ଭବାନୀପାଟଣା ସମେତ ଜୟପାଟଣା, ଲାଞ୍ଜିଗଡ଼,ଏମ୍ ରାମପୁର,ମହୁଲ ପାଟଣା, ଥୁଆମୁଲ ରାମପୁର,କର୍ଲାପାଟ ଆଦି ଗଡ଼ଜାତ ଅଞ୍ଚଳର ଲୋକେ ନୂଆଁ ଖାଇବେ।

## ଏନ୍‌ଡିଆର୍‌ଏଫ୍ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୩୦।୮/ଏନ୍‌ଏନ୍‌ଏସ୍:** ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲଜି କ୍ୟାମ୍ପସ୍ ପରିସରରେ ନୂତନ ଛାତ୍ରଛାତ୍ରୀମାନଙ୍କ ପାଇଁ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ ଅବସରରେ ଏନ୍‌ଡିଆର୍‌ଏଫ୍ ଦ୍ୱାରା ଡିଜାଷ୍ଟର ମ୍ୟାନେଜମେଣ୍ଟ ଏବଂ ଫାଷ୍ଟଏଡ ଟ୍ରେନିଂ ବିଷୟରେ ୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନ୍.ଡି.ଆର୍.ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ନବୀନ ସିଂହ ରାଣା, ଲିଡ୍ ଇନ୍ସପେକ୍ଟର ସାଗର କଇନୁଆର ଏବଂ ସବ୍ ଇନ୍ସପେକ୍ଟର ସୁଶିଲ କୁମାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟତଃ ହୃଦ୍‌ଘାତଜନିତ ସିପିଆର୍ ପ୍ରାକ୍ଟିକାଲ ଡେମୋ, ଦୁର୍ଘଟଣା ଜନିତ ସମସ୍ୟା, ନିଆଁ ଲିଭାଇବାର କୌଶଳ, ପ୍ରାଥମିକ ଚିକିତ୍ସା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆ ଯାଇଥିଲା। ଅନୁଷ୍ଠାନର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରାୟୋଗିକ ଅଭ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏମ୍.ବି.ଏ, ଏମ୍.ସି.ଏ, ବି.ବି.ଏ ଏବଂ ବି.ସି.ଏ ବିଭାଗର ନବାଗତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନର ପ୍ରଫେସର୍ ସନତ କୁମାର ପନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏମ୍.ସି.ଏ ବିଭାଗର ମୁଖ୍ୟ ଅନୁଜ୍ଞା ମଞ୍ଜରୀ ସମସ୍ତ ଅତିଥିଙ୍କୁ ସମ୍ବୋଧିତ କରିଥିଲେ। ଶେଷରେ ପ୍ରଫେସର୍ ଜାକି ସମୀର ଖାନ ଧନ୍ୟବାଦ୍ ଦେଇଥିଲେ।

## ଯାତ୍ରୀଙ୍କ ସୁବିଧା ପାଇଁ ଟ୍ରେନ୍ ରହଣି ସ୍ଥାନଗୁଡ଼ିକର ପୁନଃସ୍ଥାପନ



**ଭୁବନେଶ୍ୱର,୩୦।୮/ଏନ୍‌ଏନ୍‌ଏସ୍:** ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ବିଭିନ୍ନ ଷ୍ଟେସନରେ ଅନେକ ଗୁରୁତ୍ୱପୂର୍ଣ୍ଣ ମେଲ୍/ଏକ୍ସପ୍ରେସ୍ ଟ୍ରେନର ରହଣିସ୍ଥଳ ପୁନଃସ୍ଥାପିତ କରିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ପ୍ରତ୍ୟାହାର କରାଯାଇଥିବା ଏହି ରହଣିସ୍ଥଳଗୁଡ଼ିକୁ ଯାତ୍ରୀ ଏବଂ ଜନପ୍ରତିନିଧିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବେ ପୁନଃସ୍ଥାପିତ କରାଯାଉଛି। ଏହା ସେପ୍ଟେମ୍ବର ୧୦ରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ତଦନୁସାରେ ଟ୍ରେନ ନମ୍ବର ୧୨୮୨୨ ପୁରୀ-ଶାଲିମାର ଧଉଳି ଏକ୍ସପ୍ରେସର ରହଣି ମାର୍କୋଣା ରେଳ ଷ୍ଟେସନରେ ଏବଂ ଟ୍ରେନ ନମ୍ବର ୧୨୮୭୨ ଟିଟଲାଗଡ଼-ହାୱଡା ଇସ୍ପାତ ଏକ୍ସପ୍ରେସ ସେପ୍ଟେମ୍ବର ୧ରୁ ବାଗଦେହି ଷ୍ଟେସନରେ ପୁନଃସ୍ଥାପିତ ହେବ। ସେହିପରି ଟ୍ରେନ ନମ୍ବର ୧୮୦୦୬ ଜଗଦଲପୁର-ହାୱଡା ଏକ୍ସପ୍ରେସର ରହଣି ସେପ୍ଟେମ୍ବର ୧ରୁ ବିଶ୍ରା ଏବଂ ରାଜଖରସାୱାନ ଜଙ୍କସନ୍, ଟ୍ରେନ ନମ୍ବର ୧୮୧୧୮ ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସର ରହଣି ସେପ୍ଟେମ୍ବର ୧ରୁ ବାଗ୍‌ଦେହି ଷ୍ଟେସନ୍, ଟ୍ରେନ୍ ନମ୍ବର ୧୮୪୭୭ ପୁରୀ-ଯୋଗ ନଗରୀ ଋଷିକେଶ ଉତ୍କଳ ଏକ୍ସପ୍ରେସ୍‌ର ରହଣି ସେପ୍ଟେମ୍ବର ୧ରୁ ବସ୍ତା ଏବଂ ବିଶ୍ରା ଷ୍ଟେସନ୍, ଟ୍ରେନ ନମ୍ବର ୧୮୪୧୦ ପୁରୀ-ଶାଲିମାର ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍‌ର ରହଣି ରୂପସା ଜଙ୍କସନରେ ସେପ୍ଟେମ୍ବର ୨ରୁ ପୁନଃସ୍ଥାପନ କରାଯିବ। ସେହିପରି ଟ୍ରେନ ନମ୍ବର ୧୮୪୪୯ ପୁରୀ-ପାଟନା ବୈଦ୍ୟନାଥଧାମ ଏକ୍ସପ୍ରେସର ରହଣି ସେପ୍ଟେମ୍ବର ୨ରୁ ବର୍ଣ୍ଣପୁର ଷ୍ଟେସନ୍, ଟ୍ରେନ ନମ୍ବର ୨୨୮୭୪ ବିଶାଖାପାଟଣା-ଦୀଘା ଏକ୍ସପ୍ରେସର ରହଣି ସେପ୍ଟେମ୍ବର ୫ରୁ ଜଳେଶ୍ୱର ଷ୍ଟେସନରେ ପୁନଃସ୍ଥାପିତ ହେବ। ଟ୍ରେନ ନମ୍ବର ୨୨୮୯୦ ପୁରୀ-ଦୀଘା ଏକ୍ସପ୍ରେସର ରହଣି ସେପ୍ଟେମ୍ବର ୭ରୁ ଜଳେଶ୍ୱର ଷ୍ଟେସନରେ ପୁନଃସ୍ଥାପିତ ହେବ।

# ‘ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବିଚ୍ଛିନ୍ନାଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ବିପର୍ଯ୍ୟସ୍ତ’

**ଭୁବନେଶ୍ୱର,୩୦।୮/ଏନ୍‌ଏନ୍‌ଏସ୍:** ରାଜନୈତିକ ଇଚ୍ଛାଶକ୍ତି, ଆନ୍ତରିକତାର ଅଭାବ ପାଇଁ ବିଚ୍ଛିନ୍ନାଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ବିପର୍ଯ୍ୟସ୍ତ ବୋଲି ମୁକ୍ତ ଚିନ୍ତନମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ମିଳିତ ଆନୁକୂଲ୍ୟରେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମାସିକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପର୍ଶୁରାମ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀ ବିଭିନ୍ନ ଉଦାହରଣ ପ୍ରଦାନ କରି ମତବ୍ୟକ୍ତ କରିଥିଲେ। ଏଥିପାଇଁ ଜନ ସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ସହ ସମସ୍ତ ସଚେତନ



ଜନସାଧାରଣ ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କଲେ ଅଚିରେ ସମସ୍ତ ସମସ୍ୟା ଦୂର ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଆଲୋଚନାରେ ଅଦ୍ୱୈତ ପ୍ରସାଦ ପାତ୍ର, ସୀତାବଲ୍ଲଭ ମହାପାତ୍ର, ମହେନ୍ଦ୍ର କୁମାର ମଲ୍ଲିକ ଅଂଶଗ୍ରହଣ କରି ଅତ୍ୟନ୍ତ ଉପାଦେୟ ମତ ପ୍ରଦାନ ସହ ସମସ୍ତ କାର୍ଯ୍ୟରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି ଅବସରରେ ମିନତୀ ଷଡ଼ଙ୍ଗୀଙ୍କ ରଚିତ ପୁସ୍ତକ ‘ଭକ୍ତି, ସୁର ଧ୍ୱନି ଉନ୍ମୋଚିତ ହୋଇଥିଲା। ବନଜ ଦେବୀ ପୁସ୍ତକର ସମୀକ୍ଷା କରିଥିଲେ। ଆବାହକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହ ବିଚ୍ଛିନ୍ନାଞ୍ଚଳର ସମସ୍ୟା ସମ୍ପର୍କରେ ସମ୍ୟକ୍ ଆଲୋକପାତ ସହ ସଭା ପରିଚାଳନା କରିଥିଲେ। ନଳିନ ମହାପାତ୍ର ସୁଲଳିତ କଣ୍ଠରେ ଭଜନ ଗାନ କରିଥିଲେ। ଶେଷରେ ସୁକାନ୍ତ ପ୍ରଧାନ ଧନ୍ୟବାଦ୍ ଦେଇଥିଲେ। ଏହି ଆଲୋଚନାଚକ୍ରରେ ବହୁ ସାହିତ୍ୟିକ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ‘ଯାଆଁଳା ତୋଟାରେ ଓଡ଼ିଆ ଅସ୍ମିତାର ଚିତ୍ର ଓ ଚରିତ୍ର’ ଲୋକାର୍ପିତ



**ଭୁବନେଶ୍ୱର,୩୦।୮/ଏନ୍‌ଏନ୍‌ଏସ୍:** ବୁଦ୍ଧ ମନ୍ଦିର ସଭାକକ୍ଷରେ କାଳନ୍ଦୀ ସାମଲଙ୍କ ପୁସ୍ତକ ‘ଯାଆଁଳ ତୋଟାରେ ଓଡ଼ିଆ ଅସ୍ମିତାର ଚିତ୍ର ଓ ଚରିତ୍ର’ ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ଗୀତିକାର ପଞ୍ଚାନନ ନାୟକଙ୍କ ସମ୍ପାଦନାରେ ୧୬ଜଣ ଗବେଷକଙ୍କ ଦ୍ୱାରା ରଚନା କରାଯାଇଥିବା ନିବନ୍ଧକୁ ନେଇ ସନ୍ନିବେଶିତ ହୋଇଥିବା ଗବେଷଣାତ୍ମକ ପ୍ରବନ୍ଧଗୁଡ଼ିକ ଓଡ଼ିଆ ଅସ୍ମିତାର ସ୍ୱାକ୍ଷର ବହନ କରୁଛି। ଏହି ଲୋକାର୍ପଣ ଉତ୍ସବରେ ପଦ୍ମଶ୍ରୀ ବିନୋଦ ମହାରଣା ଉଦ୍‌ଘାଟକ, ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ ମୁଖ୍ୟଅତିଥି, ସମୀର ମହାନ୍ତି ବିଶିଷ୍ଟ ଅତିଥି, ଡ଼. ଚନ୍ଦ୍ରେଶଖର ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ଉପରୋକ୍ତ ଗବେଷଣା ପୁସ୍ତକର ୧୬ଜଣ ଗବେଷକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାଳନ୍ଦି ସାମଲଙ୍କ ଉପନ୍ୟାସ ଯାଆଁଳା ତୋଟା ୨୦୧୯ ପବିତ୍ର ମହାଷ୍ଟମୀ ଦିନ ତତ୍କାଳୀନ ଉପରାଷ୍ଟ୍ରପତି, କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବାର ୫ ବର୍ଷ ପରେ ସାରଳା ଭାଷା ସାହିତ୍ୟ ଏବଂ ପୁରାତତ୍ତ୍ୱ ଗବେଷଣା ନ୍ୟାସ ଏହି ଉପନ୍ୟାସର ଗବେଷଣାତ୍ମକ ସନ୍ଦର୍ଭ ସଙ୍କଳିତ ପୁସ୍ତକ ପ୍ରକାଶ କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିପାରିଛି ବୋଲି ଟ୍ରଷ୍ଟି ଅଜିତ ଦାସ ମତପୋଷଣ କରିଛନ୍ତି। ଉଭୟ ଯାଆଁଳା ତୋଟା ଉପନ୍ୟାସ ଏବଂ ଏହାର ସନ୍ଦର୍ଭ ସଙ୍କଳିତ ପୁସ୍ତକ ଗ୍ରାମ୍ୟ ପାନୀୟଜଳ ଏବଂ ବିକଶିତ ଗ୍ରାମର ନୀଳନକ୍ସା ଅଟେ। ଏହି ପୁସ୍ତକ ଦୁଇଟି ଗାଁ ମହିଳା ଗୋଷ୍ଠୀ ଏବଂ ଗ୍ରାମ୍ୟ ଯୁବଗୋଷ୍ଠୀଙ୍କ ପାଇଁ ଦୀର୍ଘସ୍ଥାୟୀ ରୋଜଗାର ସୃଷ୍ଟିକାରୀ ବିକଶିତ ଗ୍ରାମ୍ୟ ଅର୍ଥନୀତି ପାଇଁ ମାର୍ଗଦର୍ଶିକା ଭାବେ କାର୍ଯ୍ୟ କରି ଗ୍ରାମର ଅଣୁ ଉଦ୍ୟୋଗକୁ ଉତ୍ସାହ ପ୍ରଦାନ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ଉଦଘାଟକ ମତବ୍ୟକ୍ତ କରିଥିଲେ। ଏହି ପୁସ୍ତକ ମାଧ୍ୟମରେ ଗାଁ ପାଇଁ ପାଣି ଯୋଜନା, ଗ୍ରାମ୍ୟ ଆରମ୍ଭ ପ୍ରକଳ୍ପ ଏବଂ ଗ୍ରାମର ଅଗ୍ର ଅର୍ଥନୀତି ସୃଷ୍ଟି କରିବା ପାଇଁ ସଚେତନତା ସୃଷ୍ଟି କରିବ। ଉକ୍ତ ଉପନ୍ୟାସରେ ଗ୍ରାମର ଜଳ ସଂରକ୍ଷଣ ଅର୍ଥାତ୍ ପୋଖରୀ ଖନନ ଗାଁ ପାଇଁ ପାଣିର ଆବଶ୍ୟକତା ନିମିତ୍ତ ସଚେତନବାର୍ତ୍ତା ପ୍ରଦାନ କରୁଛି ବୋଲି ମୁଖ୍ୟଅତିଥି କହିଥିଲେ। ଗବେଷକଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭରେ ପରିପୁଷ୍ଟ ହୋଇ ସଙ୍କଳିତ ପୁସ୍ତକ ଗ୍ରାମ୍ୟ ଜଳ ଯୋଜନା, ବିକଶିତ ଓଡ଼ିଶା, ବିକଶିତ ଗ୍ରାମ ପରି ସରକାରଙ୍କ ଆଭିମୁଖ୍ୟକୁ ଅଗ୍ରସର କରାଇବ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ବିଶିଷ୍ଟ ଅତିଥି ସମୀର ମହାନ୍ତି ସ୍ପଷ୍ଟୋକ୍ତି କରିଥିଲେ। ଗୀତିକାର ତଥା ଉଦ୍‌ଘୋଷକ ବିଜୟ ମଲ୍ଲ ସଭା ସଂଚାଳନ କରିଥିବାବେଳେ ପଞ୍ଚାନନ ନାୟକ ଓ ଅଜିତ ଦାସ ସୁପରିଚାଳନା କରିଥିଲେ।


## ୧୩ରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭୁବନେଶ୍ୱର,୩୦।୮/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ଟାଙ୍ଗୀ ଓ ବେଗୁନିଆଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ସୂଚନା ପ୍ରଦାନ କରିଛନ୍ତି। ଏହି ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମାମଲା ଯଥା- ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ, ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଏବଂ ନିଯୁକ୍ତି, ବିଦ୍ୟୁତ, ଜଳ, ବୈବାହିକ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ଜମିଜମା ବା ଦେୱାନି ମାମଲାଗୁଡ଼ିକର ଆପୋଷ ବୁଝାମଣା ଜରିଆରେ ମାମଲାର ସମାଧାନ କରାଯିବ। କେବଳ ବିଚାରାଧୀନ ମାମଲା ନୁହେଁ, କଚେରିରେ ଦାୟର ହୋଇ ନ ଥିବା ପ୍ରାକ୍ ମୋକଦ୍ଦମା ଯଥା-ଚେକ୍ ବାଉନ୍ସ, ଟେଲିଫୋନ୍, ବ୍ୟାଙ୍କ ଋଣ ଅନାଦାୟ ଓ ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଦେୱାନୀ, ଫୌଜଦାରୀ ଏବଂ ସମସ୍ତ ପ୍ରକାରର ପାରିବାରିକ ବିବାଦର ଆଶୁ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଉଭୟ ପକ୍ଷଙ୍କ ସହମତିରେ ସମସ୍ୟାର ସମାଧାନ କରାଯାଇପାରିବ।

## ନଭେମ୍ବରରେ ପୁଣି ଓଡ଼ିଶା ଗସ୍ତରେ ଆସିବେ ରାହୁଲ

**ଭୁବନେଶ୍ୱର,୩୦।୮/ଏନ୍‌ଏନ୍‌ଏସ୍:** ପୁଣି ଥରେ ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ। ସେ ନଭେମ୍ବର କିମ୍ବା ଡିସେମ୍ବରରେ ଆସିବାର ସମ୍ଭାବନା ରହିଛି। ଭୋଟ୍ ଚୋରି, ଗରିବୀ, ନାରୀ ସୁରକ୍ଷା ଆଦି ପ୍ରସଙ୍ଗକୁ ନେଇ ସେ ଏକ ବିଶାଳ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, ରାହୁଲ ଗାନ୍ଧୀ ରୋଡ୍ ସୋ’ କରିବେ। ଏହି ଅବସରରେ ଅନୁଷ୍ଠିତ ବିଶାଳ ସଭାରେ ସେ ଯୋଗ ଦେବେ। ପରେ ବିଭିନ୍ନ ଜିଲ୍ଲାରେ ଆୟୋଜିତ ହେବ କାର୍ଯ୍ୟକ୍ରମ। ରାଜ୍ୟର ସମସ୍ତ ଅଞ୍ଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଅଭିପ୍ସା ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଏକାଡ଼େମିକ୍ ଫେୟାର୍



**କଟକ,୩୦।୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ନେତାଜୀ ନଗର ସ୍ଥିତ ଅଭିପ୍ସା ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଚତୁର୍ଥବାର୍ଷିକ ଏକାଡେମିକ୍ ଫେୟାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ସୁପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ଏସପି ଜୟନ୍ତ କୁମାର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଅମିତା ପତି ଏବଂ ବିଚାରକ ଭାବେ ବିଜ୍ଞାନ ଶିକ୍ଷୟିତ୍ରୀ ମନୀଷା ମହାପାତ୍ର ଓ ଶିକ୍ଷୟତ୍ରୀ ଅନୁରକ୍ତା ନାୟକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ, ଗଣିତ, ସାହିତ୍ୟ, ଆଧ୍ୟାତ୍ମିକ, ପ୍ରଦୂଷଣ ଆଦି ଅନେକ ପ୍ରକାର ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ଏହି ଏକାଡେମିକ୍ ଫେୟାରରେ କ୍ରିୟାକଳାପ ମୁଖ୍ୟ ଇପ୍ସିତା ସାହୁଙ୍କ ସହିତ ସ୍କୁଲର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ, ଅଭିଭାବକ,ଅଭିଭାବିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କଂଗ୍ରେସ ନେତୃବୃନ୍ଦଙ୍କ ୱାର୍ଡ ଅଞ୍ଚଳ ପରିଦର୍ଶନ




**କଟକ,୩୦।୮/ଏନ୍‌ଏନ୍‌ଏସ୍:** ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ପୂର୍ବତନ ମେୟର୍ ପ୍ରାର୍ଥିନୀ ଗିରିବାଳା ବେହେରା ଏବଂ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଆଜି ପୂର୍ବାହ୍ନରେ କଟକ ମହାନଗର ନିଗମର ବିଭିନ୍ନ ୱାର୍ଡ ପରିଦର୍ଶନ କରିଛନ୍ତି। ୪ ନମ୍ବର ୱାର୍ଡ ଅନ୍ତର୍ଗତ ସେକ୍ଟର-୮, ସେକ୍ଟର-୯, ବ୍ୟାଙ୍କ କଲୋନୀ, ସେକ୍ଟର-୯ ବେଲେଶ୍ୱର ମନ୍ଦିର, ମଙ୍ଗଳା ମନ୍ଦିର, ଶିବ ମନ୍ଦିର ଆଦି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ସ୍ଥାନୀୟ ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନଙ୍କ ସହିତ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୱାର୍ଡ ଅଞ୍ଚଳର ବିଭିନ୍ନ ରାସ୍ତାଘାଟ, ସ୍ୱରେଜ, ପାର୍କ ଆଦି ବୁଲି ଦେଖିଥିଲେ। ୱାର୍ଡ ଅଞ୍ଚଳରେ ହୋଇଥିବା ବିଧାୟକ ଉନ୍ନୟନ ପାଣ୍ଠିରୁ ସମସ୍ତ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଅସମ୍ପୂର୍ଣ୍ଣ କାମଗୁଡ଼ିକୁ ତୁରନ୍ତ ଶେଷ କରାଯିବ ବୋଲି ବିଧାୟିକା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିତ୍ୟାନନ୍ଦ ରାଉତରାୟ, ବିଚିତ୍ରାନନ୍ଦ ପ୍ରଧାନ, ରମେଶ ବେହେରା, ନିତ୍ୟାନନ୍ଦ ବେଉରିଆ, ଯଦୁନାଥ ବିଶ୍ୱାଳ, ଜଗଜ୍ୟୋତି ମହାପାତ୍ର, ରବି ମିଶ୍ର, ହରିବନ୍ଧୁ ମହାନ୍ତି, ମୌସୁମୀ ଘୋଷ, ସ୍ମିତା ଦାସ, ପ୍ରଦୀପ୍ତ କୁମାର ଦାସ, ରାମଚନ୍ଦ୍ର ବେହେରା, ଅଶୋକ ଚୌଧୁରୀ, ବାମଦେବ ଦାସ, ପ୍ରଫୁଲ୍ଲ ଲେଙ୍କା, ବିଜୟ କୁମାର ଓଝା, ପ୍ରତାପ ଜେନା, ଜିତେନ୍ଦ୍ର ନାୟକ ଓ ଭାସ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୌନ ନିର୍ଯାତନା ନିରାକରଣ କାର୍ଯ୍ୟକ୍ରମ

**କଟକ,୩୦।୮/ଏନ୍‌ଏନ୍‌ଏସ୍:** ଆୟକର ବିଭାଗର ଆୟକର କମିଶନରଙ୍କ ପକ୍ଷରୁ କଟକର ଆୟକର ଭବନସ୍ଥିତ କାର୍ଯ୍ୟାଳୟରେ ‘କାର୍ଯ୍ୟସ୍ଥଳୀରେ ହେଉଥିବା ଯୌନ ନିର୍ଯାତନା’ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା ଓ ତଦାରଖ ନେଇ ଗଠିତ ଆଭ୍ୟନ୍ତରୀଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କମିଟିର ସଦସ୍ୟ ଏଡିଆଇଟି ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ, ସରସ୍ୱତୀ ଶିଶୁ ମନ୍ଦିରର ଅଧ୍ୟକ୍ଷା ନନ୍ଦିତା ପଣ୍ଡା, ପ୍ରଶାସନିକ ଅଧିକାରୀ ରଶ୍ମିତା ଜେନା, ଏଡି ପ୍ରୀତିମଞ୍ଜରୀ ମହାନ୍ତି, ଆଇନଜୀବୀ ଶ୍ୱେତା ଦାଶ ଓ ସାମାଜିକ କର୍ମୀ ସଞ୍ଜୁକ୍ତା ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଏହି ଅବସରରେ ଉପରୋକ୍ତ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପ୍ରଧାନ ଆୟକର ଆୟୁକ୍ତ ଶ୍ରୀ ମହାପାତ୍ର ବକ୍ତବ୍ୟ ପ୍ରଦାନ କରି ପୋକ୍ସୋ ଆକ୍ଟ ୨୦୧୩ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ବୈଠକକୁ ଆୟକର ମୁଖ୍ୟ ଅଧିକାରୀ କ୍ଷୀତିଶ କୁମାର ମହାନ୍ତି ପରିଚାଳନା କରିଥିଲେ। କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏଥିରେ ଯୋଗଦେଇଥିଲେ।

## ‘ଭାଷା ଓ ସଂସ୍କୃତି ଗୋଟିଏ ଜାତିର ଗୌରବ ବୃଦ୍ଧି କରିଥାଏ’



**ଭୁବନେଶ୍ୱର,୩୦।୮/ଏନ୍‌ଏନ୍‌ଏସ୍:** ଭାଷା ଗୋଟିଏ ଜାତିର ପରିଚୟ ସୃଷ୍ଟି କରିବା ସହ ତାର ଗୌରବ ବୃଦ୍ଧି କରିଥାଏ। ଭାରତବର୍ଷ ବହୁଭାଷୀ ହେଲେ ମଧ୍ୟ ଦେଶର ଭାଷା ଓ ସଂସ୍କୃତି ଭାରତୀୟମାନଙ୍କ ମଧ୍ୟରେ ସମ୍ପର୍କର ସେତୁ ତିଆରି କରିଥାଏ ବୋଲି ବେଙ୍ଗାଲୁରୁଠାରେ ଥିବା ଟି.ଜି.ଟି ଗ୍ରୀନ୍ ଟେରାସେସ୍ କ୍ଲବ ହାଉସ୍‌ଠାରେ ଓଡ଼ିଶାର ଚଲାପଥ ଅନୁଷ୍ଠାନ ଓ ହରିଓମ୍ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ ବହୁଭାଷୀ ଭାଷା ଓ ସଂସ୍କୃତିର ବୈଭବତା ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଉତ୍ତର ପ୍ରଦେଶର ବିଶିଷ୍ଟ ସାହିତ୍ୟିକ ଓ ଗବେଶଷ ବର୍ଷିଆନ କବି ଅନୀଲ କୁମାର ଶ୍ରୀବାସ୍ତବ ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ହିରୟାଣା ଓ କର୍ଣ୍ଣାଟକ ବେଙ୍ଗାଲୁରୁର ଶିଳ୍ପପତି, ସମାଜସେବୀ, ପୌରାଣିକ ପ୍ରବଚକ, ବିଶିଷ୍ଟ ସଙ୍ଗୀତଜ୍ଞ ହରିଓଁ ଅଗ୍ରୱାଲା, କଳିଙ୍ଗ ବେଙ୍ଗାଲୁରୁ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ, ନିଉଜ୍ ସେଭେନର ଦକ୍ଷିଣ ଭାରତ ମୁଖ୍ୟ, ସାହିତ୍ୟିକ ରଞ୍ଜନ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ କମଳେସ କୁମାର କେଶସ୍ୱାନୀ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର ସ୍ୱାଗତ ଭାଷଣରେ ଚଲାପଥ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ଦୋକାନିଆ, ବିମଲ କୁମାର ଦାଢ଼ା, ନଗେନ୍ଦ୍ର କୁମାର ଶ୍ରୀବାସ୍ତବ, ପ୍ରଶାନ୍ତ ପ୍ରକାଶ, ନରେନ୍ଦ୍ର ଯାଦବ, ଡକ୍ଟର ଏସ.କେ.ମାଲା, ସଞ୍ଜୀବ କୁମାର ରାଓ, ବିଜୟ କୁମାର ସାହୁ, ଡ. ରଘୁନାଥନ ପଟ୍ଟୀ, ପି. କେ. ରମେଶ, ଚିନ୍ମୟ ଗନରକର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲିନାଡୁ, ଗୁଜୁରାଟ, ଜାମୁକାଶ୍ମୀର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ, ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼ ପ୍ରଭୃତି ରାଜ୍ୟରୁ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ପଦ୍ମିନୀ କେୟାର୍‌ରେ ପେରିଟୋନିଆଲ୍ ଡାଏଲିସିସ୍ କେନ୍ଦ୍ର ଲୋକାର୍ପିତ



**କଟକ,୩୦।୮/ଏନ୍‌ଏନ୍‌ଏସ୍:** କିଡ୍‌ନୀ ଅକାମିଜନିତ ଜଟିଳ ସମସ୍ୟାରେ ରୋଗୀର ଜୀବନ ରକ୍ଷା ନିମନ୍ତେ ପେରିଟୋନିଆଲ ଡାଏଲିସିସ୍ ବ୍ୟବସ୍ଥା କଟକର ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହି କେନ୍ଦ୍ରକୁ ଲୋକାର୍ପଣ କରିବା ସହ ଗ୍ରାମାଞ୍ଚଳର କିଡ୍‌ନୀ ରୋଗୀ ସୁବିଧାରେ ଏହି ଚିକିତ୍ସା ପାଇପାରିବେ ବୋଲି ଆଶା ବ୍ୟକ୍ତ କରିଥିଲେ।

‘ପଦ୍ମିନୀ କେୟାର’ ନେଫ୍ରୋଲୋଜି ବିଭାଗର ମୁଖ୍ୟ ଡା. ନବୀନ କୁମାର ମେଡି ଏ ସମ୍ପର୍କରେ ସୂଚନା ଦେଇକହିଲେ, କିଡ୍‌ନୀ ଅକାମୀଜନିତ ସମସ୍ୟାରେ କଷ୍ଟ ଭୋଗୁଥିବା ରୋଗୀର ଜୀବନ ରକ୍ଷା ନିମନ୍ତେ ମୁଖ୍ୟତଃ ଦୁଇ ପ୍ରକାର ପଦ୍ଧତିରେ ଚିକିତ୍ସା କରାଯାଇଥାଏ। ଗୋଟିଏ ହେମୋ ଡାଏଲିସିସ୍ ଓ ଅନ୍ୟଟି ପେରିଟୋନିଆଲ ଡାଏଲିସିସ୍। ପେରିଟୋନିଆଲ ଡାଏଲିସିସ୍ ପଦ୍ଧତି ଅଧିକ ସହଜ ଓ ସ୍ୱଳ୍ପ ବ୍ୟୟ ସାପେକ୍ଷ। ଏହି ଚିକିତ୍ସା ସେବା ଜଣେ ରୋଗୀ ଘରେ ରହି ଏମିତିକି ଶୋଇବା ଅବସ୍ଥାରେ ମଧ୍ୟ କରାଯାଇପାରେ, ମାତ୍ର ଏ ସମ୍ପର୍କରେ ଅନେକ ଅବଗତ ନୁହଁନ୍ତି। ସୁତରାଂ ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ପଦ୍ମିନୀ କେୟାରରେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ଦ୍ୱାରା ଲୋକେ ଉପକୃତ ହେବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଓ ହସ୍ପିଟାଲର ‘ଡିନ୍’ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା.ନିରୁପମା ଚୟନୀ, ଡା. ଆଶାରାମ ପଣ୍ଡା. ଡା. ଗାୟତ୍ରୀ ଦାସ, ଡା. ସରୋଜ ମହାନ୍ତି, ଡା. ଦୀପକ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ ଅଧିକାରୀ ଏହି ନୂତନ କେନ୍ଦ୍ରର ଉପଯୋଗ ସଂକ୍ରାନ୍ତରେ ମତ ବିନିମୟ କରିଥିଲେ। ନେଫ୍ରୋଲୋଜି ବିଭାର ସହକାରୀ ପ୍ରାଧ୍ୟାପକ ଡା. ସୁଜିତ୍ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶିବରାମ ସୁର୍, ଶୁଭେନ୍ଦୁ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜୀକରଣ ଆରମ୍ଭ



**କଟକ,୩୦।୮/ଏନ୍‌ଏନ୍‌ଏସ୍:** ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବବର୍ଗ, ଏହି ଉଦ୍ଦେଶ୍ୟ ନେଇ କଟକରେ ଆରମ୍ଭ ହେବାକୁ ଯାଉଛି ସାଂସଦ ଖେଳ ମହୋତ୍ସବ। ଏଥିପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବିଭିନ୍ନ କ୍ରୀଡ଼ାରେ ଭାଗ ନେବା ନିମନ୍ତେ ଆଜି ଜାତୀୟ କ୍ରୀଡ଼ା ଦିବସରୁ ପଞ୍ଜିକରଣ ଆରମ୍ଭ ହୋଇଛି। ସାଂସଦ ଖେଳ ମହୋତ୍ସବରେ ଭାଗ ନେବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ କଲେଜରେ ଛାତ୍ରଛାତ୍ରୀମାନେ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରୁଛନ୍ତି। ପିଲାମାନଙ୍କୁ ଖେଳ ପ୍ରତି ଆକର୍ଷିତ କରାଇବା ସହ ସମସ୍ତଙ୍କ ମଧ୍ୟରେ ଏକ ଖେଳୁଆଡ଼ ମନୋଭାବ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଏଥିରେ କ୍ରିକେଟ୍, ଭଲି, ଫୁଟବଲ, ଖୋଖୋ, କବାଡ଼ି, ମାରାଥନ୍ ଓ ପାରମ୍ପରିକ ଖେଳ ସ୍ଥାନ ପାଇଛି। ୧୭ ବର୍ଷରୁ କମ୍ ବାଳକବାଳିକା, ୨୫ ବର୍ଷରୁ କମ୍ ମହିଳା ଏବଂ ପୁରୁଷ ଏବଂ ୨୫ ବର୍ଷରୁ ଅଧିକ ମହିଳା ଏବଂ ପୁରୁଷ ଭଳି ବିଭିନ୍ନ ବର୍ଗରେ କ୍ରୀଡ଼ାବିତ୍‌ମାନେ ନିଜ ନିଜର ନାମ ପଞ୍ଜିକୃତ କରୁଛନ୍ତି। ଏହି କ୍ରୀଡ଼ା ପ୍ରତିଯୋଗିତା ପ୍ରଥମେ ପଞ୍ଚାୟତସ୍ତରୀୟ, ମଣ୍ଡଳସ୍ତରୀୟ, ବ୍ଲକସ୍ତରୀୟ ଓ ଶେଷରେ ସଂସଦୀୟ କ୍ଷେତ୍ରସ୍ତରୀୟରେ ଅନୁଷ୍ଠିତ ହେବ। ଆଜି ପ୍ରଥମ ଦିନରେ ପ୍ରାୟ ୭୦ ଜଣ କ୍ରୀଡ଼ାବିତ୍ ବିଭିନ୍ନ ପ୍ରତିଯୋଗିତା ପାଇଁ ପଞ୍ଜିକରଣ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୮ ତାରିଖରୁ ଖେଳ ଆରମ୍ଭ ହୋଇ ଡିସେମ୍ବର ୨୫ ତାରିଖ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ।

# ଭିତରକନିକାରେ ଦେଶୀୟ ପକ୍ଷୀଗଣନା ଆରମ୍ଭ



**ରାଜନଗର,୩୦।୮/ଏନ୍ଏନ୍ଏସ୍:** ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଗଣନା ଆଜିଠାରୁ ଆରମ୍ଭ ହୋଇଛି। ରାଜନଗର ବନଖଣ୍ଡ ଅଧିକାରୀ ଅଧିକାରୀ ବରଦରାଜ ଗାଓଁକର ଓ ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆଜି ଭିତରକନିକା ଜାତୀୟ ଉଦ୍ୟାନ ସ୍ଥିତ ମଠାଡ଼ିଆ, ଲକ୍ଷ୍ମୀପ୍ରସାଦ ଡିଆ ଓ ଦୁର୍ଗାପ୍ରସାଦଡିଆଠାରେ ଦେଶୀୟ ପକ୍ଷୀଙ୍କ ଗଣନା କାର୍ଯ୍ୟ ଧରି ଆରମ୍ଭ ହୋଇଛି। ଯାହା ୩୦ ଅଗଷ୍ଟରୁ ଆରମ୍ଭ ହୋଇ ୧ସେପ୍ଟେମ୍ବର ପର୍ଯ୍ୟନ୍ତ କରାଯିବ। ଏଥିରେ ଗେଣ୍ଡାଳିଆ, ଦାବେଣ୍ଡିଆ, ଅଞ୍ଜନା, ଖଇରା, ରାଣୀ ବଗ, ଛୋଟ ବଗ, ପାଣିକୁଆ, କାପରଖାଇ ପ୍ରଭୃତି ୧୦ ପ୍ରଜାତିର ଦେଶୀୟ ପକ୍ଷୀଙ୍କ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଗଣନା ନିମନ୍ତେ ୨ଟି ଟିମ୍ ଚୟନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୭ ଜଣ ଲେଖାଏଁ ସଦସ୍ୟ ଅଛନ୍ତି। ଏହି ଗଣନା କାର୍ଯ୍ୟରେ ବାଇନାକୁଲାର୍, ରେଞ୍ଜ୍ ଫାଇଣ୍ଡର ଭଳି ଅତ୍ୟାଧୁନିକ ଉପକରଣ ବ୍ୟବହାର କରାଯାଇଛି, ଯାହା ଗଣନାକୁ ଆହୁରି ସହଜ କରୁଛି।

# ମୁଖ୍ୟମନ୍ତ୍ରୀଙ୍କ ଘରେ ଧର୍ମେନ୍ଦ୍ର



**ଭୁବନେଶ୍ୱର,୩୦।୮/ଏନ୍ଏନ୍ଏସ୍:** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବାସଭବନକୁ ଯାଇ କିଛି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିପରୀତ ଦିଗରେ ଗତି କରୁଥିବା ଏହି ନେତା ଦ୍ୱୟ ହଠାତ୍ ଏକାଠି ହେବା ନିଶ୍ଚିତ ଭାବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ନେଇ ବିଭିନ୍ନ ମହଲରେ ନାନା ଗୁଞ୍ଜରଣ ହେଉଛି। ଫଳରେ ରାଜ୍ୟ ରାଜନୀତିରେ କେତେବେଳେ କ'ଣ ଘଟୁଛି, ତାହା କହିବା ମୁସ୍କିଲ ହେଉଛି। ଚର୍ଚ୍ଚା ଅନୁସାରେ, ରାଜ୍ୟର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଓ ଅଦଳବଦଳ ନେଇ ଉଭୟ ଧର୍ମେନ୍ଦ୍ର ଓ ମୋହନ କୁଆଡ଼େ ଆଲୋଚନା କରିଛନ୍ତି। ହେଲେ ତାହା ସରକାରୀ ଭାବେ କିଛି କୁହାଯାଇନାହିଁ। ଧର୍ମେନ୍ଦ୍ରଙ୍କ ସହିତ ତାଙ୍କର ଅନୁଗତ ତିନି ମନ୍ତ୍ରୀ ଉପସ୍ଥିତ ଥିଲେ। ସେମାନେ ହେଉଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେମାନଙ୍କ ଉପସ୍ଥିତି ବି ଆଲୋଚନାକୁ ରୋଚକ କରିଛି। ଟିମ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା କରିଥିବା କୁହାଯାଉଛି। ଉଭୟ ମୁଖ୍ୟମନ୍ତ୍ରୀ ଏବଂ ଧର୍ମେନ୍ଦ୍ର ସେମାନଙ୍କ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ସେମାନେ ଲେଖିଛନ୍ତି ଯେ ଏହା ସୌଜନ୍ୟମୂଳକ ସାକ୍ଷାତ ଥିବା ସହିତ ଓଡ଼ିଶାର ସ୍କୁଲ, ଗଣଶିକ୍ଷା ଏବଂ ଉଚ୍ଚ ଶିକ୍ଷା ବିଭାଗ ସହିତ ଜଡ଼ିତ ବିଭିନ୍ନ ବିଷୟରେ ଆଲୋଚନା କଲୁ। ଉଭୟ ନେତା ଯାହା କୁହନ୍ତୁନା କାହିଁକି ଏବର ରାଜନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିବା କୁହାଯାଉଛି।



ଓଡ଼ିଶା ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଅନୁସୂଚିତ ଜାତି ଓ ଜନଜାତି ସମ୍ମିଳନୀରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା



ରାଜଭବନରେ ଲୋକସଭା ବାଚସ୍ପତି, ଓଡ଼ିଶା ବିଧାନସଭା ବାଚସ୍ପତି, ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ

## କେନ୍ଦ୍ର ସାର ମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

# ରାଜ୍ୟରେ ସାର ଅଭାବ, ଚାଷୀକୁଳ ହନ୍ତସନ୍ତ

**ଭୁବନେଶ୍ୱର,୩୦।୮/ଏନ୍ଏନ୍ଏସ୍:** ସାରା ରାଜ୍ୟରେ ସାର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। କଳାବଜାର, ଅପମିଶ୍ରଣ ଏବଂ ବଜାରରେ ୟୁରିଆ ମିଳୁ ନଥିବାରୁ ଚାଷୀକୁଳ ହନ୍ତସନ୍ତ ହେଉଛନ୍ତି। ରାଜ୍ୟରେ ସାରର ଅଭାବକୁ ନେଇ କୃଷକମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛି। ବିଭିନ୍ନ ସ୍ଥାନରେ ବିଶେଷ କରି ଆଦିବାସୀ ବହୁଳ ଜିଲ୍ଲାରେ ସାର ସମସ୍ୟା ଉତ୍କଟ ହୋଇଛି। ଚାଷୀକୁଳର ଏ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେପି ନଡ୍ଡାଙ୍କୁ ପତ୍ର ଲେଖି ସାର ଯୋଗାଣରେ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଛନ୍ତି ନବୀନ। ସେ କହିଛନ୍ତି ଯେ ଓଡ଼ିଶା ଚାଷୀକୁଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ କରିବାକୁ ପଡ଼ିବ। କୃଷି ଓଡ଼ିଶା ଅର୍ଥନୀତିର ମୁଖ୍ୟ ଆଧାର। ଆମର ୭୦ ଭାଗରୁ ଅଧିକ ଲୋକଙ୍କ କୃଷି ହିଁ ଜୀବିକା ଯୋଗାଇଥାଏ। ଗତ ଦୁଇ ଦଶନ୍ଧିରେ ଓଡ଼ିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ୨୦୦୦ରେ ଚାଉଳ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଓଡ଼ିଶା ଆଜି ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଣରେ ଏକ ପ୍ରମୁଖ ରାଜ୍ୟ ହୋଇପାରିଛି। କୃଷି କ୍ଷେତ୍ରରେ ବୈଷୟିକ ଜ୍ଞାନର ପ୍ରୟୋଗ ଓ ସାର ବିହନ ଆଦିର ଉତ୍ତମ ବଣ୍ଟନ ଓଡ଼ିଶାକୁ ଏ ସଫଳତା ଆଣି ଦେଇଥିଲା। ଓଡ଼ିଶାରେ ୭.୯୪ ଲକ୍ଷ ଟନ୍ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଥିବାବେଳେ ଚାଷୀ କିନ୍ତୁ ସାର ପାଉନି। ୟୁରିଆ ସରକାରୀ ଦରଠାରୁ ଅଧିକ ଦାମରେ ବିକ୍ରି ହେଉଛି। ଓଡ଼ିଶା ସରକାରଙ୍କ ସଂସ୍ଥା



ମାର୍କଫେଡ୍ ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ରିହାତି ଦରରେ ସାର ବିକୁଛି। ତେଣୁ ଚାଷୀ ଖରିଫ ଋତୁରେ ଚାଷ କାମ ଛାଡ଼ି ସାର ପାଇଁ ରାଜରାସ୍ତାକୁ ଓହ୍ଲାଇବା ଚିନ୍ତାର ବିଷୟ ବୋଲି କହିଛନ୍ତି ନବୀନ ପଟ୍ଟନାୟକ। ଯୋଗାଣ ବ୍ୟବସ୍ଥାକୁ ପରିଚାଳନା ସହିତ ସାର ଅଭାବ ଓ ଦୁର୍ନୀତି ଯୋଗୁଁ ଚାଷୀକୁ ଆଜି ଏ ଅବସ୍ଥାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ। ୨୦୧୮ରେ ଶିଳାନ୍ୟାସ କରାଯାଇଥିବା ତାଳଚେର ସାର କାରଖାନା ୩୬ ମାସରେ ଶେଷ ହେବ ବୋଲି ଘୋଷଣା କରାଯାଇଥିଲେ ବି ସାତ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇ ନ ପାରିବା ଦୁଃଖର ବିଷୟ। ଖରିଫ୍ ଋତୁ ଆରମ୍ଭରେ ସାର ଅଭାବ ତଥା ଯୋଗାଣରେ ଚାଲିଥିବା ଅବ୍ୟବସ୍ଥାକୁ ରୋକିବାକୁ ଯଦି ପଦକ୍ଷେପ ନିଆ ନ ଯାଏ ତେବେ କୃଷି ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ସହ ଚାଷୀ ଭାଇ ଭଉଣୀଙ୍କ ଜୀବିକାକୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ସତର୍କ କରିଛନ୍ତି। ଅନ୍ୟପକ୍ଷରେ ଦଳର ବରିଷ୍ଠ ନେତା ତଥା ବିଧାୟକ ଡ. ଅରୁଣ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ସାରର ନିଅଣ୍ଟ ସ୍ଥିତି ଦେଖା ଦେଇଥିବା ବେଳେ, ସାର ବିକ୍ରିରେ ଅନିୟମିତତା, କଳାବଜାରୀ ଓ ଅତ୍ୟଧିକ ଦର ବୃଦ୍ଧି ଚାଷୀକୁଳକୁ ହନ୍ତସନ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ରାଜ୍ୟ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଛନ୍ତି, କିନ୍ତୁ କୃଷକମାନେ କ'ଣ ରାଜ୍ୟର ଲୋକ ନୁହଁନ୍ତି କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି।

## ଜିଲ୍ଲା ପ୍ରଶାସନର ପ୍ରାଥମିକ ବୈଠକ

# ଅଧିକ ଆକର୍ଷଣୀୟ ହେବ କଟକ ବାଲିଯାତ୍ରା

**କଟକ,୩୦।୮/ଏନ୍ଏନ୍ଏସ୍:** ବାଲିଯାତ୍ରା କଟକ ଉତ୍ସବ -୨୦୨୫ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରାକ୍-ପ୍ରସ୍ତୁତି ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ଚଳିତବର୍ଷ କଟକ ବାଲିଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତ୍ୟେକ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବାଲିଯାତ୍ରା ପରିସରଭୁକ୍ତ ପଡ଼ିଆର ସମଗ୍ର ଅଞ୍ଚଳକୁ ଚଳଚଞ୍ଚଳ ବ୍ୟବହାର ସହ ଯାତ୍ରୀ ପରିବହନ ଓ ଯାନବାହନ ରଖିବା ବ୍ୟବସ୍ଥାକୁ ଅଧିକ ସୁବିଧାଜନକ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ



ଚିତ୍ତାକର୍ଷକ କରିବା, କଟକ-ଇନ୍-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ସୁରକ୍ଷା ପ୍ରମାଣପତ୍ର ମାନ ସୁନିଶ୍ଚିତ କରିବାକୁ କହିଥିଲେ। ଏହି ବୈଠକରେ ସିଏମ୍‌ସି କମିଶନର ସୁଶ୍ରୀ କିରନଦିପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ସଚିବ କଟକ ଉନ୍ନୟନ କର୍ତ୍ତୃପକ୍ଷ ଶ୍ୱେତ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୧୭ରେ ବ୍ୟାଙ୍କଗୁଡ଼ିକ ଲଗାଇବେ ୨ ଲକ୍ଷ ଚାରା

# ଚାରାରୋପଣ ପାଇଁ ପୁରସ୍କୃତ ହେବ ଜିଲ୍ଲା, ପଞ୍ଚାୟତ

**ଭୁବନେଶ୍ୱର,୩୦।୮/ଏନ୍ଏନ୍ଏସ୍:** ସେପ୍ଟେମ୍ବର ୧୭ରେ ବ୍ୟାଙ୍କଗୁଡ଼ିକ ୨ ଲକ୍ଷ ଚାରା ଲଗାଇବେ। ଚାରା ରୋପଣ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଜିଲ୍ଲା, ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି।

ଆଜି ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ କହିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନକୁ ସମ୍ମାନ ଜଣାଇବା ପାଇଁ 'ଏକ ପେଡ୍ ମା କେ ନାମ' ଅଭିଯାନର ଦ୍ୱିତୀୟ ସଂସ୍କରଣର ଅଂଶ ସ୍ୱରୂପ, ଓଡ଼ିଶା ସେପ୍ଟେମ୍ବର ୧୭ରେ ୭୫ ଲକ୍ଷ ଚାରା ରୋପଣ କରିବାକୁ ପ୍ରସ୍ତୁତ ହେଉଛି। ଏହି ବିଶାଳ ରୋପଣ ଅଭିଯାନ ପରିବେଶ ସଚେତନତା ଏବଂ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଅଭିଯାନ ଅଧୀନରେ ସେପ୍ଟେମ୍ବର ଶେଷ ସୁଦ୍ଧା ୭.୫ କୋଟି ଗଛ ଲଗାଇବା ପାଇଁ ଓଡ଼ିଶାର ଲକ୍ଷ୍ୟର ଏକ ଅଂଶ। ଏହି ଅଭିଯାନରେ ବହୁ ସରକାରୀ ବିଭାଗ, ପିଏସୟୁ, ଏନଜିଓ, ଯୁବ ସଂଗଠନ ଏବଂ ସ୍ଥାନୀୟ ଅନୁଷ୍ଠାନ ସାମିଲ ହେବେ, ଯେଉଁଠାରେ ରୋପଣ କରାଯାଇଥିବା ଚାରାର ବଞ୍ଚିବା ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯିବ।

ଏହି ଅଭିଯାନରେ ଜଙ୍ଗଲ, ଗ୍ରାମାଞ୍ଚଳ, ଶିଳ୍ପ କ୍ଷେତ୍ର ଏବଂ ସମ୍ପ୍ରଦାୟର ଚାରିପାଖରେ ନିମ୍, କରଞ୍ଜ, ତେନ୍ତୁଳି, ଅର୍ଜୁନ, ପିପଳ ଏବଂ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ପ୍ରଜାତି ଗଛ ରୋପଣ ଅନ୍ତର୍ଭୁକ୍ତ। ରୋପଣ କାର୍ଯ୍ୟକଳାପ ଏକ ସାମୂହିକ ପ୍ରୟାସ ହେବ, ଯାହା ସ୍ଥାନୀୟ ସରକାରୀ ସଂସ୍ଥା, ସ୍କୁଲ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ୱେଚ୍ଛାସେବକମାନଙ୍କୁ ସଂଗଠିତ କରିବ। ସରକାର ତଦାରଖ ଏବଂ ଦାୟିତ୍ୱବୋଧ ପାଇଁ ମେରିଲାଇଫ୍ ପୋର୍ଟାଲରେ ରୋପଣ ତଥ୍ୟ ଏବଂ ଜିଓ-ଟ୍ୟାଗ୍ ହୋଇଥିବା ଫଟୋ ଅପଲୋଡ୍ କରିବାକୁ ମଧ୍ୟ ଯୋଜନା କରିଛନ୍ତି। ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ଓଡ଼ିଶାର ଶ୍ରଦ୍ଧାଞ୍ଜଳି ଏବଂ ପରିବେଶଗତ ସ୍ଥିରତା ପ୍ରତି ପ୍ରତିବଦ୍ଧତାର ପ୍ରତୀକ। ଓଡ଼ିଶାରେ 'ଏକ ପେଡ୍ ମା କେ ନାମ' ଅଭିଯାନ ପାଇଁ ଲଜିଷ୍ଟିକ୍ସରେ ରାଜ୍ୟବ୍ୟାପୀ ଏକ ସମନ୍ୱିତ ସାମୂହିକ ବୃକ୍ଷରୋପଣ ଅଭିଯାନ ସାମିଲ, ଯାହାର ଲକ୍ଷ୍ୟ ସେପ୍ଟେମ୍ବର ୧୭, ୨୦୨୫ ରେ ୭୫ ଲକ୍ଷ ଚାରା ରୋପଣ କରିବା। ଏହି ଅଭିଯାନର କାର୍ଯ୍ୟାନ୍ୱୟନରେ ଜଙ୍ଗଲ, କୃଷି ଏବଂ କୃଷକ ସଶକ୍ତିକରଣ, ପଞ୍ଚାୟତିରାଜ, ଶିଳ୍ପ ଭଳି ବହୁ ସରକାରୀ ବିଭାଗ, ଏବଂ ପିଏସୟୁ, ଏନଜିଓ, ଯୁବ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ, ପଞ୍ଚାୟତିରାଜ ପ୍ରତିଷ୍ଠାନ, ସ୍କୁଲ, କଲେଜ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସକ୍ରିୟ ଅଂଶଗ୍ରହଣ ଅନ୍ତର୍ଭୁକ୍ତ। ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ କହିଲେ ଯେ ପ୍ରମୁଖ ଲଜିଷ୍ଟିକ୍ସ ଉପାଦାନଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ହେଉଛି ରୋପଣ ସ୍ଥାନ: ଗୋଷ୍ଠୀ ଜଙ୍ଗଲ, ଗ୍ରାମ ଜଙ୍ଗଲ, ରାସ୍ତା କଡ଼ ଅଞ୍ଚଳ, ବ୍ୟକ୍ତିଗତ ଜମି ଏବଂ ଶିଳ୍ପ କ୍ଷେତ୍ର, ସ୍ଥାନୀୟ ଜଳବାୟୁ ପାଇଁ ଉପଯୁକ୍ତ ମନୋନୀତ ପ୍ରଜାତି ଚାରା, ଯେପରିକି ନିମ, କରଞ୍ଜ, ତେନ୍ତୁଳି, ପିଆଶାଳ, ଗମ୍ହାର, ଫାଶୀ, ଅର୍ଜୁନ, ହରିଡ଼ା, ବାହାଡ଼ା, ଅଁଳା ପ୍ରଭୃତି ଉପକାରୀ ଗଛ ଏବଂ ଓଉ, ଜାମୁକୋଳି, ଆମ୍ବ, ପଣସ, ପିଜୁଳି, ଆତ, ବେଲ, ଆମ୍ବଡ଼ା, ବରକୋଳି ଓ ସପେଟା ଆଦି ଫଳ ଗଛର ଚାରା ରୋପଣ ଓ ବଣ୍ଟନ, ଏବଂ ଅନ୍ୟାନ୍ୟ ନିରୀକ୍ଷଣ ଏବଂ ଦାୟିତ୍ୱ ପାଇଁ ବୃକ୍ଷରୋପଣ ତଥ୍ୟ ଏବଂ ଜିଓ-ଟ୍ୟାଗ୍ ହୋଇଥିବା ଫଟୋ ଅପଲୋଡ୍ କରିବା ପାଇଁ 'ମେରି ଲାଇଫ୍' ପୋର୍ଟାଲର ବ୍ୟବହାର, ସ୍ଥାନୀୟ କାର୍ଯ୍ୟାନ୍ୱୟନ ଏବଂ ତଦାରଖ ସହିତ ପଞ୍ଚାୟତ ଅଧିକାରୀଙ୍କୁ ଦାୟିତ୍ୱ ଦେବା, ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଦ୍ୱାରା ସଚେତନତା ବୃଦ୍ଧି ପାଇଁ ଏକ ପ୍ରଚାର ଅଭିଯାନ, ବୃକ୍ଷରୋପଣ ପରବର୍ତ୍ତୀ ଯତ୍ନ ଏବଂ ସୁରକ୍ଷା ଉପରେ ଧ୍ୟାନ, ଚାରା ବଞ୍ଚିବା ସୁନିଶ୍ଚିତ କରିବା, ଉତ୍କୃଷ୍ଟ ବ୍ୟକ୍ତିଗତ ଏବଂ ଗୋଷ୍ଠୀ ଅଂଶଗ୍ରହଣକୁ ସମ୍ମାନିତ କରିବା ପାଇଁ ପୁରସ୍କାର। ସେପ୍ଟେମ୍ବର ୧୭ ପାଇଁ ଯୋଜନା କରାଯାଇଥିବା ୭୫ ଲକ୍ଷ ଚାରା ରୋପଣ ସମେତ ଓଡ଼ିଶାର ବୃହତ ରୋପଣ ପଦକ୍ଷେପ ପାଇଁ ଲଜିଷ୍ଟିକ୍ସ ଯୋଜନା, ରାଜ୍ୟର ବନୀକରଣ ଏବଂ ପରିବେଶଗତ କାର୍ଯ୍ୟକ୍ରମ ଅଧୀନରେ ଏକ ସଂଗଠିତ ପଦ୍ଧତି ଅନୁସରଣ କରେ। ପ୍ରମୁଖ ଜିଲ୍ଲା ପ୍ରଶାସନିକ କେନ୍ଦ୍ର କିମ୍ବା ବନୀକରଣ କାର୍ଯ୍ୟାଳୟରେ ରୋପଣ ପର୍ଯ୍ୟାୟ କେନ୍ଦ୍ର ସ୍ଥାପନ କରାଯାଉଛି। ଏହି କେନ୍ଦ୍ରଗୁଡ଼ିକ ଚାରା ସଂଗ୍ରହ, ସଂରକ୍ଷଣ ଏବଂ ବଣ୍ଟନ ସ୍ଥାନ ଭାବରେ କାର୍ଯ୍ୟ କରୁଛି। ଏହି କେନ୍ଦ୍ରଗୁଡ଼ିକରୁ, ବିଭିନ୍ନ ଜଙ୍ଗଲ ବ୍ଲକ, ଗ୍ରାମ ଏବଂ ରାସ୍ତାପାଶ୍ୱର୍ ରୋପଣ ସ୍ଥାନକୁ ଚାରା ପରିବହନ କରାଯାଏ। ସ୍ଥାନୀୟ ପଞ୍ଚାୟତିରାଜ ପ୍ରତିଷ୍ଠାନ, ବନରକ୍ଷୀ ଏବଂ ସମ୍ପ୍ରଦାୟ ସଂଗଠନଗୁଡ଼ିକ ଏହି କେନ୍ଦ୍ରଗୁଡ଼ିକର ସମର୍ଥନରେ ଭୂମିସ୍ତରୀୟ କାର୍ଯ୍ୟର ସମନ୍ୱୟ କରନ୍ତି। ୨୦୨୫ ରୋପଣ ଅଭିଯାନ ପାଇଁ ଜିଲ୍ଲାୱାରୀ ସ୍ଥିରୀକରଣ ହବ୍ ଏବଂ ସେମାନଙ୍କର ସ୍ଥାନ ପାଇଁ, ଓଡ଼ିଶାର ବନ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନର ଏକ ସରକାରୀ ଡକ୍ୟୁମେଣ୍ଟ କିମ୍ବା ବିଜ୍ଞପ୍ତି ସଠିକ୍ ବିବରଣୀ ପ୍ରଦାନ କରିବ। ଏହି ହବ୍‌ଗୁଡ଼ିକ ରାଜ୍ୟର ୩୦ଟି ଜିଲ୍ଲାକୁ କଭର କରିବା ପାଇଁ ରଣନୀତିକ ଭାବରେ ଅବସ୍ଥିତ ଏବଂ ୭୫ ଲକ୍ଷ ଚାରା ରୋପଣକୁ ଦକ୍ଷତାର ସହିତ ସମର୍ଥନ କରିବା ପାଇଁ ପ୍ରସ୍ତୁତ। 'ଏକ ପେଡ୍ ମା କେ ନାମ' ଅଭିଯାନ ଭଳି ଓଡ଼ିଶାର ବୃହତ ପରିମାଣର ରୋପଣ ଅଭିଯାନ ପାଇଁ ସ୍ୱେଚ୍ଛାସେବୀ ସ୍ଥିରୀକରଣ ଏବଂ ସମନ୍ୱୟ ସରକାରୀ ସଂସ୍ଥା, ସ୍ଥାନୀୟ ଅନୁଷ୍ଠାନ ଏବଂ ସମ୍ପ୍ରଦାୟ ଗୋଷ୍ଠୀଗୁଡ଼ିକୁ ସାମିଲ କରି ଏକ ସହଯୋଗୀ ନେଟୱାର୍କ ମାଧ୍ୟମରେ ସଂଗଠିତ କରାଯାଏ। 'ଏକ ପେଡ୍ ମା କେ ନାମ ୨.୦' ଅଭିଯାନର ଅଂଶ ଭାବରେ ସେପ୍ଟେମ୍ବର ୧୭ରେ ୭୫ ଲକ୍ଷ ଚାରାରୋପଣକୁ ସଫଳ କରିବାରେ ରାଜ୍ୟର ଜିଲ୍ଲାପାଳମାନେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ଏବଂ ତତ୍ତ୍ୱାବଧାନ ଭୂମିକା ଗ୍ରହଣ କରୁଛନ୍ତି। ସେମାନଙ୍କର ଦାୟିତ୍ୱ ମଧ୍ୟରେ ରୋପଣ ସ୍ଥାନଗୁଡ଼ିକୁ ଚୂଡ଼ାନ୍ତ କରିବା ଏବଂ ଜିଲ୍ଲାଗୁଡ଼ିକରେ ଚାରା ବଣ୍ଟନ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗ (ବନ, କୃଷି, ପଞ୍ଚାୟତିରାଜ, ଶିଳ୍ପ) ସହିତ ସମନ୍ୱୟ ସ୍ଥାପନ କରିବା, ରୋପଣ କାର୍ଯ୍ୟକଳାପ ଏବଂ ବୃକ୍ଷରୋପଣ ପରବର୍ତ୍ତୀ ଯତ୍ନ ପରିଚାଳନା ପାଇଁ ସମ୍ପ୍ରଦାୟ କର୍ମୀ, ସ୍ୱେଚ୍ଛାସେବକ ଏବଂ ହିତାଧିକାରୀଙ୍କୁ ନେଇ ଗଠିତ ତୃଣମୂଳ ସ୍ତରୀୟ ଦଳଗୁଡ଼ିକୁ ସଂଗଠିତ କରିବା, ମହତ୍ୱାକାଂକ୍ଷୀ ଲକ୍ଷ୍ୟ ପୂରଣ କରିବା ପାଇଁ ସେମାନଙ୍କ ନିଜ ନିଜ ଜିଲ୍ଲାରେ ରୋପଣ ଅଭିଯାନର ସଫଳ ଭୂମିଗତ କାର୍ଯ୍ୟାନ୍ୱୟନ ତଦାରଖ କରିବା, ଉପଯୁକ୍ତ ସ୍ଥାନ ଚିହ୍ନଟ ସୁନିଶ୍ଚିତ କରିବା, ଚାରା ରୋପଣ ପ୍ରକ୍ରିୟା ତଦାରଖ କରିବା ଏବଂ ବଞ୍ଚିବା ଏବଂ ବୃଦ୍ଧି ପାଇଁ ନିରନ୍ତର ତଦାରଖ ବଜାୟ ରଖିବା, ରୋପଣ ପରବର୍ତ୍ତୀ ତିନି ବର୍ଷ ପାଇଁ ରକ୍ଷଣାବେକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ବନ ଅଧିକାରୀ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନ ସହିତ ସହଯୋଗ କରିବା, ସ୍ୱଚ୍ଛତା ଏବଂ ଟ୍ରାକିଂ ପାଇଁ ସରକାରୀ ପୋର୍ଟାଲରେ ଜିଓ-ଟ୍ୟାଗ୍ ହୋଇଥିବା ଫଟୋ ଏବଂ ରୋପଣ ବିବରଣୀ ଅପଲୋଡ୍ କରିବା ସମେତ ତଥ୍ୟ ସଂଗ୍ରହ ପରିଚାଳନା କରିବା ଓ ଜନସଚେତନତା ବୃଦ୍ଧି କରିବା ଏବଂ ଅଭିଯାନରେ ସ୍କୁଲ, ସ୍ୱୟଂ ସହାୟକ ଗୋଷ୍ଠୀ, ଏନଜିଓ ଏବଂ ସ୍ଥାନୀୟ ସଂସ୍ଥା ଭଳି ସାମୁଦାୟିକ ଅନୁଷ୍ଠାନଗୁଡ଼ିକୁ ସାମିଲ କରିବା ଅନ୍ତର୍ଭୁକ୍ତ। ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ପ୍ରକାଶ କରିଥିଲେ ଯେ ଏହି ପ୍ରୟାସଗୁଡ଼ିକ ସାମୂହିକ ଭାବରେ ବ୍ୟାପକ ସମ୍ପ୍ରଦାୟ ସଶକ୍ତିକରଣ ଏବଂ ପରିବେଶଗତ ପରିଚାଳନା ସହିତ ଏକ ସବୁଜ, ସ୍ଥାୟୀ ଓଡ଼ିଶା ପାଇଁ ରୋପଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟ ରଖିଛି। 'ଏକ ପେଡ୍ ମା କେ ନାମ ୨.୦' ଅଭିଯାନ ଅଧୀନରେ ସେପ୍ଟେମ୍ବର ୧୭ରେ ଓଡ଼ିଶାର ୭୫ ଲକ୍ଷ ଚାରା ରୋପଣ ଅଭିଯାନ ପାଇଁ ଗଣମାଧ୍ୟମ ଏବଂ ପ୍ରଚାର ସମୟସୀମା ଧାର୍ଯ୍ୟ ହୋଇଛି। ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଏହି ସମୟ ମଧ୍ୟରେ ଗଣମାଧ୍ୟମରେ ପ୍ରସାରଣ କରୁଛି, ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ଜନ ଅଂଶଗ୍ରହଣ ସୃଷ୍ଟି କରିବା ପାଇଁ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ ଏବଂ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଛି। ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଏବଂ ଜନପ୍ରତିନିଧିଙ୍କ ଅଂଶଗ୍ରହଣ ସମେତ ପ୍ରମୁଖ ଘୋଷଣା ଏବଂ ଅଭିଯାନର ମୁଖ୍ୟାଂଶଗୁଡ଼ିକ ନିୟମିତ ଭାବରେ ପ୍ରସାରିତ ହେବ। ପ୍ରସ୍ତୁତି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଗିରିଶ ଏସ. ଏନ୍, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ସ୍ୱାଇଁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି. ରାଜେଶ, ପରିବେଶ ନିର୍ଦ୍ଦେଶକ କେ. ଏସ୍. ପ୍ରଦୀପ ଓ ସମସ୍ତ ଜିଲ୍ଲାପାଳ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଓ ସୁଚିନ୍ତିତ ପରାମର୍ଶ ଦେଇଥିଲେ।

## ଖୁବ୍‌ଶୀଘ୍ର ଓରାଓଁ ସାଂସ୍କୃତିକ ସମାଜ ନିମନ୍ତେ ସ୍ଥାୟୀ ଜମି

# କରମା ପୂଜା ଆମକୁ ଶିଖାଏ ପ୍ରକୃତି ବିନା ଆମେ ଶୂନ୍ୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୮/ଏନ୍ଏନ୍ଏସ୍:** ପରିବେଶୀୟ ସଙ୍କଟ ଯେତେବେଳେ ବିଶ୍ୱକୁ ଆକ୍ରାନ୍ତ କରୁଛି, ସେତେବେଳେ କରମା ପୂଜାର ଏହି ପ୍ରକୃତି ପ୍ରେମର ସନ୍ଦେଶ ଅତ୍ୟନ୍ତ ସାମୟିକ ଏବଂ ଓରାମ୍ ଜନଜାତି ସମାଜ ଆଜି ସେହି ଏକତାର ପ୍ରତୀକକୁ ଦର୍ଶାଉଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ତରଫରୁ ଓରାଓଁ ସାଂସ୍କୃତିକ ସମାଜ ନିମନ୍ତେ ସ୍ଥାୟୀ ଜମି ପ୍ରଦାନ କରାଯିବ। ଓରାମ୍ ଜନଜାତିର ସାଂସ୍କୃତିକ ଉନ୍ନତି ନିମନ୍ତେ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯିବ। ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଓରାଓଁ ସାଂସ୍କୃତିକ ସମାଜ ପକ୍ଷରୁ ଆୟୋଜିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ କରମା ପୂଜା ଆମକୁ ଶିଖାଏ ଯେ ପ୍ରକୃତି ବିନା ଆମେ ଶୂନ୍ୟ। କରମା ପୂଜାରେ ଆମେ ଶିଖୁ ଯେ ପରିଶ୍ରମରେ ମାନ ଆଉ ପରିଶ୍ରମରେ ହିଁ ସମ୍ମାନ ମିଳିଥାଏ। କରମା ପୂଜା ଆମକୁ ଏହା ହିଁ ସ୍ମରଣ କରାଏ ଯେ କୃଷକ, ଶ୍ରମିକ, ଜନଜାତିୟ ଅଞ୍ଚଳର ସାଧାରଣ ଲୋକମାନେ ସମସ୍ତଙ୍କ ପରିଶ୍ରମରେ ରାଜ୍ୟର ଅର୍ଥନୀତିର ଭିତ୍ତି ଦଣ୍ଡାୟମାନ। ଏହି ପର୍ବର ଆଉ ଗୋଟିଏ ବଡ଼ ବିଶେଷତ୍ୱ ହେଉଛି ସମ୍ମିଳନ। ଏହି ସାମୂହିକ ଆନନ୍ଦ ଆମକୁ ଶିଖାଏ, ଏକତାରେ ହିଁ ଶକ୍ତି ଅଛି। ଆଉ ଓରାଓଁ ସମାଜ ଆଜି ସେହି ଏକତାର ପ୍ରତୀକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେତେ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୨୩ ପ୍ରତିଶତ ଆଦିବାସୀ ଲୋକଙ୍କ ବିକାଶ ହେବ ନାହିଁ, ରାଜ୍ୟର ପ୍ରଗତି ଅସମ୍ଭବ। ତେଣୁ, ଆମ ସରକାରଙ୍କ ପ୍ରଥମ ପ୍ରାଥମିକତା ହେଉଛି ଜନଜାତିଙ୍କ ଆର୍ଥିକ, ସାମାଜିକ ବିକାଶ ଓ ରାଜନୈତିକ ଉତଥାନ କରିବା। ଜନଜାତି ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ତଥା ପ୍ରଚାର ପ୍ରସାର କରିବା ପାଇଁ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ, ଆଦିବାସୀ ଲିପିକୁ ପ୍ରୋତ୍ସାହନ ଦେବା ପରି ଅନେକ ପଦକ୍ଷେପ ନିଆଯାଉଛି। ପିଏମ୍ ଜନମନ୍ ଅଧୀନରେ ପିଭିଟିଜି ବର୍ଗଙ୍କ ପାଇଁ ୪୩ଟି ଜନ ଧନ ବିକାଶ କେନ୍ଦ୍ର, ୭୪ଟି ବହୁମୁଖୀ କେନ୍ଦ୍ର ନିର୍ମାଣ କରାଯାଉଛି। କିଛି ଦିନ ତଳେ ରାଜ୍ୟ ଡିଏଫଓ ସମ୍ମିଳନୀରେ ମୋର ନିର୍ଦ୍ଦେଶ ଥିଲା, ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବସବାସ କାରୁଥିବା ଜନଜାତି ସମ୍ପ୍ରଦାୟର ଲୋକଙ୍କ ଅଧିକାର ଯେମିତି ସୁରକ୍ଷିତ ରହିବ, ସେଥିପାଇଁ ସମସ୍ତ ଅଧିକାରୀ ଯତ୍ନବାନ ରହିବେ। ଓଡ଼ିଶାର ଜନଜାତି ବର୍ଗଙ୍କୁ ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଗୁରୁତ୍ୱ ଦେଉଛୁ। ରାଜ୍ୟର ୫ ଲକ୍ଷରୁ ଊର୍ଦ୍ଧ୍ୱ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରିଛୁ। ଏଥିରୁ ୬୦ପ୍ରତିଶତ ହେଉଛନ୍ତି ବାଳିକା। ଜନଜାତି ବର୍ଗର ପିଲାମାନଙ୍କ ଶିକ୍ଷା ଲାଭ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବା ପାଇଁ ଚଳିତ ବର୍ଷ ଆମେ ୧୫ଟି ଏକଲବ୍ୟ ମଡେଲ ସ୍କୁଲ ଖୋଲିଛୁ । ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସ୍କଲାରସିପ୍ ଏବଂ ଭୋକେସନାଲ୍ ଟ୍ରେନିଙ୍ଗ୍ ବ୍ୟବସ୍ଥା କରିଛୁ। ଜନଜାତି ବର୍ଗର ପିଲାମାନଙ୍କ ମଧ୍ୟରେ ସ୍କୁଲ ଡ୍ରପ୍ ଆଉଟ୍ ହାର କମାଇବା ପାଇଁ ଶହିଦ୍ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ଆରମ୍ଭ କରିଛୁ। ଏହି ଯୋଜନାରେ ୩ ଲକ୍ଷ ପିଲାଙ୍କ ପାଠପଢା ପାଇଁ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛୁ। ଆଉ ୧୧ ବର୍ଷରେ ଆମେ ଓଡ଼ିଶା ପ୍ରଦେଶ ଗଠନର ଏକ ଶହ ବର୍ଷ ପୂର୍ତ୍ତି ପାଳନ କରିବା। ୨୦୩୬ ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଆଜିଠାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଛି। ଯଦି ଜନଜାତିଙ୍କ ବିକାଶ ହୋଇ ପାରିବ ନାହିଁ, ଯଦି ସେମାନେ ଏହି ବିକାଶ ଯାତ୍ରାରେ ସାମିଲ ହୋଇ ପାରିବେ ନାହିଁ, ଯଦି ସେମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ ସମାଜର ମୁଖ୍ୟ ସ୍ରୋତରେ ଥିବା ଲୋକଙ୍କ ସମତୁଲ ହୋଇ ପାରିବ ନାହିଁ , ତେବେ ସମୃଦ୍ଧ ଓଡ଼ିଶା ଗଠନ ଅସମ୍ଭବ। ଆମ ସରକାର ଏଥିପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି ବୋଲି ଶ୍ରୀ ମାଝୀ।



କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ କରମା ପର୍ବକୁ ଅର୍ଥନୀତି, କୃଷି, ପ୍ରକୃତି ସୁରକ୍ଷା ଓ ସାଂସ୍କୃତିକ ଐତିହ୍ୟର ମୂଳ ଭିତ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଆଦିବାସୀ ସମ୍ପ୍ରଦାୟଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପରିବେଶ ସୁରକ୍ଷା ଓ ସାଶକ୍ତିକରଣ ମାର୍ଗରେ ବିଶେଷ ପଦକ୍ଷେପ ନେଇଛି। କରମା ପର୍ବ ଆମର ଜନଜାତୀୟ ସଂସ୍କୃତି, ଆସ୍ଥା ଓ ଏକତାର ପ୍ରତୀକ। ଏଣୁ ଆମର ସାମୁହିକ ଉଦ୍ୟମ, ପରିଶ୍ରମ ଓ ସମର୍ପଣରେ ଆମର ସମ୍ପ୍ରଦାୟ ଆଗକୁ ବଢ଼ିବ। ଉକ୍ତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଞ୍ଚାସୀନ ଥିଲେ। ଓରାମ ସାଂସ୍କୃତିକ ସମାଜର ସଭାପତି ସୁଶ୍ରୀ ସୁକେଶୀ ଓରାମ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ପ୍ରେମସାଗର ଓରାମ ଧନ୍ୟବାଦ ଦେଇଥିଲେ।

ନିତିଦିନ NITIDIN

# ସାଂସଦ ଖେଳ୍ ମହୋତ୍ସବ ଉଦ୍‌ଘାଟିତ




**ଆଠଗଡ଼,୩୦।୮/ଏନ୍‌ଏନ୍‌ଏସ୍:** ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିକାଶ କରିବା ସାଂସଦ ଖେଳ୍ ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ଆଜି ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠ ଠାରେ 'ସାଂସଦ ଖେଲ୍ ମହୋତ୍ସବ'କୁ ଆଠଗଡ ତିଗିରିଆ ନିର୍ବାଚନ ମଣ୍ଡଳୀ ବିଜେପିର ବିଧାୟକ ପ୍ରାର୍ଥୀ ଅଭୟ କୁମାର ବାରିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଗାଁ ଗହଳି ଠାରୁ ସହର ମଧ୍ୟରେ ଥିବା ଲୁକାୟିତ ଖେଳାଳିମାନଙ୍କର ପ୍ରତିଭାର ବିକାଶ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଏହି କାର୍ଯ୍ୟକ୍ରମ ଆଠଗଡ ତିଗିରିଆ ନିର୍ବାଚନ ମଣ୍ଡଳୀରେ ଥିବା ୫୪ଟି ପଞ୍ଚାୟତ ଓ ଗୋଟିଏ ଏନଏସି ମଧ୍ୟରେ ଥିବା ଖେଳାଳିମାନଙ୍କର ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରୟାସ, କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ତତ୍ତ୍ୱାବଧାନରେ ଆଠଗଡ ତିଗିରିଆ ନିର୍ବାଚନ ମଣ୍ଡଳୀରେ ଏହି ସାଂସଦ ଖେଳ ମହସ୍ତବ ସମ୍ପାଦିତ ହେବ। ଆଜି ବିଶ୍ୱନାଥ ବିଦ୍ୟାପୀଠରେ ୨୮ଜଣ ନାମ ପଞ୍ଜିକୃତ କରିଛନ୍ତି। ଏହି ଉତ୍ସବରେ ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ କୁଞ୍ଜବିହାରୀ ବଡ଼ଜେନା ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଆଠଗଡ଼ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ ଏବଂ ହକିଖେଳ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିବାସହିତ ତାଙ୍କର ଜନ୍ମତିଥିକୁ ଜାତୀୟ ଖେଳ ଦିବସ ଭାବେ ଆମେ ପାଳନ କରି ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁ ଏବଂ ଖେଳ ପ୍ରତି ତାଙ୍କର ଥିବା ନିଷ୍ଠାକୁ ନେଇ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହେବା ପାଇଁ କହି ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଠଗଡ଼ ବିଆର୍‌ସିସି ରଂଜିତ ମହାନ୍ତି ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୁଷ୍ମାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ଭାଗନେବା ଲାଗି ଆଜି ଠାରୁ ନାମପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇ ଆସନ୍ତା ସେପ୍ଟେମ୍ବରମାସ ୨୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହାପରେ ତ୍ରିସ୍ତରୀୟ ଖେଳ ଆରମ୍ଭ ହୋଇ ଡିସେମ୍ବରମାସ ୨୫ ତାରିଖରେ ଶେଷ ହେବ। ଏହି ପ୍ରତିଯୋଗିତାରେ ୮ ଗୋଟି ବିଭାଗରେ ଖେଳାଳିମାନେ ଭାଗନେଇ ପାରିବେ। ପ୍ରଥମେ ପଞ୍ଚାୟତ ସ୍ତରୀୟ ଓ ଏହାପରେ ବିଧାନସଭା ସ୍ତରୀୟ ଖେଳାଳି ସୃଷ୍ଟି କରିବା। ଏଥିରେ ଆଠଗଡ ପ୍ରଶାସନ ଓ ଆଠଗଡ ତିଗିରିଆ ନିର୍ବାଚନ ମଣ୍ଡଳୀରେ ଥିବା ଖେଳାଳିମାନଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବା ଶ୍ରୀ ବାରିକ ପ୍ରତିଶ୍ରୁତି ଦେଇଥିଲେ ଏବଂ ତୁରନ୍ତ ବିଶ୍ୱନାଥ ବିଦ୍ୟାପୀଠରେ ଏକ ଖେଳଶିକ୍ଷକ ଯୋଗାଇଦେବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ପ୍ରଧାନଶିକ୍ଷୟିତ୍ରୀ କୁଷ୍ମାଞ୍ଜଳି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂଙ୍କ ସମେତ ପ୍ରତିନିଧି ମଣ୍ଡଳୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

**କୋଣାର୍କ,୩୦।୮/ଏନ୍‌ଏନ୍‌ଏସ୍:** ଶନିବାର ଅପରାହ୍ଣରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଙ୍କ ନେତୃତ୍ୱ ରେ ରାଜ୍ୟସଭା ଆସ୍ଥାନ୍ସ କମିଟିର ଅଧ୍ୟକ୍ଷଙ୍କ ସମେତ ଦୁଇଶହରୁ ଉର୍ଦ୍ଧ୍ୱ କେନ୍ଦ୍ର ସରକାରଙ୍କ ଜାତି ଜନଜାତି କମିଟି ଗୁଡିକର ଅଧ୍ୟକ୍ଷ, ଅଧ୍ୟକ୍ଷା, ସଂସଦୀୟ କମିଟିର ଅଧ୍ୟକ୍ଷ ସଦସ୍ୟ ଗଣ ତଥା ରାଜ୍ୟ ସଭା ଓ ଲୋକ ସଭାର ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟପ୍ରତିନିଧି ମଣ୍ଡଳୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ରେ ଆସି ପ୍ରଥମେ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ ବାଖ୍ୟାନ କେନ୍ଦ୍ର ନିକଟରେ ପହଞ୍ଚିଥିଲେ। ପୂର୍ବରୁ ପ୍ରସ୍ତୁତି ହୋଇ ରହିଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ ପଥପ୍ରାନ୍ତ ପାରମ୍ପରିକ ସମ୍ବଲପୁରୀ, ଗୋଟିପୁଅ, ଓଡିଶୀ ନୃତ୍ୟ ଓ ଘୋଡାନାଚ ରେ ଅତିଥିଙ୍କୁ ଭବ୍ୟସ୍ୱାଗତ ଜଣାଇବା ସହିତ ପୁରୀ ଉପ ଜିଲ୍ଲାପାଳ ରାଜକିଶୋର ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଏସପି ସୌମ୍ୟରଞ୍ଜନ ମଲ୍ଲିକ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇ ବାଖ୍ୟାନ କେନ୍ଦ୍ର ମଧ୍ୟକୁ ପାଛୋଟି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟ ରେ ଏସଆଇ ପୁରୀ ସର୍କଲ୍ ଅଧିକାରୀ ଡି.ବି ଗଡ଼ନାୟକ, ତହସିଲଦାର ଅନିଲ୍ କୁମାର ମହାନ୍ତି, ପର୍ଯ୍ୟଟନ ଅଧିକାରୀ ଅମୟା କୁମାର ସେଠୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଲୋଟସ ଗ୍ରୁପ ର ପରିଚାଳକ ଭାରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ବାଖ୍ୟାନ କେନ୍ଦ୍ର ବୁଲି ଦେଖିବା ପରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଯାଇଥିଲେ। ସୂର୍ଯ୍ୟମନ୍ଦିର କଳା ଭାସ୍କର୍ଯ୍ୟ ସ୍ଥାପତ୍ୟ ବୁଲି ଦେଖି ସେମାନେ ବିମୋହିତ ହେବା ସହ ଓଡିଶାର କୀର୍ତ୍ତିରାଜିକୁ ନେଇ ଖୁବ୍ ପ୍ରଶଂସା କରିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂର୍ଯ୍ୟମନ୍ଦିରରେ ପ୍ରଶିକ୍ଷିତ ଅଭିଜ୍ଞ ଯୁବ ଗାଇଡ୍ ପ୍ରଦୀପ୍ତ କୁମାର ମଲ୍ଲ କୋଣାର୍କ ସୂର୍ଯ୍ୟମନ୍ଦିର କଳା ସ୍ଥାପତ୍ୟ, କାରୁକାର୍ଯ୍ୟ, ସଂସ୍କୃତି ସହିତ ଐତିହାସିକ ଓ ପୌରାଣିକ ତଥ୍ୟ ଉପରେ ସେମାନଙ୍କୁ ଟିକିନିଖି ଭାବେ ବୁଝାଇ ବୁଲାଇ ଦେଖାଇଥିଲେ। ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଅଭିମୁଖେ ଗସ୍ତ କରିଥିଲେ।



## ଅସୁସ୍ଥ ହୋଇପଡ଼ିଲେ ଦିଲ୍ଲୀ ବିଧାୟକ, ହସ୍ପିଟାଲ ସ୍ଥାନାନ୍ତର

**କୋଣାର୍କ:** ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିବା କେନ୍ଦ୍ର ଜାତି ଓ ଜନଜାତି ପ୍ରତିନିଧିମଣ୍ଡଳୀ ମଧ୍ୟରୁ ଦିଲ୍ଲୀର ବିଧାୟକ ଚନ୍ଦନ ଚୌଧୁରୀ(୪୫)ଙ୍କର ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ତୁରନ୍ତ ବାଖ୍ୟାନ କେନ୍ଦ୍ର ସମ୍ମୁଖରୁ ୧୦୮ ଆମ୍ବୁଲାନ୍ସରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିବା ଜଣାପଡ଼ିଛି। ତେବେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନଥିବାରୁ ସାଧାରଣ ଆମ୍ବୁଲାନ୍ସ ଯୋଗେ ବିଧାୟକଙ୍କୁ ମେଡ଼ିକାଲ୍ ନିଆଯାଇଥିଲା। ଏତେ ସଂଖ୍ୟାରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀ ପାଇଁ ପ୍ରଶାସନ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନହେବା ଓ ବେପରୱା ମନୋଭାବକୁ ନିନ୍ଦା କରାଯାଇଛି।

## ନିଖୋଜ ହୋଇଗଲେ ଅତିଥି, ଦୁଇଘଣ୍ଟା ପରେ ମିଳିଲେ

**କୋଣାର୍କ:** ଶନିବାର ଅପରାହ୍ଣ ରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ହେଉଥିବା ଜାତୀୟ କେନ୍ଦ୍ର ଜାତି ଓ ଜନଜାତି ସମ୍ମିଳନୀ ସାରି ୨୫୬ଜଣ ସଂସଦୀୟ ପ୍ରତିନିଧିମଣ୍ଡଳୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ପୁରୀ ଜଗନ୍ନାଥ ଦର୍ଶନ ନିମନ୍ତେ ଫେରିଯାଇଥିଲା ବେଳେ ପ୍ରସାଶନର ଅବହେଳାକୁ ନେଇ ଜଣେ ସଂସଦୀୟ ପ୍ରତିନିଧି କୋଣାର୍କରେ ନିଖୋଜ ହୋଇଯାଇଥିବା ଚାଞ୍ଚଲ୍ୟକର ଖବର ମିଳିଛି। ଅତିଥି ଜଣକ ତୁରନ୍ତ ନିଜର ସାଥୀଙ୍କୁ ଏ ନେଇ ଫୋନ ମାଧ୍ୟମରେ ଜଣାଇବା ପରେ ପ୍ରଶାସନ ମହଲରେ ହଡ଼କମ୍ପ ସୃଷ୍ଟି ହୋଇଥିଲା। ତୁରନ୍ତ କୋଣାର୍କ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ କୋଣାର୍କ ପୁଲିସ ବିଭିନ୍ନ ସ୍ଥାନ ଖୋଜିବା ପରେ ଦୀର୍ଘ ଦୁଇଘଣ୍ଟା ପରେ ବାଖ୍ୟାନ କେନ୍ଦ୍ର ମୁଖ୍ୟ ପ୍ରବେଶ ଗେଟ୍ ଅପର ପଟରେ ଥିବା ସାହୁ ହୋଟେଲ ନିକଟରେ ନିଖୋଜ ସଂସଦୀୟ ଅତିଥି ବସିଥିବା ଦେଖି ତାଙ୍କୁ ଏକ ସ୍ୱତନ୍ତ୍ର କାର୍ ଯୋଗେ ପୁରୀ ପଠାଇ ଦେଇଥିବା କୋଣାର୍କ ପୁଲିସ ପକ୍ଷରୁ ସୂଚନା ମିଳିଛି। ଅତିଥିଙ୍କ ପରିଚୟ ପ୍ରଶାସନ ପକ୍ଷରୁ ଗୁପ୍ତ ରଖାଯାଇଛି।

# ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଲେ ପୁରୀର ନୂତନ ଏସ୍‌ପି



**ପୁରୀ,୩୦।୮/ଏନ୍‌ଏନ୍‌ଏସ୍:** ପୁରୀର ନୂତନ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଦାଇତ୍ୱ ଗ୍ରହଣ କରିବା ପରେ ନିଜର ଦାୟିତ୍ୱ ପ୍ରତିପାଦନ ସ୍ୱରୁପ ଶ୍ରୀ ଶଙ୍କରାଚାର୍ଯ୍ୟ-ଗୋବର୍ଦ୍ଧନ ପୀଠକୁ ଆସି ପୂଜ୍ୟପାଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଗୁରୁଦେବଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି। ଏହି ଅବସରରେ ପୂଜ୍ୟ ଗୁରୁଜୀ ମହାରାଜା ସନାତନ ସଂସ୍କୃତି ଓ ପରମ୍ପରାରେ ପୁରୀ କେବଳ ଏକ ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ର ନୁହେଁ, ଏହା ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ ଭାବରେ ପ୍ରତିଷ୍ଠିତ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ଶ୍ରୀମନ୍ଦିର ସଦା ସର୍ବଦା ବିଧର୍ମୀ ଓ କୁଚକ୍ରୀ ମାନେଙ୍କ ଦୃଷ୍ଟିରେ ରହିଛି। ଶ୍ରୀମନ୍ଦିରର ସୁରକ୍ଷା ଏକ ଚୁନୌତି। ଏହାର ଧାର୍ମିକ ବ୍ୟବସ୍ଥା ହିଁ ଏହାର ଦିବ୍ୟତା ଓ ପବିତ୍ରତା। ଏହାକୁ ନଷ୍ଟ କରିବା ପାଇଁ ଅନେକ ଅରାଜକ ତତ୍ତ୍ୱ ସଦାସର୍ବଦା ତତ୍ପର ରହିଥାନ୍ତି। ଏହା ଉପରେ କଡ଼ା ଅନୁଶାସନର ଆବଶ୍ୟକତା ଅଛି। ତୀର୍ଥରାଜ ମହୋଦଧିଙ୍କ ବିସ୍ତୀର୍ଣ୍ଣ ବେଳାଭୂମି କେବଳ ମନୋରଞ୍ଜନର କେନ୍ଦ୍ର ନହୋଇ ତୀର୍ଥଯାତ୍ରୀଙ୍କ ସୁରକ୍ଷା, ସୁବିଧା ଆଦି ପ୍ରତି ସତର୍କ ରହିବା ସହ ମାଦକ ଦ୍ରବ୍ୟ ସେବନର କେନ୍ଦ୍ର ନହେବା ଦିଗରେ ପରାମର୍ଶ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଂଙ୍କ ସହିତ ଜିଲ୍ଲା ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ସହରାଞ୍ଚଳର ବିଭିନ୍ନ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମଠର ବିଭିନ୍ନ ବିଭାଗର ପ୍ରମୁଖ କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି ବୋଲି ଶ୍ରୀଶଙ୍କରାଚାର୍ଯ୍ୟ-ଗୋବର୍ଦ୍ଧନ ପୀଠର ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ର ସୂଚନା ପ୍ରଦାନ କରିଥିଲେ।

# ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ଭାପୁର,୩୦।୮/ଏନ୍‌ଏନ୍‌ଏସ୍:** ନୟାଗଡ଼ସ୍ଥିତ ଭାପୁର ବ୍ଲକ୍ ଅନ୍ତର୍ଗତ ଟିକିରିପଡ଼ା ବାଲୁଙ୍କେଶ୍ୱରଦେବ ଆଞ୍ଚଳିକ ଡିଗ୍ରୀ କଲେଜରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାଯାଇଛି। ହେଲେ କିଛି ଛାତ୍ର କଲେଜକୁ ଆସି ଶିକ୍ଷା ବଦଳରେ ଅସାମାଜିକ କାର୍ଯ୍ୟ କରିଥାନ୍ତି ବୋଲି ଆଗରୁ ସୂଚନା ଥିବା ଜଣାଯାଇଛି। ଉକ୍ତ କଲେଜର ଦୁଇଗୋଷ୍ଠୀ ମଧ୍ୟରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ କୌଣସି ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲା ଯାହାକି ପରମୁହୂର୍ତ୍ତ ରେ ଗଣ୍ଡଗୋଳର ଆକାର ଧାରଣା କରିଥିଲା। କଲେଜ କର୍ତ୍ତୃପକ୍ଷ ସୂଚନା ପାଇ ଫତେଗଡ ଥାନାକୁ ଆଗୁଆ ଫୋନକରି ଜଣାଇଥିଲେ। ଫତେଗଡ ଥାନା ଏଏସଆଇ ପ୍ରଶାନ୍ତ କୁମାର ବିଶ୍ୱାଳ, ଏଏସଆଇ ଭାବଗ୍ରାହୀ ମଲ୍ଲିକ ଓ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଗଣ୍ଡଗୋଳ ପାଇଁ ଉଦ୍ୟମ କରୁଥିବା ଛାତ୍ର ଓ କେତେକ ଅଣଛାତ୍ର ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପୁଲିସ ଗଣ୍ଡଗୋଳ କରୁଥିବା ଛାତ୍ରମାନଙ୍କ ଅଭିଭାବକ ଓ ଛାତ୍ରମାନଙ୍କୁ ଥାନାକୁ ଡକାଇ ଉଭୟପକ୍ଷ ମଧ୍ୟରେ ଆଲୋଚନା ପରେ ଆପୋଷ ସମାଧାନ କରି ଛାଡ଼ିଥିବା ସୂଚନା ମିଳିଛି। କଲେଜରେ ଛାତ୍ରମାନଙ୍କର ଏପରି ଆଚରଣକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

# ଅଳଗୁମରେ ଜାଗୁଲେଇ ଯାତ୍ରା ଆରମ୍ଭ

**ସାକ୍ଷୀଗୋପାଳ,୩୦।୮/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକର ଅନ୍ୟତମ ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ଅଳଗୁମର ମା' ଜାଗୁଲେଇଙ୍କ ପର୍ବ ଷଷ୍ଠୀ ଓଷା ଠାରୁ ଆରମ୍ଭ ହୋଇଛି। ଷଷ୍ଠୀ ନିତି ଅନୁଯାୟୀ ମା'ଙ୍କ ମୁଖରୁ ବିରିଯାବ ଖୋଲାଯାଇଛି। ଷଷ୍ଠୀ ପରେ ସପ୍ତମୀ ଠାରୁ ଅଳଗୁମର ବାରପଡାରେ ଭୋଗ ଖାଇଥାନ୍ତି। ଏଥିପାଇଁ ସମସ୍ତ ଗାଁ ପାଇଁ ଦିନ ଧାର୍ଯ୍ୟ ହୋଇଥାଏ। ପ୍ରଥମ କରି ଟିକର ପଡାରୁ ଭୋଗଖିଆ ଆରମ୍ଭ ହୋଇଛି। ପରେ ଖଣ୍ଡାୟତ ସାହି, ବାଉଁଶଗଡିଆ,ଐଶାନ୍ୟପଡା,ବଉଳସାହି, ଜେନା ସାହି, ମାଳିସାହି, ବାଟୁଳି ପଡା ଆଦି ଗ୍ରାମରେ ମା ' ଭୋଗ ଖାଇଥାନ୍ତି। ସୂଚନାନୁଯାୟୀ, ଅଳଗୁମରେ ପୂଜିତ ମା ଜାଗୁଲେଇ ସୁଦୁର କଟକ ଜିଲ୍ଲାର ଏକ ନଦୀ ପଠାରୁ ଆସି ଏଠାରେ ରହି ଆସୁଥିବା ବେଳେ ସେତେବେଳେ ତାଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ବର୍ଷସାରା ଆଖିରେ ବିରିଜାବ ଦିଆଯାଇ ରହିଥାଏ। ଷଷ୍ଠୀ ଓଷାରେ ତାଙ୍କର ଆଖି ଖୋଲି ନଅଦିନ ଯାଏ ବାରପଡାରେ ମଣ୍ଡା,ଖିରି,ଅନ୍ନ ,ଆମିଷ ବ୍ୟଞ୍ଜନ ଆଦି ମା'ଙ୍କୁ ଲାଗି କରାଯାଇଥାଏ। ଭୋଗଖିଆ ଶେଷ ହେବାପରେ କାଠିଯାତ୍ରା ଓ ଦାନ୍ତକାଠିଆ ଅନୁଷ୍ଠିତ ହୋଇଥାଏ। ଅଞ୍ଚଳର ଏହା ଏକ ପ୍ରସିଦ୍ଧ ଯାତ୍ରା ଭାବେ ଜଣାଶୁଣା। ଆଖପାଖରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଚଳିତବର୍ଷ କାଠିଯାତ୍ରା ଶୃଙ୍ଖଳିତ ହେବ ବୋଲି ମନ୍ଦିର ପରିଚାଳନା କମିଟିରୁ ସୂଚନା ମିଳିଛି।

# ବ୍ରହ୍ମେଶ୍ୱର ମନ୍ଦିରରୁ ଚୋରି

**ଚାରିଛକ,୩୦।୮/ଏନ୍‌ଏନ୍‌ଏସ୍:** ଚାରିଛକ ମେଡିକାଲଛକ ନିକଟରେ ଥିବା ବ୍ରହ୍ମକୁଣ୍ଡୀ ଗ୍ରାମର ବ୍ରହ୍ମେଶ୍ୱର ମନ୍ଦିରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୁଚନା ମୁତାବକ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତମାନେ ମନ୍ଦିର ପରିସରରେ ଥିବା ଶିବ ମନ୍ଦିରରୁ ଶିବ ପାର୍ବତୀଙ୍କ ମୁକୁଟ, ଚେନ, ମୁଦି ମହାବୀର ମନ୍ଦିରରୁ ଠାକୁରଙ୍କ ଆଖି, ମୁକୁଟ, ରାମଚିତା, ତାରେଣୀ ମନ୍ଦିରରୁ ସୁନା ଚିତା, ରୁପାଆଖି,ନୋଥ ଓ ଭଣ୍ଡାର ଘରୁ ପିତଳ ବାସନ ଦାନବକ୍ସ ଭାଙ୍ଗି ସମସ୍ତ ଟଙ୍କା ଚୋରୀ ଯାଇଥିବା ନେଇ ମନ୍ଦିର କମିଟିର ସଭାପତି ଚକ୍ରଧର ସା ଅଭିଯୋଗ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ସହ ଏକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତସାରି ଫେରିବା ପରେ ପୁରୀ ସାଇଟିଫିକ ଟିମ୍ ପହଞ୍ଚି ସ୍ଥାନୀୟ ପୁଲିସ ସହାୟତାରେ ଛାନଭିନ୍ ଚଳାଇଛନ୍ତି। ଏଥିରେ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସଆଇ କୃଷ୍ଣଚନ୍ଦ୍ର ପୃଷ୍ଟି,ଏଏସଆଇ କୈଳାସ ଚନ୍ଦ୍ର ପ୍ରଧାନ, ଏଏସଆଇ ଇନ୍ଦୁଲତା ମିଶ୍ର, ସାଇଟିଫିକ ଟିମର ଅଫିସର ଆଦିତ୍ୟ ରଂଜନ ନାୟକ, ଫଟୋଗ୍ରାଫର ରମେଶ ଚନ୍ଦ୍ର ବାରିକ, ଲ୍ୟାବ ଆଟେଡାଣ୍ଟ ବିଶ୍ୱଜିତ ସାହୁ,କେ ନାଇନ ସ୍କ୍ୱାର୍ଡ ବିନ୍ଦୁ ସାଗର ପାଣି ପ୍ରମୁଖ ସାମିଲ ଥିଲେ। ଥାନା ଠାରୁ ମାତ୍ର ୫ଶହ ମିଟରେ ଦୂରରେ ଥିବା ମନ୍ଦିରରୁ ଚୋରମାନେ ନିର୍ଭୟରେ ଚୋରିକରିବା ପୁଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଚୋରମାନଙ୍କୁ ତୁରନ୍ତ ଧରିବାକୁ ଚାରିଛକ ଅଞ୍ଚଳବାସୀ ଜୋରଦାର ଦାବୀ କରିଛନ୍ତି।

# ସେପ୍ଟେମ୍ବର ୨୧ରୁ ପୁରୀରେ ସାଂସଦ ଖେଳ ମହୋତ୍ସବ



**ପୁରୀ,୩୦।୮/ଏନ୍‌ଏନ୍‌ଏସ୍:** କ୍ରୀଡ଼ା ଶରୀର ସୁସ୍ଥ ରହିବାରେ ଏକ ଶ୍ରେଷ୍ଠ ପନ୍ଥା। ବିଭିନ୍ନ କ୍ରିଡା ଶୃଙ୍ଖଳା, ସୁସ୍ଥତା ଓ ନୀରୋଗ ର ମହୌଷଧି ସଦୃଶ୍ୟ। ସେଥିପାଇଁ ପ୍ରଧାନମନ୍ତ୍ରୀ ଖେଳକୁ ଗୁରୁତ୍ୱ ଦେଇ ସମଗ୍ର ଦେଶରେ ସାଂସଦ ଖେଳ ମହୋତ୍ସବର ଆୟୋଜନ ବ୍ୟବସ୍ଥା କରିଛନ୍ତି ବୋଲି ପୁରୀ ସାଂସଦ ଡା ସମ୍ବିତ ପାତ୍ର ସୂଚନା ଦେଇଛନ୍ତି। ଆଜି ପୁରୀ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ପୁରୀ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡା. ପାତ୍ର ଉପସ୍ଥିତ ସମସ୍ତ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆମ ପାରମ୍ପରିକ କ୍ରୀଡ଼ାକୁ ଆଗକୁ ନେବା ଓ ହଜି ଯାଉଥିବା କ୍ରୀଡ଼ାର ପୁନରୁଦ୍ଧାର ପାଇଁ ଏହି ସାଂସଦ ଖେଳ ମହୋତ୍ସବ ଏକ ସୁନ୍ଦର ପଦକ୍ଷେପ। ସେପ୍ଟେମ୍ବର ୨୧ ତାରିଖ ଠାରୁ ଏହି ଖେଳ ପ୍ରତିଯୋଗିତା ମାଧ୍ୟମରେ ୮ ପ୍ରକାର ଖେଳକୁ ସାମିଲ କରାଯାଉଛି। ତେଣୁ କ୍ରୀଡ଼ାବିତମାନେ ସାଂସଦ ଖେଳ ମହୋତ୍ସବ ପୋର୍ଟାଲକୁ ଯାଇ ନାମ ପଞ୍ଜିକରଣ ପାଇଁ ଡା. ପାତ୍ର ପରାମର୍ଶ ଦେଇଥିଲେ। ପରେ ମହୋତ୍ସବର ଲିଫଲେଟ୍‌କୁ ସାଂସଦ ଡା. ପାତ୍ର ପ୍ରଦର୍ଶନ କରି କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିଥିଲେ।
























# ବ୍ଲକ୍ କଂଗ୍ରେସ କର୍ମୀ ସମ୍ମିଳନୀ




**ରାମନାଗୁଡ଼ା,୩୦।୮/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍‌ରେ କଂଗ୍ରେସ ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାମନାଗୁଡ଼ା ବ୍ଲକ୍ କଂଗ୍ରେସ ଦଳର ସଭାପତି ବାଞ୍ଛାନିଧି ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବ୍ଲକ୍ ବରିଷ୍ଠ କଂଗ୍ରେସ ନେତା ନୀଳମାଧବ ସାହୁ, ଜିଲ୍ଲାପରିଷଦ ସଭ୍ୟ ତାଙ୍ଗାଡୁ ଶ୍ରୀଧର, ସାଂସଦ ପ୍ରତିନିଧି ଜି ପ୍ରସାଦ ରାଓ ଓ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ୧୨ଟି ପଞ୍ଚାୟତର ସମସ୍ତ କର୍ମୀଙ୍କ ସହ ସୁବିଧା ଅସୁବିଧା ବୁଝିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ଜଳସେଚନ ଓ ଅନ୍ୟାନ୍ୟ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ସୁଧୀର ଗୁରୁ, ପ୍ରକାଶ କଣ୍ଡାଗରୀ,ପୂର୍ବତନ ସରପଞ୍ଚ କେଶବ ନିମାଲା, ଯୁବନେତା ରଞ୍ଜିତ ନାୟକ ବେହେରା, ଯୁବନେତା ପିଙ୍କୁ ଲାବଲା, ଜଗଦୀଶ ମଣ୍ଡାଙ୍ଗୀ, ସତ୍ୟ ଚୌଧୁରୀ, ଅଭିରାମ ଓ ସୁଦର୍ଶନଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

ଆର୍ଏମ୍‌ସିରେ ପଥ ଉତ୍ସବ

# ସ୍ୱଚ୍ଛ ଓ ସୁସ୍ଥ ରାଉରକେଲା ଗଠନ କରିବାକୁ ଆହ୍ୱାନ

**ରାଉରକେଲା,୩୦।୮/ଏନ୍ଏନ୍ଏସ୍:** ରାଉରକେଲା ମହାନଗର ନିଗମ ପକ୍ଷରୁ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆର୍ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରୁ ହନୁମାନ ବାଟିକା ଛକ ପର୍ଯ୍ୟନ୍ତ ସାଜସଜ୍ଜା, ନୃତ୍ୟ, ଗୀତ, ହାସ୍ୟ ଅଭିନେତାଙ୍କ କମେଡ଼ି ସହ ଫୁଡ୍ ଷ୍ଟଲ୍‌ରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ଶୋଭା ପାଇଥିଲା। ସକାଳ ୬ଟା ୩୦ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ବର୍ଗର ଲୋକେ ସାମିଲ ହୋଇଥିଲେ। ଏହି ମନୋରଞ୍ଜନଭିତ୍ତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଓଲିଉଡ୍ ଗାୟକ ଟି ସୌରୀ, ସତ୍ୟଜିତ ପ୍ରଧାନ, ଗାୟିକା ବର୍ଣ୍ଣାଳୀ ହୋତା, ଲିପ୍ସା ମହାପାତ୍ର, ହାସ୍ୟାଭିନେତା ବାପି, ବଂଶୀ ବାଦକ ବିଭୁ ଦାସ, ଉପସ୍ଥାପିକା ତଥା ଅଭିନେତ୍ରୀ ଅଙ୍କିତା ମହାନ୍ତି, ଆର୍‌ଜେ ଗୁଡ୍ଡି ଓ



ଉପସ୍ଥାପକ ତଥା ଅଭିନେତା କୈଳାସ ପାତ୍ର (କେପି) ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ, ବ୍ୟାୟାମ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବା ସହ ମହିଳାଙ୍କ ଦ୍ୱାରା ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଲୁକା ଶିଳ୍ପୀଙ୍କ ଦ୍ୱାରା ରାଉରକେଲା ମହାନଗର ନିଗମ ଲଗୋର ଚିତ୍ର ସହ ବାଲୁକା କଳା ଅଙ୍କିତ କରାଯାଇଥିଲା। ସ୍ୱାୟତ୍ତ ଶାସନ ଦିବସ ଅବ୍ୟବହିତ ପୂର୍ବରୁ ରାଉରକେଲା ମହାନଗର ନିଗମ ପକ୍ଷରୁ ଏହି ପଥ ଉତ୍ସବ କରାଯାଇ ସହରବାସୀଙ୍କୁ ସ୍ୱଚ୍ଛ ଓ ସୁସ୍ଥ ରାଉରକେଲା ଗଠନ ପାଇଁ ଆହ୍ୱାନ କରାଯାଇଛି। କିଛି ମାସ ବ୍ୟବଧାନରେ ଏହି ପଥ ଉତ୍ସବ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଇସ୍ପାତ୍ କାରଖାନା (ଡିଆଇସି) ପରିଚାଳନା ନିର୍ଦ୍ଦେଶକ ଆଲୋକ ବର୍ମା, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସମେତ ଆର୍ଏମ୍‌ସି ଆୟୁକ୍ତ ଦିନା ଦସ୍ତଗିର, ଯୁଗ୍ମ ଆୟୁକ୍ତ ପଲ୍ଲବ ନାଏକ, ଉପପୌରାୟୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ, ଅନୀତା ନାଏକ, ତରୁଣକାନ୍ତଙ୍କ ସହ ଆର୍ଏମ୍‌ସି କର୍ମଚାରୀ ବୃନ୍ଦ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ନିଗମ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

ଅପରାଧୀ ଆକାଶ ମହୁରିଆ ମୃତ୍ୟୁ ମାମଲା

# ଏସ୍‌ଆଇ ଶିବ ସାହୁ ଗିରଫ

**ଜୟପୁର,୩୦।୮/ଏନ୍ଏନ୍ଏସ୍:** ଦୁର୍ଦ୍ଦାନ୍ତ ଅପରାଧୀ ଆକାଶ ମହୁରିଆଙ୍କ ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚ ପୁଲିସ ପୂର୍ବତନ ଏସ୍‌ଆଇ ଶିବ ଶଙ୍କର ସାହୁଙ୍କୁ ଗିରଫ କରିଛି। ଶୁକ୍ରବାର ଶିବ କଳାହାଣ୍ଡି ଜିଲ୍ଲାର ଏକ ଗଣେଶ ପୂଜା ବଜାରରେ ବୁଲୁଥିବା ସମୟରେ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଶିବଙ୍କୁ ଜୟପୁର ଆଣି ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିବା ପରେ ଜୟପୁର କାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶଥାଉକି ୨୦୧୭ ମସିହାରେ ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ଥିବା ଅଭିଯୁକ୍ତ ଆକାଶକୁ ପୁଲିସ ଗୋଡ଼ାଉଥିବା ସମୟରେ ଗାଡ଼ିରୁ ପଡ଼ି ମୃତ୍ୟୁବରଣ କରିଥିବା ନେଇ ଟାଉନ୍ ଥାନାରେ ମାମଲା ହୋଇଥିଲା। ଏନେଇ ଆକାଶ ମହୁରିଆଙ୍କ ଭଉଣୀ ହ୍ୟୁମାନ୍ ରାଇଟସ୍‌ରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କ୍ରାଇମ୍‌ବ୍ରାଞ୍ଚ ପୁଲିସ ଏକ ମାମଲା ରୁଜୁ କରି ପୂର୍ବତନ ଟାଉନ୍ ଥାନାଧିକାରୀ ତପନ ରଥ, ଏସ୍‌ଆଇ ଶିବ ଶଙ୍କର ସାହୁ, ଏସ୍‌ଆଇ ବଳିଆର ସିଂହ ଓ ଏସ୍‌ଡିପିଓ ରାଜେନ୍ଦ୍ର ସେନାପତିଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ତଦନ୍ତକାରୀ ଅଧିକାରୀ ଭାବେ ଶିବ ଶଙ୍କର ସାହୁ ଥିବା ଯୋଗୁ ତାଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ସେହିଦିନଠାରୁ ଶିବ ଚାକିରିରୁ ନିଲମ୍ବିତ ହୋଇଥିଲେ।

# ଜିଲ୍ଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ



**ମାଲକାନଗିରି,୩୦।୮/ଏନ୍ଏନ୍ଏସ୍:** ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପଡ଼ିଆ ବ୍ଲକ୍ ଗସ୍ତ କରି ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାକାର ସ୍ୱାସ୍ଥ୍ୟ ଭିତ୍ତିଭୂମି ତଦାରଖ କରିବା ସହ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରିବାକୁ କହିଥିଲେ। ସେହିପରି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେଠାରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଗ୍ରାମୀଣ ପାଠାଗାର ମଧ୍ୟ ପରିଦର୍ଶନ କରି ଜିଲ୍ଲାପାଳ ଭିତ୍ତିଭୂମି ତଦାରଖ କରିଛନ୍ତି। ଜିଲ୍ଲାପାଳ ଉଣ୍ଡରୁକୋଣ୍ଡାରେ ଥିବା କନ୍ୟାଶ୍ରମ, ପିଏମ୍‌ଶ୍ରୀ ସ୍କୁଲ୍, ଆମ ବ୍ୟାଙ୍କ ସୁବିଧା କେନ୍ଦ୍ର ଓ ଘରୋଇ ଉତ୍ପାଦ ୟୁନିଟ୍ କେନ୍ଦ୍ର ବୁଲି ଦେଖିବା ସହ ସେଠାରେ ଚାଲିଥିବା କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାପନପାଲ୍ଲୀରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମି ଦେଖିବା ସହ ଅଙ୍ଗନବାଡ଼ି କେନ୍ଦ୍ର ଓ ଏମ୍‌ଭି-୫୮ରେ ଥିବା କୁକୁଡ଼ା ଫାର୍ମ ବୁଲି ଦେଖିଥିଲେ। ଏହି ସମୟରେ ଜିଲ୍ଲାପାଳଙ୍କ ସହ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ପଡ଼ିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ରଙ୍କ ସମେତ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ।

ଜୁନିୟର୍ ବାଳିକା ଆନ୍ତଃଜିଲ୍ଲା ହକି ପ୍ରତିଯୋଗିତା

# ଝାରସୁଗୁଡ଼ା ୮-୦ ଗୋଲ୍‌ରେ ବିଜୟୀ

**ଝାରସୁଗୁଡ଼ା,୩୦।୮/ଏନ୍ଏନ୍ଏସ୍:** ହକି ଆସୋସିଏସନ୍ ଓଡ଼ିଶା ଦ୍ୱାରା ବିଶ୍ରା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍ ଓ ପାନପୋଷ ହକି ଷ୍ଟାଡିୟମ୍‌ରେ ଜୁନିୟର୍ ବାଳିକା ବର୍ଗର ଆନ୍ତଃଜିଲ୍ଲା ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଝାରସୁଗୁଡ଼ା ଜିଲ୍ଲା ବାଳିକା ଦଳ ମାଲକାନଗିରି ଜିଲ୍ଲା ଜୁନିୟର୍ ବାଳିକା ଦଳ ସହ ପ୍ରଥମ ମ୍ୟାଚ୍ ଖେଳି ୮-୦ ଗୋଲ୍‌ରେ ବିଜୟୀ ହୋଇଛି । ଦଳ ପକ୍ଷରୁ ଇଭା ମାଝୀ ଓ ଉଷା ଅନିନ୍ଦ ହାଟ୍ରିକ୍ ଲେଖାଏଁ, ମିଳନ ଟପୋ ଓ ଅରଚିତା ଜୋଜୋ ୨ଟି ଗୋଲ୍ ଦେଇଛନ୍ତି। ଏହି ବିଜୟୀ ଦଳକୁ ଝାରସୁଗୁଡ଼ା ଜିଲ୍ଲାପାଳ ତଥା ହକି ଆସୋସିଏସନ୍‌ର ସଭାପତି କୁଣାଲ ମୋତିରାମ ଚୌହାନ, ଜିଲ୍ଲା ହକି ସଂଘର ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଝାରସୁଗୁଡ଼ା ଜିଲ୍ଲା ହକି ସଂଘର ବରିଷ୍ଠ ସଭ୍ୟ ତଥା ହକି ଆସୋସିଏସନ୍ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ରଙ୍କ ସମେତ ହକି ସଂଘର କର୍ମକର୍ତ୍ତାମାନେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଦଳରେ କୋଚ୍ ପ୍ରଫୁଲ୍ଲ କୁଲୁ ରହିଥିବା ବେଳେ ମ୍ୟାନେଜର୍ ସୁଶ୍ରୀ ଗୀତାଞ୍ଜଳୀ ମହାନ୍ତ ରହିଛନ୍ତି।




# ଜରାଜୀର୍ଣ୍ଣ ଅବସ୍ଥାରେ ୧୧୯ କଲୋନୀ ରାସ୍ତା ଓ ନାଳନର୍ଦ୍ଦମା

**ମାଲକାନଗିରି,୩୦।୮/ଏନ୍ଏନ୍ଏସ୍:** ମାଲକାନଗିରି ସଦର ମହକୁମାରେ ଥିବା ୧୧୯ କଲୋନୀର ରାସ୍ତା ଏବଂ ନାଳନର୍ଦ୍ଦମା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏଠାରେ ଅଧିକାଂଶ ସରକାରୀ ଚାକିରିଆ ବ୍ୟକ୍ତିମାନେ ରହନ୍ତି। ହେଲେ ଯେଉଁମାନେ ଜିଲ୍ଲାର ଉନ୍ନତି କଥା ଚିନ୍ତା କରନ୍ତି ସେମାନଙ୍କ ରହିବା ସ୍ଥାନ

## ପରିମଳ ନାଁରେ କୋଟି କୋଟି ହଡ଼ପ

ଦୀପତଳ ଅନ୍ଧାର ପରି ସବୁଠୁ ଅବହେଳିତ। ବହୁ ସ୍ଥାନରେ ମୁକୁଳା ନର୍ଦ୍ଦମା ରହିଛି। ନର୍ଦ୍ଦମା ଉପରେ ସିମେଣ୍ଟ ନିର୍ମିତ ଆବରଣ ନାହିଁ। ଆଉ କେଉଁଠି ନର୍ଦ୍ଦମା ନଥିବାରୁ ବର୍ଷା ହେଲେ ପାଣି ରାସ୍ତାରେ ପ୍ରବାହିତ ହେଉଛି। କେଉଁଠି ନର୍ଦ୍ଦମା ଆବର୍ଜନା ଦ୍ୱାରା ଅବରୋଧ। ପରିଷ୍କାର ପରିଚ୍ଛନ୍ନ ଯେମିତି ହେବାକଥା ହେଉନି। ୧୧୯ କଲୋନୀରେ ବ୍ଲିଚିଂ ପାଉଡର୍ ପଡୁନାହିଁ କି ମଶା ଦମନ ପାଇଁ ମଶା ନିବାରଣ ଦ୍ରବଣ ଓ ଧୂଆଁ ଗାଡ଼ି ମଧ୍ୟ ବ୍ୟବହୃତ ହେଉନାହିଁ। ବର୍ଷା ଋତୁ ହେତୁ ମଶାଙ୍କ ପ୍ରାଦୁର୍ଭାବ ଅସହ୍ୟ ହେଉଥିବା ବେଳେ ମ୍ୟାଲେରିଆ ଓ ଡେଙ୍ଗୁ ହେବାର ଆଶଙ୍କା ଯଥେଷ୍ଟ ଅଧିକ ରହିଛି। ପରିମଳ ନାଁରେ କୋଟି କୋଟି ଟଙ୍କା ଚାଲୁ ହେଉଛି। ଯଦି ପରିମଳ ସମ୍ପର୍କରେ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ପରିଦର୍ଶନ କରନ୍ତେ ତା'ହେଲେ କାର୍ଯ୍ୟର ସଠିକ୍ ପରିଚାଳନା ହୋଇପାରନ୍ତା।



ଅନ୍ୟପଟେ ୧୧୯ କଲୋନୀର ବହୁ ଗଳିକନ୍ଦି ରାସ୍ତା ବର୍ଷ ବର୍ଷ ଧରି ସେମିତି ଖାଲଖମା ହୋଇପଡ଼ି ରହିଛି। ଦୁଃଖର ବିଷୟ କାଉନସିଲର୍‌ଠାରୁ ଆରମ୍ଭ କରି ପୌରପରିଷଦ ଅଧ୍ୟକ୍ଷ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରି ନଥିବା ଜଣାପଡ଼ିଛି। ଇତିମଧ୍ୟରେ ମାଲକାନଗିରି ମ୍ୟୁନିସିପାଲଟିକୁ ଅନେକ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଆସି ବିଦାୟ ନେଲେଣି। ମାତ୍ର ୱାର୍ଡ ଗୁଡ଼ିକ ବୁଲି କ'ଣ କ'ଣ ସମସ୍ୟା ରହିଛି ତାହା ଦୃଷ୍ଟିଗୋଚର ହେଉନାହିଁ। ଯିଏ ବି ଅଫିସ୍‌ର ହୋଇ ଆସିଲେ ସେ ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିଥିବାରୁ କର୍ମଚାରୀମାନେ ମଧ୍ୟ ଢିଲା। କେଉଁଠି ଷ୍ଟ୍ରିଟ୍ ଲାଇଟ୍ ଜଳୁଛି କି ନାହିଁ ଏହାର ମଧ୍ୟ ତଦାରଖ କରାଯାଉ ନାହିଁ। କହିବାକୁ ଗଲେ ପୌରପରିଷଦର କ୍ଷେତ୍ର କର୍ମଚାରୀମାନେ ସମ୍ପୂର୍ଣ୍ଣ ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ଏଠାରେ ଅନେକ ସମସ୍ୟା ରହିଥିଲେ ହେଁ ସମାଧାନ ଲାଗି ଆନ୍ତରିକତାର ଘୋର ଅଭାବ ଦେଖାଦେଇଛି।

# ବଚସାରୁ ଗୋଷ୍ଠୀ ସଂଘର୍ଷ, ୩ ଗିରଫ

**ରାଉରକେଲା,୩୦।୮/ଏନ୍ଏନ୍ଏସ୍:** ସେକ୍ଟର୍-୩ ପୁଲିସ୍ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୋହିତ ହରିପା, ଭିଆଇପି ମାର୍କେଟର୍ ସୁଜିତ ବାଗ ଓ ଯଶପାଲ ସିଂ। ସଂଘର୍ଷରେ ବ୍ୟବହୃତ କଡ଼ା ଜବତ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରୋହିତ ସେକ୍ଟର୍-୫ସ୍ଥିତ ସୁରୁଚି ବଜାର ନିକଟରେ ଚା' ପିଉଥିଲେ। ସେଠାରେ ସୁଜିତ ଓ ଯଶପାଲ ନିଶାଶକ୍ତ ଅବସ୍ଥାରେ କୌଣସି କାରଣକୁ ନେଇ ପରସ୍ପର ମଧ୍ୟରେ ବଚସା କରୁଥିଲେ।

**ପୌର ପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ**

ନିବେଦନ

ଆମର ଲକ୍ଷ୍ୟ:-

ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ଆ.ସେ
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ
ଅଧ୍ୟକ୍ଷ,
ଉପାଧ୍ୟକ୍ଷ ଓ ସମସ୍ତ ପରିଷଦ ବୃନ୍ଦ

# ୧୩ରୁ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୁନ୍ଦରଗଡ଼,ରାଉରକେଲା,୩୦।୮/ଏନ୍ଏନ୍ଏସ୍:** ବିନା ମୂଲ୍ୟରେ ଜନସାଧାରଣଙ୍କୁ ଆଇନ ସେବା ଯୋଗାଇବା ପାଇଁ ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧୀକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ସେପ୍ଟେମ୍ବର ୧୩ ତାରିଖ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ସୁନ୍ଦରଗଡ଼ ଅଦାଲତ ସମେତ ରାଉରକେଲା, ବଣାଇ, ରାଜଗାଙ୍ଗପୁର, ହେମଗିରି ଓ ବୀରମିତ୍ରପୁର ଅଦାଲତ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ମୋକଦ୍ଦମାସ୍ତରୀୟ ସାଲିସ୍‌ଯୋଗ୍ୟ ଫୌଜଦାରୀ, ଚେକ୍ ବାଉନ୍ସ ସମ୍ବନ୍ଧୀୟ, ମୋଟରଯାନ ଦୁର୍ଘଟଣାଜନିତ, ଶ୍ରମ ବିବାଦ, ବିଦ୍ୟୁତ୍, ଜଳ, ଅନ୍ୟାନ୍ୟ ବିଲ୍ ଦେୟଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ) ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଅବସରକାଳୀନ ପ୍ରାପ୍ୟ ସହିତ ଜଡ଼ିତ, ଉଚ୍ଚନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ରାଜସ୍ୱ, ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଫଇସଲା ହେବ। ପ୍ରାକ୍ ମୋକଦ୍ଦମାସ୍ତରୀୟ (ଅଦାଲତରେ ଦାୟର ହୋଇନଥିବା), ଚେକ୍ ବାଉନ୍ସ ସମ୍ବନ୍ଧୀୟ, ଟଙ୍କା ପୁନରୁଦ୍ଧାର, ଶ୍ରମ ବିବାଦ, ସ୍ଥାୟୀ ଲୋକ ଅଦାଲତର ଅନ୍ୟାନ୍ୟ ଦେୱାନୀ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ମୋକଦ୍ଦମାର ଫଇସଲା ହେବ। ସକାଳ ୧୦ଟାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷା ଶିଖାରାଣୀ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହାର ଲାଭ ସମସ୍ତ ଜନସାଧାରଣ ଉପଲବ୍ଧ କରିବା ଦରକାର ବୋଲି ପ୍ରାଧିକରଣ ସଚିବ ଡକ୍ଟର୍ ରୀନତି ମିଶ୍ର ସୂଚନା ଦେଇଛନ୍ତି।

# ବ୍ରାଉନସୁଗର୍ ଜବତ, ଜଣେ ଗିରଫ

**ରାଉରକେଲା,୩୦।୮/ଏନ୍ଏନ୍ଏସ୍:** ପ୍ଲାଣ୍ଟ ସାଇଟ୍ ପୁଲିସ୍ ବ୍ରାଉନସୁଗର୍ ଜବତ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମହମ୍ମଦ ଇମ୍ରାନ୍ ଆଲମ୍। ଅଭିଯୁକ୍ତଠାରୁ ୩୪ ଗ୍ରାମ୍ ଓଜନର ହେରୋଇନ୍, ଗୋଟିଏ ମୋବାଇଲ୍ ଓ ନଗଦ ୭୦୦ ଟଙ୍କା ଜବତ ହୋଇଛି। ଏସ୍‌ଆଇ ସିଦ୍ଧାର୍ଥ ସିଂ ଓ ତାଙ୍କ ଦଳ ପାଟ୍ରୋଲିଂ କରୁଥିବା ବେଳେ ସହରର ଜନଗହଳି ଅଞ୍ଚଳ ଟ୍ରାଫିକ୍ ଗେଟ୍ ନିକଟରେ ବ୍ରାଉନସୁଗର୍ ବିକ୍ରି ନେଇ ତାଙ୍କୁ ସୂଚନା ମିଳିଥିଲା। ସେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଜଗି ରହିଥିଲେ। କିଛି ସମୟ ପରେ ଅଭିଯୁକ୍ତ ବ୍ରାଉନସୁଗର୍ ଧରି ସେଠାରେ ପହଞ୍ଚିଥିଲା। କିନ୍ତୁ ଏହାକୁ ବିକ୍ରି କରିବା ପୂର୍ବରୁ ସେଠାରେ ଜଗି ରହିଥିବା ପୁଲିସ୍ ତାକୁ ଧରିଥିଲା। ଜବତ ବ୍ରାଉନସୁଗର୍‌ର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌରପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
At/Ps- Jatani, Dist-Khordha (Odisha), Pin-752050
E-mail – municipalityjatni@gmail.com, Phone. No. 0674- 2490826

**ସର୍ବସାଧାରଣ ନିମନ୍ତେ ସୂଚନା**

ଜଟଣୀ ପୌର ପରିଷଦ

**କେନ୍ଦ୍ରାପଡ଼ା ପୌରପରିଷଦ, କେନ୍ଦ୍ରାପଡ଼ା**

"ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫" ପାଳନ ଅବସରରେ କେନ୍ଦ୍ରାପଡ଼ା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି।

ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରି ଚାଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ। ଦିନକୁ ୨ଥର ଆପଣଙ୍କ ଘରକୁ ଏହି ଗାଡ଼ି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି। ଅଳିଆ ସଂଗ୍ରହ ଗାଡ଼ି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ।
୨. ରାସ୍ତା ଅବରୋଧ କରି ଇଟା, ଗୋଡ଼ି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ।
୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ), ଟିନ, ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଏଣୁ ଏ ସବୁ ବ୍ୟବହାର କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।
୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ...
୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାରେ ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ। ...

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି
ନିର୍ବାହୀ ଅଧିକାରୀ

ଆକବରୀ ଖାତୁନ
ଉପାଧ୍ୟକ୍ଷା

ଶ୍ରୀମତୀ ସରିତା ସାହୁ
ଅଧ୍ୟକ୍ଷା

ନିତିଦିନ NITIDIN
ରବିବାର, ୩୧ ଅଗଷ୍ଟ ,୨୦୨୫

ନିତି ଭାରତୀ

ମହାନ ବ୍ୟକ୍ତିମାନଙ୍କ ପାଇଁ ଧର୍ମ ବନ୍ଧୁତ୍ୱ ସୃଷ୍ଟି କରିବାର ଏକ ମାଧ୍ୟମ; ନୀଚ ଲୋକମାନେ ଧର୍ମକୁ ଏକ ଲଢ଼େଇ କରିବାର ଉପକରଣରେ ପରିଣତ କରିଥାନ୍ତି।

- ଡକ୍ଟର ଏପିଜେ ଅବ୍ଦୁଲ୍ କଲାମ୍



ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା...

ମନୋଜ କୁମାର ମହାପାତ୍ର

# ଧାର୍ମିକତା ଓ ଆଧ୍ୟାତ୍ମିକତା କ'ଣ ?

ସମଗ୍ର ପୃଥିବୀର ଅଧିକାଂଶ ଲୋକ ପ୍ରାୟତଃ କୌଣସି ନା କୌଣସି ଧର୍ମରେ ବିଶ୍ୱାସ ରଖନ୍ତି। ଖୁବ୍ କମ୍ ଲୋକ ନାସ୍ତିକ, କିନ୍ତୁ ନାସ୍ତିକଙ୍କ ମଧ୍ୟରୁ ଅନେକେ ନୈତିକ ମୂଲ୍ୟବୋଧରେ ବିଶ୍ୱାସୀ। ଏକ ଆନ୍ତର୍ଜାତିକ ସର୍ଭେ ସଂସ୍ଥା (ଜିଆଇଏ) ନିକଟରେ ଆକଳନ କରିଛନ୍ତି ଯେ ବିଭିନ୍ନ ସର୍ବେକ୍ଷଣ ପଦ୍ଧତି ଓ ପରିଭାଷା ଅନୁଯାୟୀ ପୃଥିବୀର ଲୋକସଂଖ୍ୟାର ୧୦ ପ୍ରତିଶତ ଲୋକ ନାସ୍ତିକ ଏବଂ ଧାର୍ମିକତା ସହିତ ସମ୍ବନ୍ଧ ନ ରଖିଥିବା ଲୋକ, ଯଥା- ନାସ୍ତିକ, ଅଜ୍ଞେୟବାଦୀ ଓ ଧର୍ମ-ବିହୀନମାନଙ୍କର ସଂଖ୍ୟା ପାଖାପାଖି ୧୬-୨୫ ପ୍ରତିଶତ। ଅବଶିଷ୍ଟ ଲୋକ ଆସ୍ତିକ ଓ ଧାର୍ମିକ। କିନ୍ତୁ ଭାରତରେ ଧର୍ମ-ବିଶ୍ୱାସୀଙ୍କ ସଂଖ୍ୟା ବେଶୀ, ଅର୍ଥାତ୍ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ କହିଲେ ଅତ୍ୟୁକ୍ତି ହେବନି। କିନ୍ତୁ ଧାର୍ମିକ ହେବା ବଡ଼ କଥା ନୁହେଁ, ଆଧ୍ୟାତ୍ମିକ ମଣିଷ କେତେ ଜଣ ? ଆଧ୍ୟାତ୍ମିକତା ଓ ଧାର୍ମିକତା ଭିତରେ ରହିଛି ଆକାଶ-ପାତାଳ ପ୍ରଭେଦ। ଯିଏ ଧାର୍ମିକ, ତାଙ୍କୁ ଆଧ୍ୟାତ୍ମିକ ବୋଲି କହିବା କଷ୍ଟଦାୟକ। ଜଣେ ଧାର୍ମିକ ବ୍ୟକ୍ତି ଆଧ୍ୟାତ୍ମିକ ହେଇପାରେ, କିନ୍ତୁ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ଧାର୍ମିକ ହେବାର ଆବଶ୍ୟକତା ନାହିଁ। ଆଜିକାଲି ଲୋକଙ୍କ ପରିଧାନ ଓ ବେଶଭୂଷା ଏବଂ ପ୍ରବଚନ ଦେବାର ଶୈଳୀ ଏପରି ବିଚିତ୍ର ହେଲାଣି ଯେ ସେମାନଙ୍କ ଭିତରୁ ପ୍ରକୃତ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱକୁ ଠାବ କରିବା ଦୁରୂହ ବ୍ୟାପାର। ପାଠ ନାହିଁ ଶାଠ ବେଶୀ।

ପାଠକେ ଆସନ୍ତୁ ବାସ୍ତବରେ କିଏ ପ୍ରକୃତ ଆଧ୍ୟାତ୍ମିକ, ସେ ବିଷୟରେ ବୃହଦାରଣ୍ୟକ ଉପନିଷଦର ଋଷି ଉଦ୍ଦାଳକ ଓ ଋଷି ଯାଜ୍ଞବଲକ୍ୟଙ୍କ ସଂଳାପ ଉପରେ ଦୃଷ୍ଟିପାତ କରିବା। ଏକଦା ରାଜା ଜନକ ଏକ ବଡ଼ ଯଜ୍ଞର ଅନୁଷ୍ଠାନ କରିଥିଲେ ଯେଉଁଠିକୁ ଶହଶହ ବିଦ୍ୱାନ ଓ ବ୍ରହ୍ମଜ୍ଞାତା ଆମନ୍ତ୍ରିତ ହେଇ ଯଜ୍ଞ-ମଣ୍ଡପ ସନ୍ନିକଟ ସଭା-କକ୍ଷରେ ଉପସ୍ଥିତ ଥିଲେ। ରାଜା ଜନକ ଘୋଷଣା କରିଥିଲେ ଯେ ଯିଏ ନିଜକୁ ଶ୍ରେଷ୍ଠ ବ୍ରହ୍ମଜ୍ଞାତା ଭାବରେ ପ୍ରମାଣିତ କରି ପାରିବ, ତାଙ୍କୁ ଦିଆଯିବ ହଜାରେ ଗାଈ। କେହି ଆଗକୁ ଆସି କହିବା ପାଇଁ ସାହସ କଲେନି। ଯଜ୍ଞ ମଣ୍ଡପରେ ନିରବତା ଖେଳିଗଲା। ହଠାତ୍ ଋଷି ଯାଜ୍ଞବଲକ୍ୟ ଠିଆ ହେଇ ନିଜର ଜଣେ ଶିଷ୍ୟଙ୍କୁ କହିଲେ ସବୁତକ ଗାଈ ନେଇଯିବା ପାଇଁ। ଉପସ୍ଥିତ ବ୍ରାହ୍ମଣ କ୍ରୋଧିତ ହୋଇଗଲେ ଏବଂ ଚିତ୍କାର କରି ପ୍ରଶ୍ନ କଲେ ଯେ ସେ ନିଜକୁ ସର୍ବଶ୍ରେଷ୍ଠ ବୁଦ୍ଧିମାନ କହିବାକୁ କେମିତି ସାହସ କଲେ ? ଶେଷରେ ରାଜା ଜନକଙ୍କର ପୁରୋହିତ ଅଶ୍ୱଳ ଯାଜ୍ଞବଲକ୍ୟଙ୍କୁ ପଚାରିଲେ- ତୁମର କ'ଣ ବିଶ୍ୱାସ ହେଉଛି ଯେ ତୁମେ ଆମମାନଙ୍କଠାରୁ ବୁଦ୍ଧିମାନ ? ଯାଜ୍ଞବଲକ୍ୟ ଉତ୍ତର ଦେଲେ- ମୁଁ ସମସ୍ତ ବୁଦ୍ଧିମାନଙ୍କୁ ନମନ କରୁଛି। କିନ୍ତୁ ମୋର ଗାଈ ଆବଶ୍ୟକ, ମୋତେ ଆପଣମାନେ ବ୍ରହ୍ମ-ଜ୍ଞାନ ଉପରେ ପ୍ରଶ୍ନ ପଚାରି ପାରନ୍ତି। ଉପସ୍ଥିତ ବିଦ୍ୱାନ ଜଣକ ପରେ ଜଣେ ପ୍ରଶ୍ନ ପଚାରିଲେ। ସମସ୍ତଙ୍କୁ ସେ ପରାଜିତ କଲେ। ଶେଷରେ ଋଷି ଉଦ୍ଦାଳକ ସମ୍ବୋଧନ କରି କହିଲେ- ଯାଜ୍ଞବଲକ୍ୟ, ଆମେ ଦୁଇଜଣ ମଦ୍ର ଦେଶରେ କପ୍ୟଙ୍କ ଗୃହରେ ଛାତ୍ର ଭାବେ ରହୁଥିଲେ, ତାଙ୍କର ପତ୍ନୀଙ୍କୁ ଜଣେ ଦିବ୍ୟ ଗାୟକ ଗନ୍ଧର୍ବ ବନ୍ଧକରେ ରଖିଲେ। ଆମେ ଗନ୍ଧର୍ବକୁ ପଚାରି ଥିଲେ ସେ କିଏ ? ସେ ଉତ୍ତର ଦେଲେ ଯେ ସେ କବନ୍ଧ ଏବଂ ତତ୍‌ପଶ୍ଚାତ୍ କପ୍ୟଙ୍କୁ ସେ ପ୍ରଶ୍ନ ପଚାରିଲେ- ତୁମେ ସେହି ସୂତ୍ରକୁ ଜାଣିଛ କି ଯାହା ଉପରେ ଏହି ଜୀବନ, ଆଗାମୀ ଜୀବନ ଓ ସବୁ ପ୍ରାଣୀ ବନ୍ଧା ହୋଇଛନ୍ତି ? କପ୍ୟଙ୍କୁ ଏହାର ଉତ୍ତର ଜଣା ନଥିଲା। ଗନ୍ଧର୍ବ ପୁଣି ପଚାରିଲେ- ତୁମେ ସେହି ଆନ୍ତରିକ ଶାସକକୁ ଜାଣିଛ କି ଯିଏ ଭିତରେ ରହି ଏହି ଜୀବନ, ଆଗାମୀ ଜୀବନ ଓ ସବୁ ପ୍ରାଣୀଙ୍କୁ ନିୟନ୍ତ୍ରିତ କରନ୍ତି ? କପ୍ୟଙ୍କୁ ଉତ୍ତର ଜଣା ନଥିଲା। ପୁଣି ଗନ୍ଧର୍ବ ପଚାରିଲେ- ଯିଏ ଏହି ସୂତ୍ର (ସୂତା) ଓ ସେହି ଅନ୍ତର୍ଯାମୀଙ୍କୁ ଜାଣିଛନ୍ତି, ସେ ବ୍ରହ୍ମଙ୍କୁ ଜାଣନ୍ତି ଓ ଲୋକ ସମୂହକୁ ଜାଣିଛନ୍ତି, ଦେବତାଙ୍କୁ ଜାଣିଛନ୍ତି, ବେଦକୁ ଜାଣିଛନ୍ତି, ପ୍ରାଣୀମାନଙ୍କୁ ଜାଣିଛନ୍ତି, ଆତ୍ମା ଓ ସବୁ ବସ୍ତୁକୁ ଜାଣିଛନ୍ତି। ସେଦିନ ଗନ୍ଧର୍ବ ଯାହା ଶିଖାଇଲେ, ସେସବୁ ମୁଁ ସ୍ୱୟଂ ଜାଣିଛି।

ଋଷି ଉଦ୍ଦାଳକ ପଚାରିଲେ- ହେ ଯାଜ୍ଞବଲକ୍ୟ, ଯଦି ତୁମେ ସେହି ସୂତା ଓ ଅନ୍ତର୍ଯାମୀଙ୍କୁ ଜାଣିବା ବିନା କେବଳ ବୁଦ୍ଧିମାନଙ୍କର ଗାଈକୁ ନେଇଯିବ, ତେବେ ତୁମେ ଶାପିତ ହେବ। ଯାଜ୍ଞବଲକ୍ୟ କହିଲେ- ମୁଁ ସେହି ସୂତା ଓ ଅନ୍ତର୍ଯାମୀଙ୍କୁ ଜାଣିଛି। ଉଦ୍ଦାଳକ କହିଲେ- କେହି ବି କହିପାରେ ମୁଁ ଜାଣିଛି, ମୁଁ ଜାଣିଛି ବୋଲି। ଆମକୁ ବତାଅ ତୁମେ କ'ଣ ଜାଣିଛ ? ଏବେ ଯାଜ୍ଞବଲକ୍ୟ ଉତ୍ତର ଦେଲେ- ଜୀବନର ସୂକ୍ଷ୍ମ ସିଦ୍ଧାନ୍ତ ସେହି ସୂତା ଅଟେ, ଯାହା ଉପରେ ଏହି ଜୀବନ, ଆଗାମୀ ଜୀବନ ଏବଂ ସବୁ ପ୍ରାଣୀ ବନ୍ଧା ପଡ଼ିଛନ୍ତି। ସେଥିପାଇଁ ଯେବେ କୌଣସି ବ୍ୟକ୍ତି ମରିଯାଏ, ତେବେ ଲୋକେ କୁହନ୍ତି ଯେ ତା'ର ଅଙ୍ଗ ଶିଥିଳ ହୋଇ ଗଲାଣି। କାହିଁକି ନା ଯେତେବେଳ ପର୍ଯ୍ୟନ୍ତ ସେ ଜୀବିତ ରହିଥାଏ, ସେ ଜୀବନର ସେହି ସିଦ୍ଧାନ୍ତ ଦ୍ୱାରା ଏକା ସାଙ୍ଗରେ ବନ୍ଧିତ ରହିଥାଏ।

ଉଦ୍ଦାଳକ କହିଲେ- ଅବଶ୍ୟ ଏହା ସତ୍ୟ। ଯାଜ୍ଞବଲକ୍ୟ ଏବେ ଅନ୍ତର୍ଯାମୀଙ୍କ ବିଷୟରେ କହିଲେ- ଯିଏ ପୃଥିବୀ ଉପରେ ନିବାସ କରନ୍ତି, କିନ୍ତୁ ପୃଥିବୀରୁ ପୃଥକ୍ ଅଟନ୍ତି, ଯାହାକୁ ପୃଥିବୀ ଜାଣେନି। ଯାହାର ଶରୀର ପୃଥିବୀ ଅଟେ, ଅର୍ଥାତ୍ ଯିଏ ପୃଥିବୀ ଭିତରୁ ନିୟନ୍ତ୍ରଣ କରନ୍ତି, ସେହି ଆତ୍ମା ଅନ୍ତର୍ଯାମୀ, ଅମର ଅଟନ୍ତି। ଯିଏ ଜଳରେ ବାସ କରନ୍ତି, ପରନ୍ତୁ ଜଳରୁ ପୃଥକ୍, କିନ୍ତୁ ଜଳ ଜାଣେନି ତାଙ୍କୁ, ଯାହାର ଶରୀର ଜଳରେ ଅଛି ଓ ଯିଏ ଭିତରୁ ଜଳକୁ ନିୟନ୍ତ୍ରଣ କରନ୍ତି, ସେ ହିଁ ଆତ୍ମା, ଆନ୍ତରିକ ଅମର ଶାସକ ଅଟନ୍ତି। ଯିଏ ଅଗ୍ନି, ବାୟୁ, ଆକାଶ, ସ୍ୱର୍ଗ, ଚାରି ଦିଗ, ସୂର୍ଯ୍ୟ, ଚନ୍ଦ୍ରମା, ତାରାରେ ବାସ କରନ୍ତି, କିନ୍ତୁ ସେମାନେ ତାଙ୍କୁ ଜାଣନ୍ତିନି। କିନ୍ତୁ ସେ ସେମାନଙ୍କଠାରୁ ପୃଥକ୍। ଯିଏ ସବୁ ପ୍ରାଣୀ ଭିତରେ ବାସ କରନ୍ତି, କିନ୍ତୁ କେହି ତାଙ୍କୁ ଜାଣନ୍ତିନି, ସେ ହିଁ ଅନ୍ତର୍ଯ୍ୟାମୀ ଶାଶ୍ୱତ ଆତ୍ମା। ଯିଏ ଗନ୍ଧ, ବାଣୀ, ଦୃଷ୍ଟି, ଶ୍ରବଣ ଓ ସ୍ପର୍ଶରେ ବାସ କରନ୍ତି, କିନ୍ତୁ ସେ ସେମାନଙ୍କଠାରୁ ପୃଥକ୍। ସେମାନେ ତାଙ୍କୁ ଜାଣନ୍ତିନି, କିନ୍ତୁ ସେ ସମସ୍ତଙ୍କ ଭିତରେ ରହି ସେମାନଙ୍କୁ ନିୟନ୍ତ୍ରଣ କରନ୍ତି, ସେ ହିଁ ଅନ୍ତର୍ଯାମୀ ଓ ଶାଶ୍ୱତ ଶାସକ ଆତ୍ମା। ଯିଏ ମନରେ ନିବାସ କରନ୍ତି, କିନ୍ତୁ ମନରୁ ସେ ପୃଥକ୍, ଯାହାଙ୍କୁ ମନ ଜାଣେନା, ଯାହାର ଶରୀର ମନ ଅଟେ ଏବଂ ଯିଏ ମନ ଭିତରୁ ନିୟନ୍ତ୍ରଣ କରନ୍ତି, ସେ ହିଁ ଆତ୍ମା, ଆନ୍ତରିକ ଶାଶ୍ୱତ ଶାସକ। ଯିଏ ବୁଦ୍ଧି ଭିତରେ ନିବାସ କରନ୍ତି, କିନ୍ତୁ ବୁଦ୍ଧି ତାହାଙ୍କୁ ଜାଣେନା, ଯାହାର ଶରୀର ବୁଦ୍ଧି ଅଟେ, ଏବଂ ଯିଏ ବୁଦ୍ଧି ଭିତରୁ ନିୟନ୍ତ୍ରଣ କରନ୍ତି, ସେ ହିଁ ଆତ୍ମା, ଆନ୍ତରିକ ଶାଶ୍ୱତ ଶାସକ। ସେ ଅଦୃଶ୍ୟ, କିନ୍ତୁ ଦ୍ରଷ୍ଟା। ସେ ଅଶ୍ରୁତ, କିନ୍ତୁ ଶ୍ରୋତା, ଅକଳ୍ପନୀୟ, କିନ୍ତୁ ପରମ-ବିଚାରକ, କିନ୍ତୁ ଜ୍ଞାତା। ତାଙ୍କ ବ୍ୟତୀତ କେହି ଶ୍ରୋତା ନାହାନ୍ତି, ଅନ୍ୟ କେହି ନାହାନ୍ତି। ସେ ହିଁ ଆତ୍ମା, ଆନ୍ତରିକ ଶାସକ ଯିଏ ଅମର ଅଟନ୍ତି। ଯାହାସବୁ ଆତ୍ମା ନୁହେଁ, ସେସବୁ ନଷ୍ଟ ହୋଇଯାନ୍ତି। ଉଦ୍ଦାଳକ ଚୁପ୍ ହେଲେ ଏବଂ ତାଙ୍କୁ କେହି ଆଉ ପ୍ରଶ୍ନ ପଚାରି ନଥିଲେ।

କହିବାର ତାତ୍ପର୍ଯ୍ୟ ଯେ ପୂଜାପାଠ, ଉପାସନା, ବାର ମାସରେ ତେର ଓଷା, ଶାସ୍ତ୍ରର ଅଧ୍ୟୟନ, ତୀର୍ଥ ଭ୍ରମଣ ଇତ୍ୟାଦି ଯିଏ କରେ, ସେ ଜଣେ ଧାର୍ମିକ ନିଶ୍ଚିତ, କିନ୍ତୁ ଯିଏ ନିଜକୁ ନ ଜାଣିଛି, ସେ ଈଶ୍ୱରଙ୍କୁ ଜାଣି ପାରିବନି। ସେ ଭୌତିକ ଜ୍ଞାନର ଭଣ୍ଡାର ହୋଇପାରେ, କିନ୍ତୁ ତା' ପକ୍ଷେ ଆତ୍ମ-ଜ୍ଞାନ ବହୁ ଦୂରରେ ରହିଯାଏ। ଆତ୍ମ-ଜ୍ଞାନର ଉଦୟ ନ ଘଟିଲେ, ଈଶ୍ୱର ବା ସ୍ରଷ୍ଟାଙ୍କର ଟେର୍ କେମିତି ମିଳିବ ? ଆତ୍ମ-ଜ୍ଞାନ ସମ୍ବନ୍ଧରେ ଆମର ଉପନିଷଦ ଶତମୁଖର। ନିଜର ଆତ୍ମାଙ୍କୁ ଜାଣିବା ପାଇଁ ବିଭିନ୍ନ ପଦ୍ଧତି ଉପନିଷଦ ଓ ପ୍ରକରଣ ଶାସ୍ତ୍ରରେ ବର୍ଣ୍ଣିତ ହେଇଛି। ସେଥି ମଧ୍ୟରୁ ଦୃଶ୍ୟ-ଜଗତ ଓ ଦ୍ରଷ୍ଟାଙ୍କୁ ପୃଥକ୍ କରି ସାଧନା ଆରମ୍ଭ କଲେ ଆମେ ଜାଣି ପାରିବା ଯେ ଆତ୍ମା ଯିଏ, ସେ ହିଁ ଈଶ୍ୱର ବା ବ୍ରହ୍ମ, ଯାହା ଉଦ୍ଦାଳକ ଋଷି ଓ ଯାଜ୍ଞବଲକ୍ୟଙ୍କ ସଂଳାପରୁ ଆମେ ଶିଖିଲେ। ଏହି ପ୍ରକାଶମୟ ଜଗତର ସମସ୍ତ ବସ୍ତୁ- ଜୀବ ହେଉ କି ଅଜୀବ- ସଭିଙ୍କ ପଶ୍ଚାତରେ ବିରାଜିତ ଏକ ଓ ଅଦ୍ୱୈତ ବ୍ରହ୍ମ, ଯିଏ ଅନ୍ତର୍ଯାମୀ ରୂପରେ ଶାଶ୍ୱତ ନିୟନ୍ତକ ଅଟନ୍ତି।

ଅବଶ୍ୟ ଧର୍ମ ଆମକୁ ଶିକ୍ଷା ଦିଏ ସେହି ଈଶ୍ୱରଙ୍କୁ ଜାଣିବା ମାନବ-ଜୀବନର ଏକମାତ୍ର ଲକ୍ଷ୍ୟ। କିନ୍ତୁ ପରିତାପର ବିଷୟ ଯେ ଆମେ ଆନୁଷ୍ଠାନିକ ଧାର୍ମିକ ଆଚାର-ବ୍ୟବହାରକୁ ପାଳନ କରି ତାହାରି ଭିତରେ ମଜ୍ଜି ଯାଆନ୍ତି ଏବଂ ବାହାରକୁ ବାହାରି ପାରନ୍ତିନି। ଜୀବନ-ଅବଧି ସରିଯାଏ, କିନ୍ତୁ ନିଜ ଆତ୍ମାର ଟେର୍ ପାଆନ୍ତିନି, ଈଶ୍ୱର ତ ଦୂରର କଥା। ସ୍ୱାମୀ ବିବେକାନନ୍ଦ ଚମତ୍କାର କଥାଟିଏ ରାଜଯୋଗରେ ଲେଖିଛନ୍ତି - ଆମେ ଜାଣନ୍ତି ଯେ ମନର ଶକ୍ତି ରହିଛି ଯାହାକୁ ପ୍ରତିବିମ୍ବ କୁହନ୍ତି। ଉଦାହରଣ ସ୍ୱରୂପ, ମୁଁ ଆପଣଙ୍କୁ କହୁଛି, ସେହି ସମୟରେ ମୁଁ ବି ଠିଆ ହୋଇଛି ଜଣେ ଦ୍ୱିତୀୟ ବ୍ୟକ୍ତି ଭାବରେ, ମୁଁ ଯାହା କହୁଛି ଓ ତାହା ଜାଣୁଛି ଓ ଶୁଣୁଛି। ତାହାର ଅର୍ଥ ହେଲା ଯେ ଅନ୍ତଃକରଣ ସ୍ୱୟଂକୁ ନିରୀକ୍ଷଣ କରିବାର ସାମର୍ଥ୍ୟ ରହିଛି। କଠ ଉପନିଷଦ (୧.୩.୧୩)ରେ କୁହାଯାଇଛି- ବିବେକଶୀଳ ବ୍ୟକ୍ତି ଶବ୍ଦକୁ ମନରେ ବିଲୀନ କରିଦେବା ଉଚିତ, ତାକୁ ଅହଙ୍କାର ଭିତରେ ବିଲୀନ କରିଦେବା ଉଚିତ, ଯିଏକି ଜ୍ଞାତା ଅଟନ୍ତି, ପୁଣି ଅହଙ୍କାରକୁ ମହାନ-ଆତ୍ମାରେ ବିଲୀନ କରିଦେବା ଉଚିତ। ତତ୍‌ପଶ୍ଚାତ୍ ମହାନ-ଆତ୍ମାଙ୍କୁ ଶାନ୍ତିପୂର୍ଣ୍ଣ ଆତ୍ମାରେ ବିଲୀନ କରିଦେବା ଉଚିତ। ବିଲୟର ଅର୍ଥ ହେଉଛି ଯେ ନିମ୍ନତରକୁ ଛାଡ଼ିଦେବା ଏବଂ ଉଚ୍ଚତରକୁ ଧରି ରଖିବା। ଧାର୍ମିକ ଜୀବନରେ ଆମେ ଏହା କରୁଛନ୍ତି କି ? କାହିଁକି କରିପାରୁ ନାହାନ୍ତି ?

ଯେହେତୁ ଆମେ ସ୍ରଷ୍ଟାଙ୍କୁ ନିଜଠାରୁ ପୃଥକ୍ ଭାବନ୍ତି ଏବଂ ତାଙ୍କୁ ପାଇବା ପାଇଁ ଯେଉଁ ପୂଜାର୍ଚ୍ଚନାରେ ମାତନ୍ତି, ତା'ର ଫଳ ସ୍ୱରୂପ ଆମେ ସେଥିରେ ମଜ୍ଜି ଆତ୍ମ-ନିରୀକ୍ଷଣରୁ ଦୂରେଇ ଯାଆନ୍ତି। ଆତ୍ମ-ନିରୀକ୍ଷଣ ଦ୍ୱାରା ଆମେ ସିନା ଜାଣି ପାରିବା ଯେ ବୁଦ୍ଧିରେ ପ୍ରତିବିମ୍ବକୁ। ସେଥିପାଇଁ କଠ ଉପନିଷଦରେ ବର୍ଣ୍ଣିତ- ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକଂ, ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନି। ତମେବ ଭାନ୍ତମନୁଭାନ୍ତି ସର୍ବଂ ତସ୍ୟ ଭାସ୍ୟ ସର୍ବମିଦଂ ବିଭାତି। ସେଠାରେ ସୂର୍ଯ୍ୟ ପ୍ରକାଶମାନ ହୋଇ ପାରିବେନି ତଥା ଚନ୍ଦ୍ରମା ଆଭାହୀନ ହେଇଯାନ୍ତି, ସମସ୍ତ ତାରା ଜ୍ୟୋତିହୀନ ହୋଇଯାନ୍ତି, ସେଠାରେ ବିଦ୍ୟୁତ ବି ଚମକନ୍ତିନି, କୌଣସି ପାର୍ଥିବ ଅଗ୍ନି ସେଠାରେ ପ୍ରକାଶିତ ହୁଅନ୍ତିନି। କାହିଁକି ନା ଯାହା କିଛି ପ୍ରକାଶମାନ, ସେସବୁ ତାଙ୍କର ଜ୍ୟୋତିର ପ୍ରତିଚ୍ଛାୟା କେବଳ। ତାଙ୍କର ଆଭା ଯୋଗୁଁ ସମସ୍ତ ପ୍ରତିଭାସିତ ହୋଇଥାନ୍ତି।

ମୋଟାମୋଟି କହିବାକୁ ଗଲେ, ଯେତେବେଳେ ମନୁଷ୍ୟ ଉପଲବ୍ଧି କରେ ଯେ ଏକ ଓ ଅଦ୍ୱୈତ ସତ୍ତା ହିଁ ଆତ୍ମା ବା ବ୍ରହ୍ମ, ସେତେବେଳେ ହିଁ ବିଭିନ୍ନତାର ଧର୍ମରୁ ସେ ନିସ୍ତାର ପାଇଯାଏ। ଧର୍ମ ଅବଶ୍ୟ ପଥ ପ୍ରଦର୍ଶନ କରେ ଏକ ଓ ଅଦ୍ୱୈତଙ୍କୁ ଜାଣିବା ପାଇଁ, କିନ୍ତୁ ଯିଏ ଧର୍ମର ନିଗଡ଼ ଭିତରେ ରହିଯାଏ, ସେ କେବେ ବି ଆଧ୍ୟାତ୍ମିକ ହୋଇ ପାରିବନି ବୋଲି ଅଦ୍ୱୈତ ବେଦାନ୍ତର ବଳିଷ୍ଠ ମତ। ଏହା ହିଁ ଧାର୍ମିକତା ଓ ଆଧ୍ୟାତ୍ମିକତା ଭିତରେ ଆକାଶ-ପାତାଳ ପ୍ରଭେଦ।■



ମିହିର ପ୍ରତାପ ଦାସ

# ୟୁକ୍ରେନ୍‌ର ଅହିଂସା ଯୋଦ୍ଧା

ପୂର୍ବ ୟୁରୋପ ଏବଂ କେନ୍ଦ୍ରୀୟ ଏସିଆ ଅଞ୍ଚଳରେ ତାତାର ଜାତୀୟ ଲୋକମାନେ ବସବାସ କରିଥାନ୍ତି। ସେମାନେ ତୁର୍କ ଭାଷାରେ କଥାବାର୍ତ୍ତା ହୋଇଥାନ୍ତି। ଚେଙ୍ଗିଜ ଖାଁଙ୍କ ସମୟରେ ବହୁଳ ସଂଖ୍ୟାରେ ତାତାର ପରିବାର ୟୁକ୍ରେନର କ୍ରିମିଆ ଅଞ୍ଚଳରେ ବସବାସ କରିବାକୁ ଚାଲି ଯାଇଥିଲେ। ସେମାନେ ସାଧାରଣ ସୁନି ମୁସଲମାନ ଧର୍ମାବଲମ୍ବୀ ଅଟନ୍ତି। ଅଳ୍ପ କେତେ ଜଣ ତାତାର ଲୋକ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଛନ୍ତି। ବାକି କେତେ ଜଣ ନିଜର ପ୍ରାଚୀନ ଧର୍ମ ପରମ୍ପରାକୁ ଏବେ ମଧ୍ୟ ଆପଣେଇ ରହିଛନ୍ତି। ୧୯୪୧ ମସିହାର ନଭେମ୍ବର ମାସରେ ନାଜି ଜର୍ମାନ ପଶ୍ଚିମ ରୁଷିଆର ଅନେକ ଅଞ୍ଚଳ ଦଖଲ କରିନେଲା। ସେଥି ମଧ୍ୟରେ କ୍ରିମିଆ ଅଞ୍ଚଳ ଥିଲା। କ୍ରିମିଆରେ ଏଗାର ଲକ୍ଷ ପରିବାର ବାସ କରୁଥିଲେ। ସେଥି ମଧ୍ୟରୁ ଦୁଇ ଲକ୍ଷ କୋଡ଼ିଏ ହଜାର ତାତାର ବଂଶୀୟ ଥିଲେ। ଜର୍ମାନ ବାହିନୀ ଦ୍ୱାରା ପଞ୍ଚଷଠି ହଜାର ସୋଭିଏତ ସୈନ୍ୟ ବନ୍ଦୀ ହେଲେ। ସେମାନଙ୍କ ମଧ୍ୟରେ ୭୦ ଭାଗ ତାତାର ସୈନ୍ୟ ଥିଲେ। ନାଜି ସୈନ୍ୟମାନେ ବନ୍ଦୀମାନଙ୍କ ଉପରେ ପ୍ରଥମେ ଅକଥନୀୟ ଅତ୍ୟାଚାର କରୁଥିଲେ। ପରେ ୧୯୪୨ ମସିହାଠାରୁ ଜର୍ମାନ କର୍ତ୍ତୃପକ୍ଷ ବନ୍ଦୀ ତାତାର ସୈନ୍ୟମାନଙ୍କୁ ସୋଭିଏତ ସେନା ବିରୁଦ୍ଧରେ ବ୍ୟବହାର କରିବା ପାଇଁ ସ୍ଥିର କଲା। ଜର୍ମାନମାନେ ନିରୀହ ତାତାରମାନଙ୍କୁ ଭୁଝେଇ ଦେଇ ସେମାନଙ୍କର ଗୋଟିଏ ସେନା ଦଳ ଗଠନ କଲେ, ଯେଉଁମାନେ କି ସୋଭିଏତ ସେନା ବିରୁଦ୍ଧରେ ଲଢ଼ିଲେ। ସୋଭିଏତ ସେନା ତରଫରୁ ମଧ୍ୟ ୨୫ ହଜାର ତାତାର ସୈନ୍ୟ ଭାବରେ ଲଢୁଥିଲେ। ଅବସ୍ଥାଚକ୍ରରେ କିଛି ତାତାର ଜର୍ମାନ ତରଫରୁ ଏବଂ କିଛି ତାତାର ରୁଷିଆ ତରଫରୁ ସୈନ୍ୟ ବାହିନୀରେ ଯୋଗ ଦେଇଥିଲେ। ଜର୍ମାନ ହାରିଗଲା ପରେ ୟୁକ୍ରେନ୍ ପୁଣି ଥରେ ରୁଷ୍ ଅଧୀନକୁ ଆସିଗଲା। ସେତେବେଳକୁ ରୁଷର ପ୍ରଧାନ ଶାସନକର୍ତ୍ତା ଥିଲେ ଷ୍ଟାଲିନ। ତାଙ୍କର ସେନାପତିମାନେ ରୁଷ ସରକାରଙ୍କ ନିକଟରେ ତଥ୍ୟ ପ୍ରଦାନ କଲେ କି ୟୁକ୍ରେନ୍‌ର ତାତାରମାନେ ନାଜି ଜର୍ମାନ ସପକ୍ଷରେ କାମ କରୁଥିଲେ। ଷ୍ଟାଲିନ ନିଷ୍ପତ୍ତି ନେଲେ ତାତାରମାନଙ୍କୁ ବାସଚ୍ୟୁତ କରି ଦେଶାନ୍ତରିତ କରାଯିବ। ଅଥଚ ସେମାନେ ଦୀର୍ଘ ୮୦୦ ବର୍ଷ ପୂର୍ବରୁ କ୍ରିମିଆରେ ସ୍ଥାୟୀ ବାସିନ୍ଦା ହୋଇ ଯାଇଥିଲେ। ସେମାନଙ୍କୁ ବଳପୂର୍ବକ ବାସଚ୍ୟୁତ କରି ତାଜାକିସ୍ତାନ ଏବଂ କିର୍ଗିଜିଆ ଅଞ୍ଚଳରେ ନଜର ବନ୍ଦୀ ଭାବରେ ରଖା ଯାଇଥିଲା। ରୁଷ ସରକାରଙ୍କର ଏହି ଅତ୍ୟାଚାର ଏବଂ ଅବିଚାର ବିରୁଦ୍ଧରେ ୧୬ ବର୍ଷ ପରେ ସ୍ୱର ଉତ୍ତୋଳନ କଲେ ମୁସ୍ତାଫା ଝେମିଲେଭ। ତାଙ୍କୁ ଯେତେବେଳେ ମାତ୍ର ଛଅ ମାସ, ସେହି ସମୟରେ ତାତାରମାନଙ୍କୁ ରୁଷ ସରକାର ଅମାନୁଷିକ ନିର୍ବାସନ ଦଣ୍ଡ ଦେଇଥିଲେ। ସେ ୧୯୪୩ ମସିହା ନଭେମ୍ବର ୧୩ ତାରିଖ ଦିନ କ୍ରିମିଆର ଆୟଶେଷ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାପା ଥିଲେ ଜଣେ ସାଧାରଣ କୃଷକ। ତାଙ୍କ ମାତା ଜଣେ ବୁଦ୍ଧିମାନ ଗୃହିଣୀ ଥିଲେ।

ମୁସ୍ତାଫାଙ୍କ ପରିବାରକୁ ଉଜବେଜିସ୍ତାନରେ ରଖା ଯାଇଥିଲା। ବାଲ୍ୟ କାଳରେ ତାଙ୍କର ସାଙ୍ଗ ସାଥୀ, ସାହି ପଡ଼ିଶାମାନେ ତାଙ୍କୁ ଏବଂ ତାଙ୍କ ପରିବାର ବର୍ଗମାନଙ୍କୁ ବିଦ୍ରୋହୀ କହି ଉପହାସ କରୁଥିଲେ। ସ୍କୁଲରେ ମଧ୍ୟ ତାଙ୍କୁ ଅସଦ୍ ବ୍ୟବହାର କରାଯାଉଥିଲା। ସେ ଆଣ୍ଡିଜାନ କୃଷି ବିଦ୍ୟାଳୟରେ ପାଠ ପଢୁଥିଲେ। ସେ ଇଞ୍ଜିନିୟରିଂ ବିଭାଗରେ ପାଠ ପଢ଼ିବା ପାଇଁ ସୁଯୋଗ ପାଇଥିଲେ। ଜଳସେଚନ ଓ କୃଷି ବିଷୟକୁ ଅନର୍ସ ଭାବରେ ନେଇଥିଲେ। ତାତାର ଜନଜାଗରଣରେ ଭୂମିକା ଥିବାରୁ ରୁଷ ସରକାରଙ୍କ ନିର୍ଦ୍ଦେଶରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ବିରୁଦ୍ଧରେ ମିଥ୍ୟା ଆଳାପ କରିଥିଲେ। ସେ ଶିକ୍ଷକମାନଙ୍କୁ ଅଶାଳୀନ ବ୍ୟବହାର କରୁଛନ୍ତି ବୋଲି ଦର୍ଶା ଯାଇଥିଲା। ପାଠ ପଢ଼ିବା ସମୟରେ ମୁସ୍ତାଫା କ୍ରିମିଆରେ ଥିବା ତାତାର ବା ତୁର୍କମାନଙ୍କର ସାଂସ୍କୃତିକ ଇତିହାସ ସମ୍ବନ୍ଧରେ କେତେଗୁଡ଼ିଏ ପ୍ରବନ୍ଧ ଲେଖିଥିଲେ। ସେଗୁଡ଼ିକ ମଧ୍ୟ ତାଙ୍କର ତ୍ରୁଟି ଭାବରେ ଦର୍ଶା ଯାଇଥିଲା। ତାଙ୍କୁ କଲେଜରୁ ବହିଷ୍କାର କରାଯାଇଥିଲା। ସେତେବେଳେ ସେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଏହା ପରେ ସେ କ୍ରିମିଆକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାଲିଥିବା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ୧୯୬୧ ମସିହାରେ ବିକ୍ଷିପ୍ତ ଭାବରେ ରଖା ଯାଇଥିବା ତାତାର ପରିବାରର ଯୁବକମାନଙ୍କୁ ଏକତ୍ରିତ କରି ସେ କ୍ରିମିଆ ତାତାର ଯୁବକ ସଂଘ ଗଢ଼ିଥିଲେ। ୧୯୬୫ ମସିହାରେ ନିଜର ଦାବି ପୂରଣ ପାଇଁ ସତ୍ୟାଗ୍ରହ କରି ଗିରଫ ହୋଇଥିଲେ।

ଗାନ୍ଧିଜୀଙ୍କର ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ସେ ଉତ୍ତମ ରୂପେ ବୁଝିଥିଲେ। ଗାନ୍ଧୀଙ୍କ ଆତ୍ମଜୀବନୀ ଓ ରଚନା ସମଗ୍ରକୁ ସେ ଗଭୀର ଭାବେ ଅଧ୍ୟୟନ କରିଥିଲେ। ଅହିଂସା ଉପରେ ତାଙ୍କର ପ୍ରଚୁର ଆସ୍ଥା। ରୁଷର ଅତ୍ୟାଚାରକୁ ବନ୍ଦ କରିବାକୁ, ଭିଟାମାଟିକୁ ଫେରି ପାଇବାକୁ ଆନ୍ଦୋଳନ ତାଙ୍କର ସହଯୋଗୀ ବିପ୍ଳବୀମାନଙ୍କୁ ଅହିଂସା ଆଚରଣ ସଠିକ୍ ରୂପେ ପାଳନ କରିବାକୁ ସେ ପରାମର୍ଶ ଦେଉଥିଲେ ଓ ତାଲିମ ମଧ୍ୟ ଦେଇଥିଲେ। ମୁସ୍ତାଫା ୧୯୬୯ରୁ ୭୬ ପର୍ଯ୍ୟନ୍ତ ବାରମ୍ବାର ଗିରଫ ହୋଇଥିଲେ। ତାଙ୍କୁ ସଶ୍ରମ କାରାଦଣ୍ଡ ଦିଆ ଯାଇଥିଲା। ଜେଲ ମଧ୍ୟରେ ତାଙ୍କୁ ୧୫ରୁ ୧୮ ଘଣ୍ଟା ପର୍ଯ୍ୟନ୍ତ କାମ କରା ଯାଉଥିଲା। ୧୯୭୫ ମସିହା ବେଳକୁ ତାଙ୍କୁ ସରକାରୀ କାରାଗୃହରେ ବନ୍ଦୀ କରା ଯାଇଥିଲା। ତାଙ୍କର ଦାବି ପୂରଣ କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଥିଲେ। ରୁଷ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନଥିଲା। ସମସ୍ତଙ୍କୁ ନିଜର ମନର ସମ୍ବାଦକୁ ଜଣାଇବାକୁ ସେ ଅନଶନ ଆରମ୍ଭ କରିଥିଲେ। ଅନଶନ ତିନି ଶହ ତିନି ଦିନ ଚାଲିଥିଲା। ଖାଦ୍ୟ ଗ୍ରହଣ ନ କରି ତାଙ୍କର ଶରୀର କଙ୍କାଳସାର ହୋଇଗଲା। ମୃତ୍ୟୁ ଅନିବାର୍ଯ୍ୟ ବୋଲି ଅନେକ ଅନୁମାନ କରୁଥିଲେ। ତାଙ୍କର ମୃତ୍ୟୁ ଗୋଟିଏ ବିରାଟ ଜନ ଆନ୍ଦୋଳନ ସୃଷ୍ଟି କରିବ ବୋଲି ରୁଷ ସରକାର ଆଶଙ୍କା କରିଥିଲେ। ଏଣୁ ଡାକ୍ତର ଦଳ ବଳପୂର୍ବକ ମୁସ୍ତାଫାଙ୍କୁ ସାଲାଇନ ଦେଇ ନାକ ନଳୀ ମାଧ୍ୟମରେ ଖାଦ୍ୟ ଦେଇ ବଞ୍ଚାଇ ଦେଇ ପାରିଲେ।

ରୁଷ ପୁଲିସ ଓ ଗୁପ୍ତଚରମାନେ ମୁସ୍ତାଫାଙ୍କ ପରିବାର ଲୋକ ଓ ତାଙ୍କର ବନ୍ଧୁମାନଙ୍କୁ ବାରମ୍ବାର ଧରି ନେଇ ନିର୍ଯାତନା ଦେଇଥିଲେ। ବନ୍ଦୀ ମୁସ୍ତାଫା ଜେଲର ଅନ୍ୟ ସାଥୀମାନଙ୍କୁ ଅହିଂସା ସମ୍ପର୍କରେ ଶିକ୍ଷା ପ୍ରଦାନ କରୁଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନର କାହାଣୀ ସମସ୍ତଙ୍କୁ ଶୁଣାଇ ଥିଲେ। ଗାନ୍ଧିଜୀଙ୍କ ଦକ୍ଷିଣ ଆଫ୍ରିକାର ସଫଳତା କଥା କହୁଥିଲେ। ଜେଲରେ ଥିବା ବେଳେ ତାଙ୍କର ମନୋବଳ ଭାଙ୍ଗିବାକୁ ତାଙ୍କୁ ବରଫରେ ନିର୍ବସ୍ତ୍ର କରି ରଖା ଯାଉଥିଲା। ତାଙ୍କୁ କୌଣସି ପୁସ୍ତକ ଦିଆଯାଇ ନଥିଲା। ତାଙ୍କର ଚିଠିଗୁଡ଼ିକୁ ନଷ୍ଟ କରି ଦିଆ ଯାଉଥିଲା। ଆମନେଷ୍ଟି ଆନ୍ତର୍ଜାତିକ ମାନବାଧିକାର ସୁରକ୍ଷା ସଂଘ ଓ ପାଶ୍ଚାତ୍ୟ ଜଗତର ସମ୍ବାଦ ସଂସ୍ଥା ମୁସ୍ତାଫାଙ୍କର କାର୍ଯ୍ୟଧାରା ଦେଖି ତାଙ୍କୁ ବିବେକର ବନ୍ଦୀ ଭାବରେ ସମଗ୍ର ବିଶ୍ୱ ଦରବାରରେ ଘୋଷଣା କରିଥିଲେ। ଅନେକ ବିଦ୍ୱାନ ଓ ନୋବେଲ ପୁରସ୍କାର ବିଜେତାଗଣ ତାଙ୍କର ଦାବି ଓ ତାଙ୍କର ମୁକ୍ତି ପାଇଁ ଖୋଲା ନିବେଦନ କରିଥିଲେ। ୧୯୮୯ରେ କ୍ରିମିଆ ତାତାରମାନଙ୍କର ଜାତୀୟ ସଭା ଗଠନ କରାଗଲା। ମୁସ୍ତାଫା ତା'ର ପ୍ରଥମ ଅଧ୍ୟକ୍ଷ ହେଲେ। ତାଙ୍କ ଆନ୍ଦୋଳନ ଆଗରେ ରୁଷ ସରକାର ମଥା ନତ କଲେ। ନିର୍ବାସିତ ତାତାର ପରିବାରମାନଙ୍କୁ ସେମାନଙ୍କ ଭିଟାମାଟିକୁ ସୁରୁଖୁରୁରେ ଫେରି ଆସିବାକୁ ସହମତି ଦେଲେ। ଦୁଇ ଲକ୍ଷ ପଚିଶ ହଜାର ପରିବାର ନିଜର ଜନ୍ମ ମାଟିକୁ ଫେରି ଆସି ପାରିଥିଲେ। ମୁସ୍ତାଫା ୪୬ ବର୍ଷ ପରେ ନିଜର ମାତୃଭୂମିରେ ପାଦ ଦେଇଥିଲେ।

୧୯୯୧ରେ ୟୁକ୍ରେନ୍ ସ୍ୱାଧୀନ ଦେଶ ଭାବରେ ଆତ୍ମପ୍ରକାଶ କରିଥିଲା। ମୁସ୍ତାଫା ତା'ର ସାଂସଦ ଭାବରେ ଦେଶର ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇ ଯାଇଥିଲେ। ତାଙ୍କର ଜନକଲ୍ୟାଣକାରୀ ମନୋଭାବ ପାଇଁ ୨୦୦୨, ୨୦୦୬, ୨୦୦୯ରେ ସେ ପ୍ରବଳ ସମର୍ଥନ ହାସଲ କରି ନିର୍ବାଚିତ ହୋଇଥିଲେ। ୨୦୦୯ରେ ତାଲିବାନ ଶକ୍ତି ଓ ଅଲ୍‌କାଏଦା ସନ୍ତ୍ରାସବାଦୀ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚନା କରିଥିଲେ। ୟୁକ୍ରେନ୍ ପୁଲିସ ନିଯୁକ୍ତ ହତ୍ୟାକାରୀଙ୍କୁ ଯଥା ସମୟରେ ଗିରଫ କରିନେଲା। ଷଡ଼ଯନ୍ତ୍ର ପଣ୍ଡ ହୋଇ ଯାଇଥିଲା। ହତ୍ୟାର ଠିକା ନେଇଥିବା ଗିରଫ ବ୍ୟକ୍ତିଙ୍କୁ ପୁଲିସ ପଚରା ଉଚରା କରି ଯାହା ଜାଣିଲା, ମୁସ୍ତାଫାଙ୍କ ସୁଦୃଢ଼ ନେତୃତ୍ୱ କାରଣରୁ କ୍ରିମିଆରେ ବାସ କରୁଥିବା ତାତାରମାନେ ବା ତୁର୍କ ବଂଶଜମାନେ ସନ୍ତ୍ରାସବାଦ ବା ହିଂସାଠାରୁ ଦୂରେଇ ରହୁଛନ୍ତି। ସେମାନେ ସେମାନଙ୍କ ଦାବି ଅହିଂସା ଉପାୟରେ ପୂରଣ କରି ପାରିବା ହେତୁ ତାଲିବାନ ଓ ଅଲ୍‌କାଏଦା ସଂଗଠନର କୂଟ ଅକାମୀ ହୋଇ ଯାଉଥିଲା। ଏଣୁ ସେମାନେ ମୁସ୍ତାଫାଙ୍କୁ ହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ପରେ ମୁସ୍ତାଫାଙ୍କୁ ତାଙ୍କ ଦେଶରେ ଏବଂ ଦେଶ ବାହାରେ ଅନେକ ୟୁକ୍ରେନ୍‌ର ଗାନ୍ଧୀ ବୋଲି ସମ୍ବୋଧନ କରିବାକୁ ଲାଗିଲେ। ୨୦୧୧ରେ ସେ ରାଜନୀତିରୁ ଅବସର ନେବାକୁ ଚାହିଁଥିଲେ। କିନ୍ତୁ ଲୋକମାନେ ବାଧ କରି ତାଙ୍କୁ ରାଜନୀତିରେ ସକ୍ରିୟ ରଖିଲେ। ବର୍ତ୍ତମାନ ରୁଷ୍-ୟୁକ୍ରେନ୍ ଯୁଦ୍ଧକୁ ବନ୍ଦ କରିବାକୁ ପ୍ରାଣପଣେ ଉଦ୍ୟମ କରୁଛନ୍ତି। ଅଶୀ ବର୍ଷ ବୟସରେ ଆଉ ପୂର୍ବ ପରି ଚଞ୍ଚଳ ନଥିଲେ ମଧ୍ୟ ଅହିଂସା ପ୍ରତିଷ୍ଠା ପାଇଁ ସାଧନା କରି ଚାଲିଛନ୍ତି।■

ମୋ: ୯୯୩୭୮୬୩୫୨୮



ଅନନ୍ତ ଗୋପାଳ ପଣ୍ଡା

# ଦିବ୍ୟାନନ୍ଦର ସ୍ରୋତସ୍ୱିନୀ: ମା' ରାଧାରାଣୀ

ଲୀଳା ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣଙ୍କ ହୃଦପଦ୍ମ ବିହାରିଣୀ, ଅପ୍ରାକୃତ ପ୍ରେମ ପ୍ରଦାୟିନୀ, ଦିବ୍ୟାନନ୍ଦ ଦାୟିନୀ, କୃଷ୍ଣ ପ୍ରେମ ପାଗଳିନୀ ହେଉଛନ୍ତି କୀର୍ତ୍ତିଦା ନନ୍ଦିନୀ ମା' ରାଧାରାଣୀ। ଶ୍ରୀକୃଷ୍ଣ ରୂପକ ନୀଳ ପାରାବାର ସହିତ ଏକାକାର ହେବା ଉଦ୍ଦେଶ୍ୟରେ ଧରାପୃଷ୍ଠରେ ପ୍ରବହମାନ ଭକ୍ତିର ମନ୍ଦାକିନୀ ହେଉଛନ୍ତି ମା' ବିନୋଦିନୀ। ଭକ୍ତି ରୂପକ ମନ୍ଦିରର ଚୂଡ଼ା ଦେଶରେ ଉଡ୍ଡୀୟମାନ ଧ୍ୱଜା ରୂପେ ଅଭିହିତା ହୁଅନ୍ତି ବୃଷଭାନୁ ତନୁଜା। ପ୍ରେମ ପ୍ରଣୟ, ରାଗ ଅନୁରାଗ, ଭାବ ଓ ମହାଭାବର ଅଧିକାରିଣୀ ଅଟନ୍ତି କଳାକାହ୍ନୁ ପ୍ରାଣସଙ୍ଗିନୀ ଶ୍ରୀରାଧା। ସେ ହେଉଛନ୍ତି ବୃନ୍ଦାବନର ଅଧିଶ୍ୱରୀ ତଥା ଶ୍ରୀକୃଷ୍ଣଙ୍କ ପ୍ରାଣାଧିକା ରାଇକିଶୋରୀ। ସେଥିପାଇଁ ବୃନ୍ଦାବନର ଜଳ, ସ୍ଥଳ ତଥା ନଭୋମଣ୍ଡଳରେ କେବଳ ଗୁଞ୍ଜରିତ ହେଉଥାଏ ଗୋଟିଏ ନାମ 'ରାଧେ', 'ରାଧେ'। ଏହି ଶବ୍ଦ ହେଉଛି ସମ୍ବୋଧନର ମାଧ୍ୟମ, ସଂକେତର ବିକଳ୍ପ ଆବେଦନ ଏବଂ ସବୁରି ମୁଖରୁ ନିଃସୃତ ଏକ ସଶ୍ରଦ୍ଧ ଉଚ୍ଚାରଣ। ଏହି 'ରାଧେ' ଶବ୍ଦ ଉଚ୍ଚାରିତ ହେବା ମାତ୍ରକେ ମନ ହୁଏ ପୁଲକିତ ଏବଂ ତନୁ ହୁଏ ରୋମାଞ୍ଚିତ। ସୁପ୍ତ ପ୍ରାଣ ସତ୍ତା ହୁଏ ଜାଗ୍ରତ। ଅବିଦ୍ୟା ବା ମାୟାର ପ୍ରଭାବ ହୁଏ ପ୍ରତିହତ। ପ୍ରାଣୀ ତ୍ରିତାପ ଯଥା- ଆଧ୍ୟାତ୍ମିକ, ଆଧିଦୈବିକ ଏବଂ ଆଧିଭୌତିକ ତାପରୁ ହୁଏ ମୁକ୍ତ। ଫଳ ସ୍ୱରୂପ, ଜୀବ ଓ ପରମର ମିଳନର ପଥ ହୁଏ କୁସୁମିତ।

ପରମାତ୍ମା ପରମେଶ୍ୱର, ଷୋଳ କଳାଧାରୀ ରସରାଜ ରାସେଶ୍ୱର ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ତ୍ରିଶକ୍ତିର ଅଧିକାରୀ। ଯଥା-ଅନ୍ତରଙ୍ଗା, ବହିରଙ୍ଗା ଓ ତଟସ୍ଥା। ବହିରଙ୍ଗା ଜଡ଼ ଜଗତ ଓ ତଟସ୍ଥା ଜୀବ ଜଗତ ଭାବେ ଅଭିହିତ ହେଉଥିବା ବେଳେ ଅନ୍ତରଙ୍ଗା ଶକ୍ତି ହେଉଛି ଭଗବାନଙ୍କ ସ୍ୱଶକ୍ତି। ପୁନଶ୍ଚ, ଅନ୍ତରଙ୍ଗା ଶକ୍ତି ମଧ୍ୟ ତିନି ଭାଗରେ ବିଭକ୍ତ। ଯଥା- ସନ୍ଧିନୀ, ସମ୍ବିତ୍ ଓ ହ୍ଲାଦିନୀ। ଏହି ତ୍ରିଶକ୍ତିକୁ ଯଥାକ୍ରମେ ସତ୍, ଚିତ୍ ଓ ଆନନ୍ଦ ଭାବେ କରାଯାଏ ଅଭିହିତ। ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସତ୍, ଚିତ୍, ଆନନ୍ଦର ମୂର୍ତ୍ତିମନ୍ତ ସ୍ୱରୂପ। ସତ୍ ବା ସନ୍ଧିନୀ ହେଉଛି ପ୍ରଭୁଙ୍କର ସ୍ୱଶକ୍ତି। ଏହି ଶକ୍ତି ବଳରେ ଭଗବାନ ନିଜେ ସତ୍ତା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଜଗତ ସହିତ ଜୀବମାନଙ୍କୁ ସତ୍ତା ପ୍ରଦାନ କରିଥାନ୍ତି। ସମ୍ବିତ୍ ବା ଚିତ୍ ହେଉଛି ଜ୍ଞାନ ଶକ୍ତି, ଯାହାଦ୍ୱାରା ପ୍ରଭୁ ସବୁ ଜ୍ଞାତ ହେବା ସହିତ ଜୀବମାନଙ୍କୁ ଜ୍ଞାନ ପ୍ରଦାନ କରିଥାନ୍ତି। ତୃତୀୟ ଶକ୍ତି ହେଉଛି ଆନନ୍ଦ ବା ହ୍ଲାଦିନୀ ଶକ୍ତି। ଆନନ୍ଦ ଅର୍ଥ ଆହ୍ଲାଦ। ଏହି ଶକ୍ତିଦ୍ୱାରା ଭଗବାନ ନିଜେ ଆନନ୍ଦ ପ୍ରାପ୍ତ ହେବା ସହିତ ପ୍ରାଣୀମାନଙ୍କୁ ଆନନ୍ଦ ପ୍ରଦାନ କରିଥାନ୍ତି। ଏହି ହ୍ଲାଦିନୀ ଶକ୍ତିର ସ୍ୱରୂପା ହେଉଛନ୍ତି ରାସେଶ୍ୱରୀ ମା' ଶ୍ରୀରାଧା। ସେଥିପାଇଁ ଚୈତନ୍ୟ ଚରିତାମୃତରେ କୁହାଯାଇଛି, 'ସଚ୍ଚିଦାନନ୍ଦ ପୂର୍ଣ୍ଣ କୃଷ୍ଣର ସ୍ୱରୂପ, ଏକଇ ଚିଚ୍ଛକ୍ତି ତାର ଧରେ ତିନି ରୂପ/ ଆନନ୍ଦାଂଶେ ହ୍ଲାଦିନୀ, ସଦଂଶେ ସନ୍ଧିନୀ, ଚିଦଂଶେ ସମ୍ବିତ୍ .... ଯାରେ କରିମାନି।'

ହ୍ଲାଦିନୀ ଶକ୍ତି ସ୍ୱରୂପା ମା' ଶ୍ରୀରାଧାଙ୍କ ମହିମା ବିଭିନ୍ନ ପୁରାଣରେ ହୋଇଛି ପ୍ରଖ୍ୟାପିତ। ବ୍ରହ୍ମବୈବର୍ତ୍ତ ପୁରାଣ ଅନୁଯାୟୀ, 'ରା'ର ଅର୍ଥ ଲାଭ କରିବା ଏବଂ 'ଧା'ର ଅର୍ଥ ଧାବମାନ ବା ଗତିଶୀଳ ହେବା। ଏହି ଦୁଇ ଶବ୍ଦର ସମ୍ମିଶ୍ରଣରେ ରାଧା ଶବ୍ଦର ଅର୍ଥ ହେଉଛି ଶ୍ରୀକୃଷ୍ଣଙ୍କ ପାଦ ପଙ୍କଜକୁ ପ୍ରାପ୍ତ ହେବା ନିମିତ୍ତ ସଦାସର୍ବଦା ଧାବମାନ ହେବା। ବାୟୁ ପୁରାଣ 'ରାଧା' ଶବ୍ଦକୁ ଚାରି ଗୋଟି ଅକ୍ଷରରେ ବିଭକ୍ତ କରି ସାଙ୍କେତିକ ଅକ୍ଷରର ଅର୍ଥକୁ ସୁନ୍ଦର ଭାବରେ ବ୍ୟାଖ୍ୟା କରିଛନ୍ତି। ଯଥା- ର+ଆ+ଧ+ଆ=ରାଧା। 'ର' ଅର୍ଥ ଜନ୍ମାର୍ଜିତ ପାପ, 'ଆ'ର ଅର୍ଥ ଗର୍ଭବାସ, ମୃତ୍ୟୁ ଓ ରୋଗ, 'ଧ' ଅର୍ଥ ଆୟୁ, 'ଆ'ର ଅର୍ଥ ସଂସାର ବନ୍ଧନ। ଏହି ଅକ୍ଷରଗୁଡ଼ିକର ଆକ୍ଷରିକ ଅର୍ଥରୁ ଏହା ପ୍ରମାଣିତ ଯେ ଯାହାଙ୍କୁ ସ୍ମରଣ, ଚିନ୍ତନ ଓ ବନ୍ଦନ କଲେ ମନୁଷ୍ୟ ସାଂସାରିକ ବନ୍ଧନକୁ ଛିନ୍ନ କରିବା ସଙ୍ଗେ ସଙ୍ଗେ ପାପାଦିରୁ ମୁକ୍ତ ହୋଇ ଯଶ ଓ ଆୟୁ ଲାଭ କରି ପାରିବ, ସେହି ଦେବୀ ହେଉଛନ୍ତି ଶ୍ରୀରାଧା। ଦେବୀ ଭାଗବତରେ ଉଲ୍ଲେଖ କରାଯାଇଛି ଯେ 'ଆରାଧୟତି ଇତି ରାଧା' ଅର୍ଥାତ୍ ଯିଏ ଶୟନେ, ସ୍ୱପନେ ଏବଂ ଜାଗରଣରେ କୃଷ୍ଣଙ୍କୁ ଆରାଧନା କରିଥାନ୍ତି, ସେ ହେଉଛନ୍ତି ଶ୍ରୀରାଧା। ଗର୍ଗ ସଂହିତା ଏହି ରାଧା ନାମ ଉଚ୍ଚାରଣର ମାହାତ୍ମ୍ୟ ବର୍ଣ୍ଣନାରେ ହୋଇଛନ୍ତି ଶତମୁଖ। ଯଥା- 'ରାଧା ରାଧେତି ହେ ରାଜନ୍ ଯେ ଜପନ୍ତି ପୁନଃ ପୁନଃ, ଚତୁଃ ପଦାର୍ଥ କିଂ ତେଷାଂ ସାକ୍ଷାତ୍ କୃଷ୍ଣୋଽପି ଲଭ୍ୟତେ,' ଅର୍ଥାତ୍ ଯେଉଁମାନେ ରାଧା ଶବ୍ଦ ଉଚ୍ଚାରଣ ବା ଜପ କରନ୍ତି, ସେମାନେ ଅନାୟାସରେ କୃଷ୍ଣଙ୍କ କୃପାଲାଭ କରିବା ସହିତ ଚତୁଃବର୍ଗ ଅର୍ଥାତ୍ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଲାଭ କରିବା ପାଇଁ ସମର୍ଥ ହୋଇଥାନ୍ତି।

ଚଉଷଠି କଳାଧାରୀ ଅବତାରୀ ଶ୍ରୀକୃଷ୍ଣ ଆନନ୍ଦ ପ୍ରାପ୍ତି ନିମିତ୍ତ ନିଜ ବାମ ଅଙ୍ଗରୁ ସୃଷ୍ଟି କରିଛନ୍ତି ମା'

ରାଧାରାଣୀଙ୍କୁ। 'ରାଧା' ଶବ୍ଦକୁ ଓଲଟାଇଲେ ହେବ ଧାରା। ଭଗବାନ ଶ୍ରୀକୃଷ୍ଣଙ୍କୁ ଆନନ୍ଦ ପ୍ରଦାନ କରିବା ପାଇଁ ତାଙ୍କ ଉଦ୍ଦେଶ୍ୟରେ ନିତ୍ୟ ନିରନ୍ତର ପ୍ରବହମାନ ନିଷ୍କାମ ପ୍ରେମର ଧାରା ହେଉଛନ୍ତି ମା' ରାଧାରାଣୀ। ଶ୍ରୀରାଧାଙ୍କ ଶରୀର ସଦା କୃଷ୍ଣ ପ୍ରେମରେ ବିଭାବିତ। ପ୍ରଭୁ ଦେବକୀ ନନ୍ଦନଙ୍କ ପ୍ରୀତି ବିଧାନ ନିମନ୍ତେ ବୃଷଭାନୁ ରାଜ ନନ୍ଦିନୀଙ୍କ ତନୁ ମନ ସଦା ଉତ୍ସର୍ଗୀକୃତ। ରାଇକିଶୋରୀଙ୍କ ଶରୀର ପ୍ରେମର ସ୍ୱରୂପା ବା ପ୍ରେମର ପ୍ରତିମା ତୁଲ୍ୟ। ନାରଦ ପଞ୍ଚରାତ୍ରର ବର୍ଣ୍ଣନା ଅନୁସାରେ ଶ୍ରୀକୃଷ୍ଣ ହେଉଛନ୍ତି ବ୍ରହ୍ମ ସ୍ୱରୂପ ଏବଂ ଶ୍ରୀରାଧା ହେଉଛନ୍ତି ବ୍ରହ୍ମ ସ୍ୱରୂପା, ଯଥା- 'ବ୍ରହ୍ମରୂପଶ୍ଚ ଶ୍ରୀକୃଷ୍ଣଃ ପ୍ରକୃତେଃ ପରଃ, ତଥା ବ୍ରହ୍ମ ସ୍ୱରୂପାସା ନିର୍ଲିପ୍ତା ପ୍ରକୃତେଃ ପରା।'

ଶ୍ରୀରାଧାଙ୍କ ଜନ୍ମ ସମ୍ପର୍କରେ ଏକାଧିକ ଆଖ୍ୟାୟିକାମାନ ଦୃଷ୍ଟିଗୋଚର ହୋଇଥାଏ ବିଭିନ୍ନ ପୁରାଣମାନଙ୍କରେ। ପଦ୍ମବନର ରାଜହଂସ ଅଚ୍ୟୁତାନନ୍ଦଙ୍କ ରଚିତ ହରିବଂଶ ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣଙ୍କ ଧରାବତରଣ ପୂର୍ବରୁ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ ଏବଂ ଶ୍ରୀଦାମାଙ୍କ ଅଭିଶାପ ଫଳରେ ମା' ଶ୍ରୀରାଧା ନିତ୍ୟ ଗୋଲକରୁ ଭୂଲୋକକୁ ଆସି ଏକ ପଦ୍ମଫୁଲ ମଧ୍ୟରେ କଲେ ଅବସ୍ଥାନ। ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ମା' ରାଧାରାଣୀ ଦିନେ ପ୍ରକାଶପ୍ରାପ୍ତପୂର୍ବକ ପଦ୍ମଫୁଲ ମଧ୍ୟରେ ଥାଇ କୁଆଁ କୁଆଁ ଶବ୍ଦ କରିବାରୁ ଜନୈକ ପ୍ରଜା ତାଙ୍କୁ ଉଦ୍ଧାର କରି ପ୍ରଦାନ କଲେ ବୃଷଭାନୁ ରାଜାଙ୍କୁ। ପଦ୍ମ ପୁରାଣ ଅନୁସାରେ ରାଜା ବୃଷଭାନୁ ଯଜ୍ଞସ୍ଥଳ କର୍ଷଣ କରିବା ସମୟରେ ଏକ ସୁବର୍ଣ୍ଣ ପେଟିକା ପ୍ରାପ୍ତ ହେଲେ। ତତ୍ପରେ ରାଜା କୌତୁହଳବଶତଃ ସେହି ସୁବର୍ଣ୍ଣ ପେଟିକା ଖୋଲି ଯାହା ଦେଖିଲେ, ତାହା ତାଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। ପେଟିକା ମଧ୍ୟରେ ଥିବା ଏକ ଜୀବନ୍ତ କନ୍ୟା ରାଜାଙ୍କ ଦୃଷ୍ଟିକୁ କଲା

ଆକର୍ଷିତ। ରାଜା ତତ୍ପରେ ସେହି ଦିବ୍ୟକାନ୍ତିଯୁକ୍ତା କନ୍ୟାକୁ ନେଇ ରାଣୀ କୀର୍ତ୍ତିଦାଙ୍କୁ ପ୍ରଦାନ କଲେ। ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଅନୁରାଧା ନକ୍ଷତ୍ରରେ କନ୍ୟା ପ୍ରାପ୍ତ ହୋଇଥିବାରୁ ରାଜା ସେହି



କନ୍ୟାର ନାମ ରଖିଲେ 'ଶ୍ରୀରାଧା'। ଅନ୍ୟ ଏକ ମତାନୁସାରେ, ଗୋକୁଳ ଅନ୍ତର୍ଗତ ରାବେଲ୍‌ର ରାଜା ଥିଲେ ମହାଭାନୁ। ତାଙ୍କର ପୁତ୍ର ବୃଷଭାନୁ ବିନ୍ଦୁଗୋପଙ୍କ କନିଷ୍ଠା କନ୍ୟା କୀର୍ତ୍ତିଦାଙ୍କ ପାଣିଗ୍ରହଣ କରି ଦୀର୍ଘ ଦିନ ଅପୁତ୍ରିକ ରହିବା ଫଳରେ ରାଜ ଦମ୍ପତି ଯମୁନା କୂଳରେ ମା' କାତ୍ୟାୟନୀଙ୍କର କଲେ ଆରାଧନା। କଠୋର ତପସ୍ୟାରେ ମା' କାତ୍ୟାୟନୀ ସନ୍ତୁଷ୍ଟ ହୋଇ ବର ପ୍ରଦାନ କରିବାରୁ ରାଜା ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ମଧ୍ୟାହ୍ନ ସମୟରେ ଏକ କନ୍ୟା ସନ୍ତାନ ଲାଭ କଲେ। ଅନୁରାଧା ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିବାରୁ ମୁନି ଦୁର୍ବାସା କନ୍ୟାଟିର ନାମକରଣ କଲେ

'ଶ୍ରୀରାଧା'। ରାଧାଙ୍କ ମୁଖପଦ୍ମର ଔଜ୍ଜ୍ୱଲ୍ୟ ଚନ୍ଦ୍ରମାଙ୍କ ଶୋଭାଠାରୁ ଅଧିକ ଭାବରେ ପ୍ରତିଭାତ ହେଉଥିଲା। ରାଧାଙ୍କ ଜନ୍ମ ସମୟରେ ବ୍ରହ୍ମା, ବିଷ୍ଣୁ, ଶଙ୍କର, ଅଶ୍ୱିନୀକୁମାର ଭ୍ରାତାଦ୍ୱୟଙ୍କ ସହିତ ଋଷି, ମୁନି, ଆକାଶ ମଣ୍ଡଳରେ ଉପସ୍ଥିତ ଥିଲେ। ଅପ୍ସରାଗଣ ନୃତ୍ୟଗୀତରେ ଲିପ୍ତ ଥିବା ବେଳେ ଗନ୍ଧର୍ବଗଣ ବାଦ୍ୟ ବାଦନ କରୁଥିଲେ।

ଚୈତନ୍ୟ ଚରିତାମୃତରେ ମା' ରାଧାରାଣୀଙ୍କର ଦିବ୍ୟ ଗୁଣାବଳୀ ହୋଇଛି ବର୍ଣ୍ଣିତ। ଯଥା- 'ଅନନ୍ତ ଗୁଣ ଶ୍ରୀରାଧାର ପଚିଶ ପ୍ରଧାନ, ଯେଇ ଗୁଣେ ବଶ ହୟ କୃଷ୍ଣଭଗବାନ୍।' ପରମ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପ୍ରୀତି ଉଦ୍ଦେଶ୍ୟରେ ଶ୍ରୀରାଧାଙ୍କ ପ୍ରତ୍ୟେକଟି କର୍ମ ଥିଲା ଅଭିପ୍ରେତ। ବ୍ରଜରେ ବାଜିଛି ନିନ୍ଦା ବାଜଣା। ମା' କଳଙ୍କର ଟୀକାକୁ ମଥାରେ କରିଛନ୍ତି ଧାରଣ। ଶ୍ରୀକୃଷ୍ଣଙ୍କ ବିରହାନଳରେ ହୋଇଛନ୍ତି ଦଗ୍ଧୀଭୂତା। ପ୍ରଭାସ ଯଜ୍ଞରେ ପ୍ରହରୀର ପ୍ରହାରରେ ଭୋଗିଛନ୍ତି ଶାରୀରିକ ଯନ୍ତ୍ରଣା। ତଥାପି କୃଷ୍ଣଙ୍କ ପ୍ରୀତି ବିଧାନ ନିମିତ୍ତ କର୍ମରୁ ହୋଇ ନାହାନ୍ତି ବିଚ୍ୟୁତା। ଶ୍ରୀକୃଷ୍ଣଙ୍କ ଶରୀରର ଆରୋଗ୍ୟ ନିମନ୍ତେ ଅଷ୍ଟପାଟବଂଶୀ ପାଦଧୂଳି ଦେବା ପାଇଁ ନାରଦଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାତ କରିଥିବା ବେଳେ ଶ୍ରୀରାଧା ପଦଧୌତ କରି ପାଦରେ ଲାଗିଥିବା ସମସ୍ତ ଧୂଳି କୃଷ୍ଣଙ୍କ ଆରୋଗ୍ୟ ନିମନ୍ତେ ନାରଦଙ୍କୁ ପ୍ରଦାନ କରିଥିଲେ। ଶ୍ରୀରାଧାଙ୍କ ପ୍ରେମ ହେଉଛି ଶୁଦ୍ଧ ଓ ନିର୍ମଳ। ପ୍ରେମ ବର୍ଦ୍ଧିତ ହୋଇ ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ, ଭାବ ଓ ମହାଭାବରେ ରୂପାନ୍ତରିତ ହୋଇଥାଏ। କବିରାଜ କୃଷ୍ଣଦାସ ଗୋସ୍ୱାମୀଙ୍କ ମତରେ, 'ହ୍ଲାଦିନୀର ସାର ପ୍ରେମ, ପ୍ରେମ ସାର ଭାବ, ଭାବରେ ପରମକାଷ୍ଠା ନାମ ମହାଭାବ।' ସେହି ମହାଭାବ ସ୍ୱରୂପିଣୀ ହେଉଛନ୍ତି ମା' ରାଧାରାଣୀ। ଏହା ବର୍ଣ୍ଣିତ ହୋଇଛି ଚୈତନ୍ୟ ଚରିତାମୃତରେ ଯଥା- 'ପ୍ରେମେର ପରମ ସାର ମହାଭାବ ଜାନି, ସେଇ ମହାଭାବ ରୂପା ରାଧା ଠାକୁରାଣୀ।' ଏହି ମହାଭାବ ହେଉଛି ଅତୁଳନୀୟ, ଅନିର୍ବଚନୀୟ ଓ ମାଧୁର୍ଯ୍ୟମୟ। ମହାଭାବର ମାଧୁର୍ଯ୍ୟ ନିକଟରେ ଅମୃତର ମାଧୁର୍ଯ୍ୟ ମଧ୍ୟ ତୁଚ୍ଛ।

ମା' ରାଧାରାଣୀଙ୍କ ଶରୀର ସମ୍ପୂର୍ଣ୍ଣ ଭାବେ କୃଷ୍ଣପ୍ରେମମୟ। ଲୀଳା ପୁରୁଷୋତ୍ତମଙ୍କ ବାମ ଅଙ୍ଗରୁ ସମ୍ଭୂତା ହୋଇ ଗୋବିନ୍ଦଙ୍କ ପ୍ରୀତି ବିଧାନ ନିମନ୍ତେ ବୃଷଭାନୁ ଜେମା ନିଜ ମନ, ପ୍ରାଣ ତଥା ଶରୀରକୁ ସର୍ବତୋ ଭାବେ କରିଥିଲେ ସମର୍ପଣ। ସେ ସଦାସର୍ବଦା କୃଷ୍ଣ ପ୍ରେମରେ ପାଗଳିନୀ। ମା'ଙ୍କ କୃପା ବିହୁନେ କୃଷ୍ଣ ଭକ୍ତି ଭକ୍ତ ହୃଦୟରେ ଜାଗ୍ରତ ହୁଏ ନାହିଁ କିମ୍ବା ତାଙ୍କ କୃପା ବିନା ବୃନ୍ଦାବନରେ ପ୍ରବେଶ ଅଧିକାର ମଧ୍ୟ ମିଳେନାହିଁ। ତେଣୁ ଆସନ୍ତୁ, ମହାରାସର ମହାନାୟିକା ମା' ରାଧାରାଣୀଙ୍କ ପୁଣ୍ୟ ପ୍ରକଟ ଦିବସରେ କୃପାଲାଭ ନିମିତ୍ତ ତାଙ୍କ ପାଦପଦ୍ମରେ ଭକ୍ତି ଅର୍ଘ୍ୟ ଅର୍ପଣପୂର୍ବକ ବନ୍ଦନା ଗାନରେ ହେବା ଶତମୁଖ, 'ତପ୍ତ କାଞ୍ଚନ ଗୌରାଙ୍ଗୀ, ରାଧେ ବୃନ୍ଦାବନେଶ୍ୱରୀ, ବୃଷଭାନୁସୁତେ ଦେବୀ ପ୍ରଣମାମି ହରିପ୍ରିୟେ।'■

ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ୫୫ ଲିଟର ମହୁଲି ଜବତ, ୨ କୋର୍ଟଚାଲଣ

**ପରଜଙ୍ଗ,୩୦।୮/ଏନ୍ଏନ୍ଏସ୍:** ମହାବିରୋଡ଼ ଥାନା ଅନ୍ତର୍ଗତ ୨ଟି ସ୍ଥାନରେ ପରଜଙ୍ଗ ଅବକାରୀ ଓ ପୁଲିସ ପକ୍ଷରୁ ରେଡ୍ କରାଯାଇ ୨ଜଣ ଗିରଫ ହୋଇଛନ୍ତି । ସୂଚନା ଅନୁସାରେ ଘାଗରାମୁଣ୍ଡା ଗ୍ରାମର ସୁମନ୍ତ ବେହେରା(୩୭)ଙ୍କ ଘରୁ ୨୫ ଲିଟର ସେହିପରି ବଡ଼ସାହି ଗ୍ରାମର ଲିପିନା ସିଂହ(୩୦)ଙ୍କ ଠାରୁ ୩୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି ଅବକାରୀ ପୁଲିସ। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ପରଜଙ୍ଗ ଅବକାରୀ ବିଭାଗ ପକ୍ଷରୁ ପରଜଙ୍ଗ କୋର୍ଟଚାଲଣ ହୋଇଥିବା ସୁଚନାମିଳିଛି। ଏହି ଚଢ଼ାଉ ବେଳେ ପରଜଙ୍ଗ ଅବକାରୀ ଅଧିକାରୀ ବାସନ୍ତୀ ବାଙ୍କଲିଙ୍କ ସହିତ ଅବକାରୀ ଟିମ ଚଢ଼ାଉରେ ସାମିଲ ଥିଲେ।

# ଇଣ୍ଡୋର୍ ଷ୍ଟାଡିୟମ୍‌ରେ କ୍ରୀଡ଼ା ଦିବସ ପାଳିତ



**ପାରାଦୀପ,୩୦।୮/ଏନ୍ଏନ୍ଏସ୍:** ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ପାରାଦୀପ ସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟି ପରପୋଜ ଇଣ୍ଡୋର ଷ୍ଟାଡିୟମ ପରିସରରେ ଶୁକ୍ରବାର ଦିନ ଏହି କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷିକା ସ୍ୱାଗତିକା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଭଲିବଲ ପ୍ରଶିକ୍ଷକ ସଞ୍ଜୟ ଦାସ,ଗୋପବନ୍ଧୁ କ୍ରୀଡା ସଂସଦର ସମ୍ପାଦକ ଧ୍ରୁନ ଚନ୍ଦ୍ର ତରାଇ, ବିଜେପି ନେତ୍ରୀ ମିନାକ୍ଷୀ ବେହେରା, ସାମ୍ବାଦିକ ସୁଧାଂଶୁ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହକି ଖେଳର ମହାନାୟକ ମେଜର ଧ୍ୟାନଚାନ୍ଦଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରି କ୍ରୀଡ଼ା ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଶେଷରେ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷିକା ସ୍ୱାଗତିକା ମହାପାତ୍ର ଉପସ୍ଥିତ ଯୁବ କ୍ରୀଡ଼ାବିତମାନଙ୍କୁ ବିଭିନ୍ନ କ୍ରୀଡା ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. DRM/Engg/KUR/25-26/E-Tender/66 ତା.26.08.2025ରିଖ

1) ଟେଣ୍ଡର ସଂ. eTender-CenKUR-224-2025, ତା.18-08-2025ରିଖ
ବିବରଣୀ : [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 778.70 ଲକ୍ଷ, EMD (₹) : 5,39,400.00, ଶେଷ ହେବା ଅବଧି : 18 (ଅଠର) ମାସ।

2) ଟେଣ୍ଡର ସଂ. e-Tender-CENTKUR-229-2025, ତା.20-08-2025ରିଖ
ବିବରଣୀ : [illegible] (P.Way) [illegible] 30.09.2026 [illegible] 140.400 [illegible] 169.537 [illegible] P.Way [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 148.20 ଲକ୍ଷ, EMD (₹) : 2,24,100.00, ଶେଷ ହେବା ଅବଧି : 12 (ବାର) ମାସ।

3) ଟେଣ୍ଡର ସଂ. e-Tender-CENTKUR-230-2025, ତା.20-08-2025ରିଖ
ବିବରଣୀ : [illegible] TRD [illegible] OHE [illegible] OHE ଏବଂ PSI [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 170.14 ଲକ୍ଷ, EMD (₹) : 2,35,100.00, ଶେଷ ହେବା ଅବଧି : 08 (ଆଠ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : [illegible] ତା.10.09.2025ରିଖ 1500 ଘଣ୍ଟାରେ।

[illegible] http://www.ireps.gov.in ରେ ଉପଲବ୍ଧ ଅଛେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡରର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନା ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-539/Q/25-26



**ଆସନ୍ତୁ ସ୍ୱଚ୍ଛ ଖଣ୍ଡପଡ଼ା ସହର ଗଢ଼ିବାରେ ସାମିଲ ହେବା ପରିବେଶକୁ ସୁସ୍ଥ ରଖିବା ସହ ନିଜକୁ ସୁସ୍ଥ ରଖିବା**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛୁ ।

୧. ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ବର୍ଜନ କରି 'ପ୍ଲାଷ୍ଟିକ ମୁକ୍ତ ସହର' ଗଢ଼ିବା ।
୨. ଘରର ଶୁଖିଲା ଅଳିଆ ଓ ଓଦା ଅଳିଆକୁ ଅଲଗା ଅଲଗା କରି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଦିଅନ୍ତୁ ଏବଂ ପରିବାରକୁ ରୋଗମୁକ୍ତ ଓ ପରିବେଶକୁ ସୁସ୍ଥ ରଖିବାରେ ସହାୟକ ହୁଅନ୍ତୁ ।
୩. ମଳ ଉପଚାର ପ୍ଲାଣ୍ଟ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ସେପଟିକ ଗାଡ଼ିର ମଳ ପକାଇବା ଏକ ଦଣ୍ଡନୀୟ ଅପରାଧ ।
୪. ପରିଷଦକୁ ସଠିକ୍ ସମୟରେ ଗୃହ ଏବଂ ଆଲୋକ ଟିକସ ପରିଶୋଧ କରନ୍ତୁ ।
୫. ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ ।
୬. ଘରର ନକ୍ସା ଅନୁମୋଦନ ପରେ ଗୃହ ନିର୍ମାଣ କରନ୍ତୁ ।
୭. ବୃକ୍ଷ ରୋପଣ ଭଳି ମହତ କାର୍ଯ୍ୟରେ ସାମିଲ ହୋଇ ପରିବେଶକୁ ସୁରକ୍ଷା ରଖନ୍ତୁ ।

ଏକ ପ୍ରଦୂଷଣ ମୁକ୍ତ, ସରସ, ସୁନ୍ଦର, ସବୁଜ ଓ ସମୃଦ୍ଧ ସହର ଗଢ଼ିତୋଳିବା ଆମର ଲକ୍ଷ୍ୟ ଏଥିରେ ସହରବାସୀଙ୍କ ଗଠନ ମୂଳକ ସହଯୋଗ ଆମର ଏକାନ୍ତ କାମ୍ୟ ।

ନିର୍ବାହୀ ଅଧିକାରୀ ଏବଂ ସମସ୍ତ କର୍ମଚାରୀବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡ଼ା
ଅଧ୍ୟକ୍ଷା ଏବଂ ସମସ୍ତ ପାରିଷଦବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡ଼ା



**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL: JEYPORE**
Letter No.............../JM          Date: ...... August 2025

**ସ୍ୱାୟତ୍ତ ଶାସନ ପାଳନ ଅବସରରେ ଜୟପୁର ପୌରପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ**

**କାର୍ଯ୍ୟସୂଚୀ**

ତାରିଖ- ୩୧/୦୮/୨୦୨୫
ସକାଳ ୦୮-୦୦ ଘଣ୍ଟା - ପୌର କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ
ସକାଳ ୧୦-୦୦ ଘଣ୍ଟା ଠାରୁ ନିମ୍ନଲିଖିତ ନୂତନ ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ
୧) ସୁନାରଗଳ (ଜୁଲୁରଖାଲ) ରେ ନିର୍ମିତ ଗୋଶାଳା
୨) ଦ୍ୱିତୀୟ ଦୈନିକ ବଜାରରେ ରେଲିଙ୍ଗ ଯୋଡ
୩) ମେଡ଼ମାଲଦୋଳା ଠାରେ ନୂତନ ପାର୍କ
୪) ମଙ୍ଗଳାପୁର ଠାରେ ଏଫ୍.ଏସ୍.ଟି ପ୍ଲାଣ୍ଟ ର ନୂତନ ଗୃହ
୫) ସନ୍ଧ୍ୟା ୫-୦୦ ଘଣ୍ଟା ଠାରୁ - ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ।

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସପ୍ତଗିରି ଶଙ୍କର ଉଲାକା, ମାନ୍ୟବର ସାଂସଦ, କୋରାପୁଟ
ଶ୍ରୀଯୁକ୍ତ ତାରାପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ, ଜୟପୁର

ଜୟପୁର ଜନସାଧାରଣଙ୍କୁ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେବା ନିମନ୍ତେ ଜୟପୁର ପୌରପରିଷଦ ଅନୁରୋଧ କରୁଛି ।

**ନିବେଦନ**
- ରାସ୍ତା କିମ୍ବା ଡାଳ ନର୍ଦ୍ଦମାରେ ଘରର ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ଏହାକୁ ସଂଗ୍ରହ କରିବା ପାଇଁ ଆପଣଙ୍କ ଘର ନିକଟକୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ପକାନ୍ତୁ ।
- ଟ୍ରାଫିକ ନିୟମ ପାଳନ କରନ୍ତୁ । ପାର୍କିଂ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
- ପରିଷଦର ଦେୟ ଯଥା ଗୃହ, ଜିଳସ ଦୋକାନ ଭଡା, ଲାଇସେନ୍ସ ଫି ତଥା ଅନ୍ୟାନ୍ୟ ଟିକସ ଠିକ ସମୟରେ ପୈଠ କରନ୍ତୁ ।
- ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରନ୍ତୁ ।
- ରାସ୍ତା କଡରେ ବ୍ୟବସାୟ କରନ୍ତୁ ନାହିଁ । ବ୍ୟବସାୟ କରିବା ପାଇଁ ପୌରସଂସ୍ଥା ଦ୍ୱାରା ନିର୍ଦ୍ଦିଷ୍ଟ କରିଥିବା ସ୍ଥାନ ତଥା ପ୍ରଥମ ଓ ଦ୍ୱିତୀୟ ଦୈନିକ ବଜାରରେ ବ୍ୟବସାୟ କରନ୍ତୁ

ବି.ସୁନୀତା, ଉପାଧ୍ୟକ୍ଷା, ଜୟପୁର ପୌରପରିଷଦ
ଏ. ସତ୍ୟା ରେଡ୍ଡୀ, ଓଏଏସ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ
ନରେନ୍ଦ୍ର କୁମାର ମହାନ୍ତି, ଅଧ୍ୟକ୍ଷ, ଜୟପୁର ପୌରପରିଷଦ



Government of Odisha
Department of Social Security & Empowerment of Persons with Disabilities
***
No. SSEPD-DA5-DA-0001-2025-__________/SSEPD Dt. 26.08.2025

**NOTICE INVITING TENDER**

SSEPD Dept. invites tender for selection of agency for supply of readymade Aids/ Appliances under Bhimabhoi Bhinnakhyama Samarthya Abhiyan (BBSA) Scheme as per the following schedule.

Complete set of bidding document is available on e-tender website http://www.tendersodisha.gov.in from 25.08.2025 up-to 15.09.2025(05.00 PM). Pre-bid meeting will be held on 04.09.2025 (3:30PM). The last date of submission bid is 15.09.2025(05.00 PM). Interested Agencies/Firms may visit above website for details on the tender process and schedule of requirements.

The SSEPD Department reserves all rights to accept or reject all or any of the bids at any stage without assigning any reasons thereof.

N.B:-All subsequent addendums / corrigendum to the tender shall be hosted in the Government of Odisha e-tender portal www.tendersodisha.gov.in

OIPR-46001/11/0066/2526          DIRECTOR, SSEPD Deptt.



**ପୌରପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର**
**ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

**ନିବେଦନ**
- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ ଫ୍ରି ନଂ ୧୪୪୨୦ ରେ ଯୋଗାଯୋଗକରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।
- ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନଭାବେ ଅବରୋଧ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବ୍ୟାଟେରୀଚାଳିତ ଗାଡିରେ ଦୈନନ୍ଦିନ ଦିଅନ୍ତୁ ।
- କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ ।
- ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନକରି ପୌରପରିଷଦରୁ ଅନୁମତି ନିଅନ୍ତୁ ।
- ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ଅଦରକାରୀ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡିରେ ଦିଅନ୍ତୁ ।
- ଛୋଟ/ ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
- ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

ଶ୍ରୀମତୀ ସୀମା ଜେନା (ଓ.ଆର.ଏସ), ନିର୍ବାହୀ ଅଧିକାରୀ, ପୌରପରିଷଦ, ଜଗତସିଂହପୁର
ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର କିଶୋର, ଉପାଧ୍ୟକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ଜଗତସିଂହପୁର
ଶ୍ରୀମତୀ ଅର୍ଚ୍ଚନା ସିଂହ, ଅଧ୍ୟକ୍ଷା, ପୌରପରିଷଦ, ଜଗତସିଂହପୁର



**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା**

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶରେ ଗଢି ତୋଳିବାକୁ ସମସ୍ତଙ୍କ ସହଯୋଗ ଆଶା କରୁଛୁ ।

(୧) ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ ।
(୨) ଘରେ ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହାନ ଗାଡିରେ ଦିଅନ୍ତୁ ।
(୩) ବାହ୍ୟ ମଳ ତ୍ୟାଗ କରନ୍ତୁ ନାହିଁ ।
(୪) ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
(୫) ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ ।
(୬) ଆପଣମାନଙ୍କଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉଦ୍‌ବୃକ୍ଷମାନଙ୍କର ଜୈବିକ ଖତ ପ୍ରସ୍ତୁତ ହେଉଅଛି ଏହାର ଉପଯୋଗ କରନ୍ତୁ ।
(୭) ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇନିଅନ୍ତୁ ।
(୮) ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ ।
(୯) ବର୍ଷା ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷ ରୋପଣ କରନ୍ତୁ ।
(୧୦)ବ୍ୟବସାୟୀ ମାନେ ନିଜ ନିଜର ବ୍ୟବସାୟ ପାଇଁ ଟ୍ରେଡ ଲାଇସେନ୍ସ କରାଇନିଅନ୍ତୁ ।
(୧୧) ବିଭିନ୍ନ ଟିକସ ଯଥା- Holding Tax, User Fee, Trade License ଠିକ ସମୟରେ ପଇଠ କରନ୍ତୁ ।
(୧୨) ସ୍ୱଚ୍ଛ ବାଲିଗୁଡା ଓ ସୁସ୍ଥ ବାଲିଗୁଡା ଗଠନରେ ସହାୟକ ହୁଅନ୍ତୁ ।

ସ୍ୱା/ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ
ସ୍ୱା/ ଶ୍ରୀମତୀ ଶାନ୍ତି କୁମାରୀ ନାୟକ, ଉପାଧ୍ୟକ୍ଷା
ସ୍ୱା/ ଶ୍ରୀଯୁକ୍ତ ବିବେକାନନ୍ଦ ଦଳାଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ



**ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ନିଖିଳ ଭାରତ ସାୟତ ଶାସନ ଦିବସ-୨୦୨୫ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ**

- ଆମେ ସମସ୍ତେ ମିଳିମିଶି ସଙ୍କଳ୍ପ ନେବା, ପରିଷଦର ଟିକସ ଠିକ୍ ସମୟରେ ପୈଠ କରିବା ଘର ଓ ପରିବେଶକୁ ସଫା ରଖିବା, ଆବର୍ଜନା ପାଣି ଘର ପାର୍ଶ୍ୱରେ ଜମା ନରଖିବା ତେବେ ଯାଇ ଅମ୍ଭେ ମଶା ମାଛିଙ୍କ ଦାଉରୁ ରକ୍ଷା ପାଇବା ।
- ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ପରିମଳ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ନିର୍ମାଣାଧୀନ ଘରର ନକ୍ସାକୁ ପରିଷଦ ଦ୍ୱାରା ମଞ୍ଜୁର କରାଇନିଅନ୍ତୁ
- ସରକାରୀ ନାଳ, ନର୍ଦ୍ଦମା, ଓ ରାସ୍ତାଘାଟକୁ ଅବରୋଧ କରିବା ନାହିଁ ।
- ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତାଘାଟକୁ ଛାଡ଼ନ୍ତୁ ନାହିଁ ।
- ଦୋକାନ ଘରର ଟ୍ରେଡ୍ ଲାଇସେନ୍ସ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ ।
- ଠିକ୍ ସମୟରେ ଘରର ହୋଲ୍ଡିଂ ଟିକସ ପୈଠ କରନ୍ତୁ ।
- ପରିବେଶ ସଫା ସୁତୁରା ପାଇଁ ପ୍ରତିମାସରେ ୟୁଜର ଫି ପୈଠ କରନ୍ତୁ ।
- ରାସ୍ତା ଉପରେ ଘର ତିଆରି ସାମଗ୍ରୀ (ବାଲି, ଗୋଡ଼ି, ଇଟା ଓ ପଥର) ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ଦୋକାନ ଆଗରେ ଓଡ଼ିଆରେ ନାମ ଫଳକ ଲେଖି ଟ୍ରେଡ୍ ଲାଇସେନ୍ସରେ ରିହାତି ପାଆନ୍ତୁ ।

(ପ୍ରତ୍ୟେକ ଟିକସ ଦାତା ଜଣେ ରାଷ୍ଟ୍ର ନିର୍ମାତା)

ପ୍ରାଣନାଥ ସେଠୀ, ଓ.ରା.ସେ., ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ
ଭଗବାନ ପ୍ରଧାନ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ
ଶ୍ରୀମତୀ ସୁକାନ୍ତି ପାଇକରାୟ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ



**ଭବାନୀପାଟଣା ପୌର ପରିଷଦ**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ- ୨୦୨୫ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି । ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ,ସୁନ୍ଦର,ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା ।

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ, ନିର୍ବାହୀ ଅଧିକାରୀ
ତଥା
ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ, ନଗରପାଳ

ସମସ୍ତ ପାରିଷଦ ବୃନ୍ଦ , ଭବାନୀପାଟଣା ପୌରପାଳିକା ।



**NOTIFIED AREA COUNCIL CHATRAPUR**
ଛତ୍ରପୁର, ଗଞ୍ଜାମ ଜିଲ୍ଲା, ୭୬୧୦୨୦
Chatrapur, Dist-Ganjam, 761020
E-mail: nacchatrapur@rediffmail.com / chatrapur@gmail.com
Web :- www.chatrapurnac.in
Contact No. - (06811) 263975

[illegible]

୬. ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଧିବଦ୍ଧ Approval ପ୍ଲାନ ଏନ.ଏ.ସି. କାର୍ଯ୍ୟାଳୟ ଠାରୁ କରାଇ ନିଅନ୍ତୁ ।
୭. [illegible]
୮. ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଟ୍ରେଡ ଲାଇସେନ୍ସ ଓ ପରିମଳ ଶୁଳ୍କ [illegible] ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଛି ।
୯. ଏହି ପରିଷଦର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଛତ୍ରପୁର ସହରକୁ ସବୁଜ ଓ ସୁନ୍ଦର ସହର ରୂପେ ଗଠନ କରିବାରେ ସହଯୋଗ କରନ୍ତୁ ।

[illegible], କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର
[illegible], ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର
[illegible], ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର



**ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଗୁନିଆ**

ବେଗୁନିଆ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନ ସାଧାରଣଙ୍କୁ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ନିବେଦନ**
- ପରିଷଦ ଅଞ୍ଚଳରେ ନୂତନ ବାସଗୃହ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ନକ୍ସା ଅନୁମୋଦନ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତୁ ।
- ସର୍ବସାଧାରଣଙ୍କ ରାସ୍ତା ଉପରେ ବାଲି, ମାଟି, ଗୃହ ନିର୍ମାଣ ସାମଗ୍ରୀ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ପରିଷଦ ମଧ୍ୟରେ ଥିବା ଜାତୀୟ ରାଜପଥ ଓ ପରିଷଦ ରାସ୍ତା ଉପରେ ଯାନବାହାନ ରଖି ସର୍ବସାଧାରଣ ଲୋକ ମାନଙ୍କ ଗମନାଗମନରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
- ଜାତୀୟ ରାଜପଥ ଉପରେ ଠେଲା, ଅସ୍ଥାୟୀ ଦୋକାନ ଓ ପସରା ମେଲେଇ ବ୍ୟବସାୟ କରନ୍ତୁ ନାହିଁ , ଦୁର୍ଘଟଣା ହେବାର ସମ୍ଭାବନାକୁ ଏଡାନ୍ତୁ ।
- ଗୃହ ନିର୍ମାଣ କାର୍ଯ୍ୟ ସମାପନ ପରେ ଗୃହ ନିର୍ମାଣ ସାମଗ୍ରୀ ଉଠେଇ ନିଅନ୍ତୁ ଓ ରାସ୍ତା ଘାଟକୁ ଅବରୋଧ ମୁକ୍ତ କରନ୍ତୁ ଏବଂ ପରିଷଦ ଗୃହ ତିଆରି ସମ୍ପୂର୍ଣ୍ଣ ପ୍ରମାଣ ପତ୍ର ପ୍ରଦାନ କରନ୍ତୁ ।

ଶ୍ରୀମତୀ ସରସ୍ୱତୀ ସାହୁ, ଉପାଧ୍ୟକ୍ଷା
ଶ୍ରୀଯୁକ୍ତ ନୃପରାଜ ଯାଦବ, ଅଧ୍ୟକ୍ଷ

ପାରିଷଦ ବୃନ୍ଦ
[illegible]

ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଗୁନିଆ



**ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ**

"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"

ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"



କାର୍ଯ୍ୟନିର୍ବାହୀ ଅଧିକାରୀ
ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ



**OFFICE OF THE DIVISIONAL FOREST OFFICER, REDHAKHOL FOREST DIVISION**
Notice No. 15 of 2025-26, Date. 25th August, 2025

**Application Invited for Engagement as Legal Advisor**

Redhakhol Forest Division invites application only from qualified candidates for the post of Legal Advisor for purely contractual basis for one year to provide legal inputs to the management.

The interview date shall be intimated to the candidate after completion of preliminary scrutiny of the application and shall be notified through mail. The application along with terms & conditions shall be available in https://sambalpur.odisha.gov.in/ / https://odishaforest.in/ www.redhakholforest.com.

| Name of the Post | **Legal Advisor** |
|---|---|
| Educational Qualification | 3. **Bachelor's Degree in Law (LL.B.)** from a recognized university.<br>4. Preference will be given to candidates with **Master's Degree in Law (LL.M.)/ PhD**, especially with specialization in **Environmental Law / Forest Law / Criminal Law**. |
| Bar Council Registration | Candidate must be a **registered advocate** with the **Bar Council of India / State Bar Council**. |
| Working Experience | • Experience **as an Advocate** in handling **Criminal Cases, Forest & Wildlife offence cases, Environmental matters, and Writ Petitions** in Sub-ordinate Courts/ District Courts/High Courts.<br>• Experience in **government litigation** or as a **Legal Advisor in any government department/PSU** is preferred. |
| Emoluments | 50,000/- per month |
| Age | Upper age limit 35 years as on 01.01.2025, including age relaxation up to 5 years in case of SC/ST/SEBC candidates. |
| Last Date and Time for Submission | 07.09.2025 and 6.00 PM |
| Email for Submission of Resume | legal.recruitment@redhakholforest.com |

The candidate should submit the **resume** through the email provided and **online form** through scanning the QR code/ link (https://forms.gle/A8PLkdq9PDbUU7CWA ). For any query, candidates can mail to helpdesk@redhakholforest.com

(Sd/-)
Divisional Forest Officer,
Redhakhol Forest Division.

OIPR-08146/11/0032/2526     MM-173



**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।**

**ଆମ ପଦକ୍ଷେପ**
- ସହରକୁ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ୍ ନିୟନ୍ତ୍ରଣମୁକ୍ତ କରିବା ନିମନ୍ତେ ରାସ୍ତାକଡ଼ରେ ଥିବା ଭଠା ଦୋକାନୀମାନଙ୍କୁ ଭେଣ୍ଡିଂ ଯୋଜନା ମାଧ୍ୟମରେ ୪ଗୋଟି ନୂତନ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବା ପାଇଁ ପ୍ରୟାସ ।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ।
- ସହଯୋଗ ଯୋଜନାରେ ସମସ୍ତ ସରକାରୀ ଯୋଜନାର ଉପଯୋଗୀତା ଓ ସହଭାଗୀତା ହେବା ନିମନ୍ତେ ସହରର ସମସ୍ତ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ପ୍ରୟାସ ।
- ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

**ପୌରବାସୀଙ୍କୁ ଅନୁରୋଧ**
- ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୌହାର୍ଦ୍ଦପୂର୍ଣ୍ଣ ଖୋରଧା ଗଢିବା ।
- ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
- ପଲିଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ ।
- ହର ଘର ସ୍ୱଚ୍ଛତା ସମୂହ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ ।
- ଆସନ୍ତୁ ଖୋରଧା ସହରକୁ ସବୁଜ ସ୍ୱଚ୍ଛ ରୂପେ ଗଢିତୋଳିବା ।

ଋିତ୍ୱିକା କଅଁକଦ୍, (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧା
ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି, ପୌରାଧ୍ୟକ୍ଷା, ପୌର ପରିଷଦ, ଖୋରଧା
ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧ୍ୟକ୍ଷ
ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

OIPR-13082/13/0034/2526     DSPL-229



**ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ, ଜି: ନୟାଗଡ଼**

**ପବିତ୍ର ସ୍ୱାୟତ୍ତ ଶାସନ ଦିବସ - ୨୦୨୫ ଅବସରରେ ବାର୍ତ୍ତା**

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଓଡ଼ଗାଁର ସମସ୍ତ ଗୁରୁଜନ, ମା' ମାଉସୀ ଓ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଦିଆଯାଉଅଛି । ଗଣତାନ୍ତ୍ରିକ ଶାସନରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ସହରବାସୀଙ୍କ ସାମାଜିକ ତଥା ଆର୍ଥିକ ବିକାଶର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନାର ସଫଳ ରୂପାୟନ ସ୍ୱାୟତ୍ତ ଶାସନ ସଂସ୍ଥାର ମୌଳିକ ଦାୟିତ୍ୱ ହେବା ସହିତ ପ୍ରତ୍ୟେକ ଯୋଜନା କିପରି ସଠିକ ଭାବେ ଉପଯୋଗ କରାଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ବିକାଶର ଧାରାକୁ ନିରବଛିନ୍ନଭାବେ ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ।

ସ୍ୱା/-
ଉପଜିଲ୍ଲାପାଳ,ନୟାଗଡ-ତଥା-ପ୍ରଶାସକ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ

# କୋଣାର୍କରେ ଶାରଦୀୟ ଦୁର୍ଗା ପୂଜା ମାଟି ଅନୁକୂଳ

**କୋଣାର୍କ,୩୦।୮/ଏନ୍‌ଏନ୍‌ଏସ୍:** ମା' ଦୁର୍ଗତିନାଶିନୀ ଦୁର୍ଗାଙ୍କ ଶାରଦୀୟ ପୂଜା ଆଉ ଅଳ୍ପଦିନ ଥିବାକୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଜୋରସୋର୍‌ରେ ଚାଲିଥିଲା ବେଳେ ଶୁକ୍ରବାର ଭାଦ୍ରବମାସ ଶୁକ୍ଲପକ୍ଷ ଷଷ୍ଠୀ ତିଥିରେ ଷଠିଙ୍କ ଓଷାକୁ ନେଇ କୋଣାର୍କ ନରସିଂହଦେବ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ କାର୍ଯ୍ୟ ବିଧି ଅନୁଯାୟୀ ରୀତିନୀତି ଅନୁଯାୟୀ ଅପରାହ୍ଣରେ ପୂଜକ ପ୍ରହଲ୍ଲାଦ ଦାସଙ୍କ ଦ୍ୱାରା ସମାପନ କରଯାଇଛି। ନରସିଂହ ଦେବ ଦୁର୍ଗା ପୂଜା କମିଟିର ସଭାପତି ସୁଶାନ୍ତ କୁମାର ମହାନ୍ତି,ଉପସଭାପତି ପ୍ରମୋଦ ଛୋଟରାୟ ଓ ବରିଷ୍ଠ ଉପଦେଷ୍ଟା ତଥା ରାମକୃଷ୍ଣ ମହାନ୍ତି, ସମ୍ପାଦକ ନଟବର ମହାରଣା, କୋଷଧକ୍ଷ ତଥା କର୍ତ୍ତା ବୀରବର ସ୍ୱାଇଁଙ୍କ ତତ୍ତ୍ୱାବଧାନ ରେ ବରିଷ୍ଠ ସଭ୍ୟ ମିଳନ ରାଉତ, ରଣଜିତ ନାୟକ, ସୁବାଷ ବେଉରା, ଅବନୀ ଭୂଷଣ ବାରିକ, ସୁବୋଧ ଖଟୁଆ, ପ୍ରତାପ କାଣ୍ଡି, ଜ୍ୟୋତିରାଜ ମହାନ୍ତି, ଗଣେଶ ବେହେରା, ଚନ୍ଦ୍ରଶେଖର ନାୟକ, ସ୍ୱାଧୀନ ନାୟକ, ମହେଶ୍ୱର ଦଳାଇ, ନୃସିଂହ ନାୟକ, ଚିତ୍ରସେନ ପାତ୍ର, ସାଇପ୍ରେମ ବିଶ୍ୱାଳ, ତ୍ରିନାଥ ମଲ୍ଲିକ, ଲିଙ୍ଗରାଜ ସେଠି, ବାପିନି ବେଉରା, ଜିତେନ୍ଦ୍ର ବାରିକ, ଯୁଧିଷ୍ଠିର ନାୟକ ପ୍ରମୁଖ କୋଣାର୍କର ଅଧିଷ୍ଠାତ୍ରୀ ମା'ଭଗବତୀ ପୀଠ ଅଭିମୁଖେ ଘଣ୍ଟଘଣ୍ଟା, କାହାଳୀ, ମୃଦଙ୍ଗ ବଜାଇ ଶୋଭାଯାତ୍ରାରେ ଯାଇ ପୂଜାର୍ଚ୍ଚନା କରି ଆଜ୍ଞା ମାଳ ନେଇ ମାଟି ଅନୁକୂଳ ଅନୁକୂଳ ପାଇଁ ସେଠାରୁ ଚନ୍ଦ୍ରଭାଗ ତୀର୍ଥ ପୁଷ୍କରଣୀ ଅଭିମୁଖେ ଯାତ୍ରାକରି ତୀର୍ଥରୁ ମାଟି ଆଣି ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ।

# ପ୍ରାଚୀ ନଦୀରୁ ଦେବୀ ପୂଜା ମାଟି ଅନୁକୂଳ



**ନୟାହାଟ,୩୦।୮/ଏନ୍‌ଏନ୍‌ଏସ୍:** ନୟାହାଟରେ ମା' ଦୁର୍ଗା ପୂଜା କମିଟି ପକ୍ଷରୁ ଶୁକ୍ରବାର ଷଠି ତିଥିରେ ପ୍ରାଚୀ ନଦୀର ପୁନର୍ବା ଘାଟିରୁ ମାଟି ଉଠା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ନୟାହାଟ ବଜାରରୁ ଦୀର୍ଘ ୨କିମି ଦୂର ପ୍ରାଚୀନଦୀକୁ ବାଜା ଓ ବାଣ ରୋଶଣୀର ଏକ ଶୋଭାଯାତ୍ରାରେ ପ୍ରାଚୀକୂଳ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ସରିବା ପରେ ମୁଖ୍ୟପୂଜକ ଉମାକାନ୍ତ ମୁଖାର୍ଜୀ, ଭଗବାନ ପାଢ଼ୀ ଓ ପ୍ରାଚୀ ନଦୀରୁ ଭଗବାନ ଦୁବେ ମାଟି ଉଠାଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ମାଟିକୁ ଆଣି ନୟାହାଟ ଦୁର୍ଗା ମଣ୍ଡପରେ ପହଞ୍ଚିଥିଲେ ବୋଲି ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ସୁରେନ୍ଦ୍ର ମୋହନ ବିଟି ସୂଚନା ଦେଇଛନ୍ତି।

# ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

**ସାକ୍ଷୀଗୋପାଳ,୩୦।୮/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତା ସେନାପତିଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ବିଦ୍ୟାଳୟଠାରୁ ଚନ୍ଦନ ପୋଖରୀ ପର୍ଯ୍ୟନ୍ତ ଛାତ୍ରମାନେ ଶୋଭାଯାତ୍ରାରେ ଯାଇଥିଲେ। ପରେ ବିଦ୍ୟାଳୟ ପରିସରରେ କବାଡି, ଖୋ-ଖୋ, ଭଲିବଲ, ହ୍ୟାଣ୍ଡବଲ ଓ ବ୍ୟାଡ଼ମିଣ୍ଟନ ଆଦି ଖେଳ ଖେଳିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ସୁଚିତ୍ର ଖଟେଇ ଖେଳ ପରିଚାଳନା କରିଥିଲେ।

# ଟ୍ରିପଲ୍ 'ଏ' ରେ ଶପଥପାଠ

**ଖୋର୍ଦ୍ଧା,୩୦।୮/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବଟି ବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଦିପ୍ତିମୟୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବଟିକୁ କ୍ରୀଡ଼ା ମୁଖ୍ୟ ଚିରଞ୍ଜିତ ସିଠ୍ ପରିଚାଳନା କରିଥିଲେ। ପ୍ରାରମ୍ଭରେ କ୍ରୀଡା ଉତ୍ସବର ଶପଥପାଠ କରାଯାଇଥିଲା। ଏହି ଉତ୍ସବକୁ ଆକର୍ଷଣୀୟ କରିବାପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ଯାହା ଛାତ୍ରମାନଙ୍କ ମଧ୍ୟରେ ଭଲିବଲ ଓ ଛାତ୍ରୀମାନଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା କରାଯାଇଥିଲା। ଦୀର୍ଘ ୩ଘଣ୍ଟା ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ସମସ୍ତଙ୍କୁ କ୍ରୀଡ଼ା ଦିବସର ମହାନତା ସୁଚେଇ ଦେଇଥିଲା। ବିଦ୍ୟାଳୟର ଏହି ଅଭିନବ ପ୍ରୟାସ ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ଡାକ୍ତର ନନ୍ଦକିଶୋର ପଟ୍ଟନାୟକ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ।

# କୋଣାର୍କରେ ଜାତୀୟ କ୍ରୀଡ଼ା ଦିବସ



**କୋଣାର୍କ,୩୦।୮/ଏନ୍‌ଏନ୍‌ଏସ୍:** କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର୍ ବିଦ୍ୟାପୀଠ, ନୂଆଗାଁ, ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡାଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଅନ୍ୟମାନଙ୍କ ମଧ୍ୟରେ ଏନସିସି ଅଧିକାରୀ ଦିଲ୍ଲିପ କୁମାର ନାୟକ, ସତ୍ୟସାଇ ସେବା ସଂଗଠନ ର ଜିଲ୍ଲା ସଭାପତି ବଂଶୀଧର ମହାପାତ୍ର, ବିଜ୍ଞାନ ସାହୁ, ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶମତେ ପ୍ରତ୍ୟେକ ବିଦ୍ୟାଳୟରେ କ୍ରୀଡ଼ା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ କ୍ରୀଡାଶିକ୍ଷକ ନିହାରିକା ମହାନ୍ତି ଓ ମହାପ୍ରସାଦ ମହାରଣା ପରିଚାଳନା କରିଥିଲେ। ଶେଷରେ କୃତୀ କ୍ରୀଡାବିତ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା।


## ପୌର ପରିଷଦ କାର୍ଯ୍ୟାଳୟ,ଫୁଲବାଣୀ

ଫୁଲବାଣୀ ପୌର ପରିଷଦ ପ୍ରଗତିପଥେ ଆଗକୁ ବଢ଼େଇ ନେବା ପାଇଁ , ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ , ଆପଣ ମାନେ

- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ ।
- ରାସ୍ତା କଡ଼ର ନାଳ ଉପରେ ଭଡା ଦୋକାନ ବା କ୍ୟାବିନ ପକାଇ ଜବର ଦଖଲ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡ଼ିରେ ଦିଅନ୍ତୁ ।
- ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣାଧୀନ ସାମଗ୍ରୀ ଯଥା ବାଲି, ଗୋଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ ।
- ଗାଈ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡି ନିଜ ହେପାଜତରେ ରଖନ୍ତୁ ।
- ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ଟିକସ ସଠିକ ସମୟରେ ପଇଠ କରନ୍ତୁ ।
- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋର୍ଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦ ବିଧିବଦ୍ଧ ଅନୁମତି ନିଅନ୍ତୁ ।
- ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ, ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବ ସାଇଟ ଯାଇ ସେବା ନିଅନ୍ତୁ ।

ସ୍ୱା/- ଶ୍ରୀ ସମରେଶ ମହାନ୍ତି, ନିର୍ବାହୀ ଅଧିକାରୀ, ଫୁଲବାଣୀ ପୌରପରିଷଦ


ସମସ୍ତ ପାରିଷଦ ବୃନ୍ଦ, ଫୁଲବାଣୀ ପୌରପରିଷଦ

ଶ୍ରୀମତୀ ପାୟେଲ୍ ବେହେରା, ଅଧ୍ୟକ୍ଷା, ଫୁଲବାଣୀ ପୌରପରିଷଦ



## ବିଜ୍ଞାପିତ ଅଞ୍ଚଳ ପରିଷଦ, କବିସୂର୍ଯ୍ୟନଗର

ଆପଣଙ୍କ ସେବାରେ କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ





## "ସ୍ୱଚ୍ଛ ସୁନାବେଡ଼ା ସୁସ୍ଥ ସୁନାବେଡ଼ା"

### ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡା

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସୁନାବେଡ଼ା ପୌରପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜିବୀ ଓ ଅନ୍ୟାନ୍ୟ ସମସ୍ତ ଭାଇ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣାବେକ୍ଷଣ ନିମନ୍ତେ ସହଯୋଗର ହାତ ବଢାନ୍ତୁ । ଆସନ୍ତୁ ; ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା ।

ଶ୍ରୀଯୁକ୍ତ ସୁଜିତ କୁମାର ଚଉଧୁରୀ, ନିର୍ବାହୀ ଅଧିକାରୀ, ପୌରପରିଷଦ , ସୁନାବେଡା

ଡ. ରାଜେନ୍ଦ୍ର କୁମାର ପାତ୍ର, ନଗରପାଳ, ପୌରପରିଷଦ , ସୁନାବେଡା

ଶ୍ରୀମତୀ ଝିଟୁ କଣ୍ଡା, ଉପନଗର ପାଳ, ପୌରପରିଷଦ, ସୁନାବେଡା

ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ସୁନାବେଡ



## ପୌର ପରିଷଦ୍, କୋରାପୁଟ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ କୋରାପୁଟ ପୌର ପରିଷଦ ତରଫରୁ ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

ସ୍ୱଚ୍ଛ କୋରାପୁଟ  ସୁନ୍ଦର କୋରାପୁଟ

| | |
|---|---|
| ❖ | ନିଜ ଦୋକାନ/ ବାଣିଜ୍ୟିକ ପ୍ରତିଷ୍ଠାନର ନାମ ଫଳକରେ ଓଡ଼ିଆ ଭାଷା ଲିପି ବ୍ୟବହାର କରନ୍ତୁ । |
| ❖ | ଗୃହ ନିର୍ମାଣ ପୂର୍ବରୁ ଗୃହ ନକ୍ସାକୁ ପରିଷଦ ଠାରୁ ଅନୁମୋଦନ କରାଇ ନିଅନ୍ତୁ । |
| ❖ | ପରିଷଦର ଗୃହ ଟିକସ, ଦୋକାନ ଭଡା, ବ୍ୟବସାୟୀକ ବିଜ୍ଞାପନ ଫଳକ ଓ ଅନ୍ୟାନ୍ୟ ଟିକସ ଠିକ୍ ସମୟରେ ପୈଠ କରନ୍ତୁ । |
| ❖ | ନିଜ ନିଜ ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ । |
| ❖ | ଘରୁ ବାହାରୁଥିବା ଅଳିଆ ଓ ଆବର୍ଜନା ନାଳ/ରାସ୍ତା କଡରେ ପକାନ୍ତୁ ନାହିଁ । ସେଗୁଡ଼ିକୁ ପରିଷଦର ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ । |
| ❖ | ପରିଷଦର ନାଳ/ରାସ୍ତା/ସରକାରୀ ଜମିକୁ ଜବର ଦଖଲ କରନ୍ତୁ ନାହିଁ । |
| ❖ | ରାସ୍ତା କଡରେ ଗୃହ ନିର୍ମାଣ ସାମଗ୍ରୀ ଯଥା- ବାଲି, ଇଟା, ପଥର, ଗୋଡି ଏବଂ ଗୃହ ନିର୍ମାଣ ଉଚ୍ଛିଷ୍ଟାବଶେଷ ଗୁଡିକ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ । |
| ❖ | ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ । |
| ❖ | ଯଥା ସମୟରେ ବିବାହ ପଞ୍ଜୀକରଣ କରନ୍ତୁ । |
| ❖ | ନିଜନିଜ ଘର କାନ୍ଥରେ, ଖାଲି ଜାଗାରେ ଗଛ ଲଗାଇ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ସହରକୁ ସବୁଜ ସୁନ୍ଦର କରିତୋଳନ୍ତୁ । |
| ❖ | ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ମଧ୍ୟ ଆପଣଙ୍କର । |

ଆସନ୍ତୁ ଆମେ ସମସ୍ତେ ଏକଜୁଟ ହୋଇ କୋରାପୁଟ ସହରକୁ ପ୍ରଗତି ପଥେ ଆଗେଇ ନେବା

ଶ୍ରୀ ଜ୍ଞାନଜିତ୍ ତ୍ରିପାଠୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, କୋରାପୁଟ

ଶ୍ରୀମତୀ ସବିତା ପଣ୍ଡା, ଉପାଧ୍ୟକ୍ଷା, ପୌର ପରିଷଦ, କୋରାପୁଟ

ଶ୍ରୀ ଲଳାଟ ରଞ୍ଜନ ସେଠୀ, ଅଧ୍ୟକ୍ଷ, ପୌର ପରିଷଦ, କୋରାପୁଟ



## ପୌର ପରିଷଦ କାର୍ଯ୍ୟାଳୟ,ଗୁଣପୁର

### ସ୍ୱାୟତ୍ତ ଶାସନ ଦିବସ

୩୧ ଅଗଷ୍ଟ ୨୦୨୫

ମହାଶୟା/ମହାଶୟ,

ଆସନ୍ତା ତା ୩୧.୦୮. ୨୦୨୫ ରିଖ ରବିବାର ଦିନ ଗୁଣୁପୁର ପୌର ପରିଷଦ ତରଫରୁ "ସ୍ୱାୟତ୍ତ ଶାସନ ଦିବସ – ୨୦୨୫ " ପାଳିତ ହେବାକୁ ଯାଉଅଛି | ଏହି ଅବସରରେ ପୌର ପରିଷଦ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି | ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ସହଯୋଗ କରନ୍ତୁ | ପୌର ପରିଷଦ ଗୁଣପୁର ସର୍ବଦା ଆପଣଙ୍କ ସେବାରେ |

ବାର୍ତ୍ତା

୧. "ମାଙ୍କ ପାଇ ଗଛ ଟିଏ" - ଆସନ୍ତୁ ଗଛ ଲଗାଇବା ଗୁଣପୁର ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବା |
୨. ଗୃହର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦର ଆବର୍ଜନା ସଂଗ୍ରହ ଗାଡ଼ିରେ ଦିଅନ୍ତୁ |
୩. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁର ଗୁଡ଼ିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ |
୪. ବାହାରେ ମଳତ୍ୟାଗ ନକରି ନିଜେ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ |
୫. ଘରର ଲାଟ୍ରିନ ଟାଙ୍କି ସଫା କରିବା ପାଇଁ ପରିଷଦର ସେପ୍ଟିକ୍ ଗାଡ଼ି କୁ ବ୍ୟବହାର କରନ୍ତୁ |

|| ଶ୍ରଦ୍ଧାର ସହ ||
ଆପଣଙ୍କ ଗୁଣମୁଗ୍ଧ

ଶ୍ରୀଯୁକ୍ତ ଶିବ ପ୍ରସାଦ ଗୌଡ଼, ଉପାଧ୍ୟକ୍ଷ, ପୌର ପରିଷଦ, ଗୁଣପୁର

ଶ୍ରୀମତୀ ମମତା ଗୌଡ଼, ଅଧ୍ୟକ୍ଷା, ପୌର ପରିଷଦ, ଗୁଣପୁର

ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ଗୁଣପୁର

ପୌର ପରିଷଦର ସମସ୍ତ ପାରିଷଦ ବୃନ୍ଦ



## ପୌର ପରିଷଦ, ବେଲପାହାଡ଼

ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ।

ପୌରବାସୀଙ୍କୁ ନିବେଦନ :-

- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ନାମଫଳକ ଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖନ୍ତୁ।
- ପୌର ପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଏବଂ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା : ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତା ଉପରେ ଏଣେ ତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
- ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌର ପରିଷଦକୁ ସହଯୋଗ କରନ୍ତୁ।
- ଏକକାଳୀନ ବ୍ୟବହାର ହେଉଥିବା ପଲିଥିନ୍ ର ବ୍ୟବହାର ବର୍ଜନ କରନ୍ତୁ।
- ପୌର ପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି ଏଣୁ ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ଗୌରବ ପ୍ରଧାନ (ଓ.ଆର.ଏସ୍), ନିର୍ବାହୀ ଅଧିକାରୀ, ପୌର ପରିଷଦ, ବେଲପାହାଡ଼ ଏବଂ ସମସ୍ତ ପୌର କର୍ମଚାରୀ ବୃନ୍ଦ

ଶ୍ରୀମତୀ ରାନୀ ଗୁମ୍ଫା, ଉପାଧ୍ୟକ୍ଷା ଏବଂ ପରିଷଦର ସମସ୍ତ ସଭ୍ୟ, ସଭ୍ୟା ବୃନ୍ଦ

ଶ୍ରୀ ହିମାଂଶୁ ଚରଣ ପଣ୍ଡା (ବୁଲୁ), ଅଧ୍ୟକ୍ଷ, ପୌର ପରିଷଦ, ବେଲପାହାଡ଼



## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ-୨୦୨୫ ପାଳନ ଅବସରରେ ଢେଙ୍କାନାଳ ପୌରପାଳିକା ତରଫରୁ

ଢେଙ୍କାନାଳ ସହରବାସୀଙ୍କୁ ନିବେଦନ

ତା.୩୧.୦୮.୨୦୨୫ (ରବିବାର)

"ଆସନ୍ତୁ ଢେଙ୍କାନାଳ ସହରକୁ ପରିଚ୍ଛନ୍ନ ମୁକ୍ତ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ ସୁନ୍ଦର କରି ଗଢି ତୋଳି ପ୍ରଗତିପଥରେ ଆଗେଇ ନେବା"

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସ, ଓ.ପ୍ର.ସେ., ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ଭୂଇଁଆ, ଉପାଧ୍ୟକ୍ଷ, ଢେଙ୍କାନାଳ ପୌରପାଳିକା

ଶ୍ରୀମତୀ ଜୟନ୍ତୀ ପାତ୍ର, ଅଧ୍ୟକ୍ଷା, ଢେଙ୍କାନାଳ ପୌରପାଳିକା



## OFFICE OF TEH NOTIFIED AREA COUNCIL, NUAPADA

At/Po- Nuapada, Dist-Nuapada, Pin-766105
E-mail : nuapadanac@gmail.com

Letter No. 2269 Date : 25.08.2025

### ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା, ଜିଲ୍ଲା-ନୂଆପଡ଼ା

ସ୍ୱାୟତ୍ତ ଶାସନ ଦିବସ -୨୦୨୫ ଉପଲକ୍ଷେ ସମସ୍ତ ସହର ବାସୀଙ୍କୁ ନିବେଦନ କରୁଛି କି,

୧. ଗୃହର ବର୍ଜ୍ୟ ବସ୍ତୁଗୁଡ଼ିକୁ ରାସ୍ତା ଉପରେ ବା ନାଳୀରେ ନ ପକାଇ ପରିଷଦର ଗାଡ଼ିରେ ଥିବା ଓଦା ବର୍ଜ୍ୟବସ୍ତୁ ଓ ସୁଖା ବର୍ଜ୍ୟବସ୍ତୁ ଅଲଗା ଅଲଗା କୁଣ୍ଡରେ ପକାନ୍ତୁ କିମ୍ବା ଆବର୍ଜନା କୁଣ୍ଡରେ ପକାନ୍ତୁ।
୨. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଓ ପରିବେଶ ମୁକ୍ତ କରିବା ପାଇଁ ବୃକ୍ଷ ରୋପଣ କରନ୍ତୁ।
୩. ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ ତଥା - ବାଲି, ମାଟି, ଇଟା ଓ ଗୋଡ଼ି ଆଦି ପକାନ୍ତୁ ନାହିଁ।
୪. ପରିଷଦର ଟିକସ ସଠିକ ସମୟରେ ପଇଠ କରି ସହରର ସର୍ବାଙ୍ଗୀନ ଉନ୍ନତିରେ ସହଯୋଗର ହାତ ବଢ଼ାନ୍ତୁ।
୫. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ ତଥା ପୁରାତନ ଗୃହର ନବୀକରଣ କରନ୍ତୁ ନାହିଁ।
୬. ନିଜର ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୭. ସହରକୁ ଏକଦା ଏକକ ପ୍ଲାଷ୍ଟିକ ମୁକ୍ତ କରିବା ସହିତ ନିଶାମୁକ୍ତ ଭାରତ ଅଭିଯାନକୁ ସଫଳ କରନ୍ତୁ।

ଆସନ୍ତୁ ମିଳିମିଶି ସଂକଳ୍ପ ନେବା ଆମ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା।


ଶ୍ରୀଯୁକ୍ତ ଶ୍ରୀନିବାସ ମିର୍ଦ୍ଧା (ଓ.ରା.ସେ), ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା

ମହମ୍ମଦ ଆଦମ୍, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା



## || ପ୍ରଗତିପଥେ ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ||

☎: 06818 - 251135
(E-mail):- bugudan.hud@nic.in
bugudanac@rediffmail.com









## ପୌର ପରିଷଦ, ନୟାଗଡ଼

"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"

ଆମ ସହର ଆମର ଗର୍ବ ଓ ଗୌରବ

ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।

"ସ୍ୱଚ୍ଛତା ହିଁ ସମ୍ମାନ"

ଉପାଧ୍ୟକ୍ଷ  ଅଧ୍ୟକ୍ଷା

ସମସ୍ତ ପାରିଷଦ ବର୍ଗ, ପୌର ପରିଷଦ, ନୟାଗଡ଼

ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ ବୃନ୍ଦ

ପୌର ପରିଷଦ, ନୟାଗଡ଼



## OFFICE OF THE MUNICIPAL COUNCIL, MALKANGIRI

Odisha, Pin-764045, Ph.: 06861-230244, e-mail : eomalkangiri@gmail.com

### ନିବେଦନ

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୧. ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ସଂଗୃହିତ କରି ରଖିବେ ଏବଂ ତତ ପରଦିନ ପୂର୍ବାହ୍ଣରେ ପରିଷଦର ଆବର୍ଜନା ବାହନରେ ପକାଇବେ।
୨. ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା:- ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License) ପୌର ପରିଷଦ ମାଲକାନଗିରିଙ୍କ ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜର ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।
୫. ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୬. ପଲିଥିନ୍ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୭. ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମେ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ଅଧ୍ୟକ୍ଷ, ପୌର ପରିଷଦ, ମାଲକାନଗିରି

କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରି



## ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି

ସହରର ଉନ୍ନତି ପାଇଁ

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି। ଏଣୁ ସଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନଘର ଭଡ଼ା, ଲାଇସେନ୍ସ ଫି ୟୁଜର୍ସ ଫି ପୈଠ କରନ୍ତୁ।
୨. ଜନ୍ମମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ।
୩. ରାସ୍ତାକଡ଼ କିମ୍ବା ପୋଲ୍ ମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ।
୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୫. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୬. ପଲିଥିନ୍ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ।
୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗୃହିତ ରଖି ପରିଷଦର ନିର୍ଦ୍ଧାରିତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ। ପଲିଥିନ୍ ଜରି ଓ ବ୍ୟାଗ୍ ସର୍ବଦା ବର୍ଜନ କରନ୍ତୁ।
୮. ଗାଈଗୋରୁମାନଙ୍କୁ ରାସ୍ତାଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ୍ୱ ଗୋଶାଳାରେ ବାନ୍ଧି ରଖନ୍ତୁ।
୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡ଼ି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ।

ଆପଣମାନଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ।

ବଳୟ ବେହୁରା, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼

ବି.ଶ୍ରୀକୃଷ୍ଣ ଶଙ୍କର ଜେନା, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନସିଲର୍ ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼

ସସ୍ମିତା ରାଉତ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ

ପରିଷଦ ତରଫରୁ ଆମର ସଂକଳ୍ପ



## ପୌର ପରିଷଦ ହିଞ୍ଜିଳିକାଟୁ
HINJILICUT MUNICIPAL COUNCIL

Contact : 06811-280025, Toll Free No.: 14420

### ପ୍ରଗତି ପଥେ ହିଞ୍ଜିଳିକାଟୁ ପୌରପରିଷଦ

- ବ୍ୟବସାୟିକ ପ୍ରତିଷ୍ଠାନ,ଗୃହ ମାଲିକ ମାନେ ଏକକ ବ୍ୟବହାର (Single Use) ପ୍ଲାଷ୍ଟିକ, ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ ।
- C&D Waste Processing unit ରେ ଜମା ଦିଅନ୍ତୁ ... User Fees ... C&D Waste କୁ ...
- Manual Scavenger ...

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ବଢ଼ିଲା ଇନ୍ସପେକ୍ଟର ...

ଇନ୍ସପେକ୍ଟର ଏବଂ ସବ-ଇନ୍ସପେକ୍ଟରମାନଙ୍କୁ ଏହି ଆଇନ ଅନୁଯାୟୀ ଏସ୍‌ସି-ଏସ୍‌ଟି ମାମଲାରେ ଗିରଫ, ତଦନ୍ତ ଏବଂ ମାମଲା ରୁଜୁ କରିବା ପାଇଁ କ୍ଷମତା ପ୍ରଦାନ କରାଯାଉଛି। ବିଜ୍ଞପ୍ତିରେ ଏହା ମଧ୍ୟ କୁହାଯାଇଛି ଯେ, ଇନ୍ସପେକ୍ଟର ଓ ଏସଆଇ ଏବେ ସେମାନଙ୍କର କ୍ଷେତ୍ରାଧିକାର ମଧ୍ୟରେ ଆଇନ ଅନୁଯାୟୀ ନିର୍ଦ୍ଦିଷ୍ଟ ଯେ କୌଣସି ସ୍ୱତନ୍ତ୍ର କୋର୍ଟ ସମ୍ମୁଖରେ କ୍ଷମତାର ବ୍ୟବହାର କରି ଅଭିଯୁକ୍ତଙ୍କୁ ହାଜର କରି ପାରିବେ। ଏଏସି ଓ ଏସଟି ଜନଜାତି ବ୍ୟକ୍ତିଙ୍କ ବିରୁଦ୍ଧରେ ଅତ୍ୟାଚାର ସଂପର୍କିତ ମାମଲାରେ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରିବା ସରକାରଙ୍କ ଏହି ପଦକ୍ଷେପର ଲକ୍ଷ୍ୟ ରହିଛି।

### ହତ୍ୟା ମାମଲା: ୩ଙ୍କୁ ...

ଗୌଡ଼ ଓ ବିକ୍ରମ ଗୌଡ଼ ସେହି ସ୍ଥାନକୁ ଆସି ଆମ ଜମି କେଉଁଠି ଅଛି ଦେଖାଇଦେ କହିବା ସହ ସେମାନେ ସାଙ୍ଗରେ ଆଣିଥିବା ଟାଙ୍ଗିଆ ଦ୍ୱାରା ପ୍ରଥମେ ତାଙ୍କ ଗୋଡ ଏବଂ ପରେ ବେକକୁ ଆକ୍ରମଣ କରିଥିଲେ। ଜମିରେ କାର୍ଯ୍ୟ କରୁଥିବା ଲୋକମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଜେନ୍ଦ୍ରଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଜେନ୍ଦ୍ରଙ୍କ ପୁଅ ମିହିର କୁମାର ନାୟକ ଏନେଇ କାଶୀପୁର ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାର ତଦନ୍ତ କରି ୨୦୨୩ ଜୁନ ୧୨ତାରିଖରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ଏହି ମାମଲାକୁ ଏପିପି ରାମପ୍ରସାଦ ପାତ୍ର ପରିଚାଳନା କରୁଥିଲେ।

### ଆପୋଷ ଆଲୋଚନାରେ ...

ଦ୍ୱାରା ମହାନଦୀ ଜଳ ବଣ୍ଟନରେ ଦୁଇ ରାଜ୍ୟରେ ଅଧିକ ସମନ୍ୱୟ ପାଇଁ ଏକ ସଂସ୍ଥାଗତ ଢାଞ୍ଚା ପ୍ରସ୍ତୁତ କରିବା ନେଇ ଆଲୋଚନା କରାଯିବ। ଡିସେମ୍ବର ମାସରେ ସୁବିଧାନୁସାରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ କାମଗୁଡ଼ିକର ତଦାରଖ କରିବେ। ଓଡ଼ିଶା ସରକାର ସମସ୍ତଙ୍କ ପାଇଁ ଏକ ସମାବେଶୀ ତଥା ପାରସ୍ପରିକ ହିତକାରୀ ସମାଧାନ ପାଇଁ ଖୋଲା ମନରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ। ଫଳରେ ଉଭୟ ରାଜ୍ୟର ଲୋକମାନଙ୍କ ହିତରେ ଦୀର୍ଘକାଳୀନ ଓ ସମ୍ମତିମୂଳକ ଭାବରେ ସମାଧାନ କରିବାର ପଥକୁ ନିର୍ଣ୍ଣୟ କରିବାର ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ଏସ୍‌ସି,ଏସ୍‌ଟି ହେଉଛନ୍ତି ...

ମନ୍ତ୍ରୀ ଡ ମୁକେଶ ମହାଲିଂଗ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ସଂସଦ, ରାଜ୍ୟ ବିଧାନସଭା ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ‘ ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନ ସଭା କମିଟିର ଭୂମିକା’ ବିଷୟବସ୍ତୁ ଉପରେ ଉକ୍ତ ଜାତୀୟ ସମ୍ମିଳନୀ କେନ୍ଦ୍ରିତ ଥିଲା। ଏହି ସମାରୋହରେ ରାଜ୍ୟପାଳ କହିଥିଲେ ଯେ, ସାମ୍ବିଧାନିକ ସୁରକ୍ଷାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟି ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନୀତି ଗୁଡ଼ିକର ଯାଞ୍ଚ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ସେମାନଙ୍କର ପ୍ରୟାସ ତୃଣମୂଳ ସ୍ତରରେ ବିକାଶ ପହଞ୍ଚାଇବା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ବିକାଶ ଦିଗରେ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରେରଣାଦାୟକ ଯାତ୍ରା ଏବଂ ନିକଟ ଅତୀତରେ ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମାଲକାନଗିରି ଜିଲ୍ଲାର ଦିଦାୟୀ ପିଭିଟିଜି ବର୍ଗର ପ୍ରଥମ ଛାତ୍ରୀ ଭାବେ ଚମ୍ପା ରାସପେଦାଙ୍କ ସଫଳତା ଶିକ୍ଷା ଏବଂ ସୁଯୋଗର ପରିବର୍ତ୍ତନକାରୀ ଶକ୍ତିର ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ। ନ୍ୟାୟକୁ ସମର୍ଥନ କରୁଥିବା, ବିବିଧତାକୁ ସମ୍ମାନ ଦେଉଥିବା ଏବଂ ସମସ୍ତଙ୍କ ପାଇଁ ମର୍ଯ୍ୟାଦା ଓ ସଶକ୍ତିକରଣକୁ ସୁନିଶ୍ଚିତ କରୁଥିବା ଭାରତ ଗଠନ ପାଇଁ ସମସ୍ତ ସହଭାଗୀ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦବୋଧନ ଦେଇ ସମସ୍ତେ ନୂତନ ଉତ୍ସାହ ଓ ଶକ୍ତି ସହିତ ସମାଜ ମଙ୍ଗଳ ପାଇଁ ପ୍ରତିବଦ୍ଧ ହେବ। ସହିତ ଅବହେଳିତ ବର୍ଗଙ୍କ ପାଇଁ କାମ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଦର୍ଶନକୁ ଆଧାରକରି ଦେଶ ପାଇଁ ରୋଡମ୍ୟାପ ପ୍ରସ୍ତୁତି କରିବାରେ ଉକ୍ତ ଜାତୀୟ ସମ୍ମିଳନୀ ପ୍ରେରଣା ଯୋଗାଇବ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଥିଲେ। ରାଜ୍ୟସଭା ଉପାଧ୍ୟକ୍ଷ ହରି ବଂଶ ନାରାୟଣ ସିଂହ ନିଜ ଉଦବୋଧନରେ କହିଥିଲେ ଯେ କେବଳ କାଗଜରେ ନୀତି ନପରଖି ବାସ୍ତବ କ୍ଷେତ୍ରରେ ଯୋଜନା ତୃଣମୂଳ ସ୍ତରରେ ସଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ସମାଜ ଓ ଦେଶର ମଙ୍ଗଳ ହେବ । ଏତଦ୍ ବ୍ୟତୀତ ସେବା ଲୋକଙ୍କ ପାଖକୁ ସରଳ ଭାବେ ପହଞ୍ଚାଇବା ପାଇଁ ପ୍ରଯୁକ୍ତି ବିଦ୍ୟା ଏବଂ ସୁଶାସନର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂସଦର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଡ଼. ଫଗନ ସିଂହ କୁଲସ୍ତେ ନିଜ ବକ୍ତବ୍ୟରେ ଏହି ସମ୍ମିଳନୀ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ଭାବେ ଉପଯୋଗୀ ହେବ ଏବଂ ଏ ଦିଗରେ ସମସ୍ତଙ୍କର ସହଯୋଗ ଓ ସହଭାଗିତା କାମନା କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏପରି ଜାତୀୟ ସ୍ତରୀୟ ସମ୍ମିଳନୀର ଆୟୋଜନ କରିବା ପାଇଁ ଓଡ଼ିଶାକୁ ସୁଯୋଗ ଦେଇଥିବାରୁ ଲୋକସଭା ବାଚସ୍ପତିଙ୍କୁ କୃତଜ୍ଞତା ଜଣାଇଥିଲେ। ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ ଅମୃତ କାଳରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ବିକାଶ ଜରୁରୀ ଅଟେ ବୋଲି କହିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିଜ ବକ୍ତବ୍ୟରେ ଓଡ଼ିଶାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଅବତାରଣା କରି ଅନୁସୂଚିତ ଜାତି ଓ ଜନଜାତି ପାଇଁ ଉପଲବ୍ଧ ବଜେଟର ଶତ ପ୍ରତିଶତ ବିନିଯୋଗ ପାଇଁ ବଦ୍ଧ ପରିକର ହେବା ପାଇଁ କହିଥିଲେ।

### ଅଧିକାଂଶ ଶୁଳ୍କକୁ କଲେ ...

ଆମେରିକାର ଜାତୀୟ ସୁରକ୍ଷା ପାଇଁ ବିପଦ ଏବଂ ତେଣୁ ସେ ବାଣିଜ୍ୟ ଉପରେ ‘ଜାତୀୟ ଜରୁରୀକାଳୀନ’ ଘୋଷଣା କରି ଶୁଳ୍କ ଲଗାଇଛନ୍ତି। ଟ୍ରମ୍ପ ସରକାର କୋର୍ଟରେ ଏହା ମଧ୍ୟ ଯୁକ୍ତି ଦେଇଥିଲେ ଯେ ଯଦି ଶୁଳ୍କ ହଟାଇବାକୁ ପଡ଼େ, ତେବେ ୧୫୯ ବିଲିୟନ ଡଲାର (ପ୍ରାୟ ୧୩ ଲକ୍ଷ କୋଟି ଟଙ୍କା)ର ପୁନରୁଦ୍ଧାର ଫେରସ୍ତ କରିବାକୁ ପଡ଼ିପାରେ। ଏହା ଆମେରିକାର ରାଜକୋଷ ପାଇଁ ଏକ ବଡ଼ ଆଘାତ ହେବ। ଅନ୍ୟପକ୍ଷେ ସରକାରଙ୍କ ସମସ୍ତ ଯୁକ୍ତିକୁ ଶୁଣିସାରିବା ପରେ କୋର୍ଟ ଏସବୁକୁ ପ୍ରତ୍ୟାଖ୍ୟାନ କରିଛନ୍ତି। କୋର୍ଟଙ୍କ ୧୧ଜଣିଆ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିବା ବେଳେ ୭:୪ ବହୁମତ ଆଧାରରେ କୋର୍ଟ ନିଜ ରାୟ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ୍ କେବଳ ୧୫୦ ଦିନ ପାଇଁ ୧୫% ଶୁଳ୍କ ଲାଗୁ କରିପାରିବେ, କିନ୍ତୁ ଏହାର ମଧ୍ୟ ଏକ ଦୃଢ଼ କାରଣ ରହିବା ଉଚିତ। କୋର୍ଟଙ୍କ ଏହି ନିଷ୍ପତ୍ତି ଆମେରିକାର ଛୋଟ ବ୍ୟବସାୟିକ ସଂଗଠନ ଏବଂ ଆମେରିକୀୟ ରାଜ୍ୟଗୁଡ଼ିକର ଏକ ମେଣ୍ଟ ଦ୍ୱାରା ଦାୟର କରାଯାଇଥିବା ମାମଲା ଉପରେ ଆସିଛି।

### ନାବାଳିକା ଦୁଷ୍କର୍ମକାରୀକ ...

ପଚାରିବାରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଅନ୍ୟତ୍ର ନେଇ ଦୁଷ୍କର୍ମ କରିବା ପରେ ଘର ନିକଟରେ ଛାଡ଼ି ପଳାଇଥିଲା। ନାବାଳିକାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମସାରକୁ ନିଆଯାଇ ୨୦ ଦିନ ଚିକିତ୍ସା କରିବା ପରେ ସେ ସୁସ୍ଥ ହୋଇଥିଲେ। ଏହି ଘଟଣାର ମହୁଲପାଲି ଥାନାରେ ଅଭିଯୋଗ ହେବାରୁ ପୁଲିସ ଏକ ମାମଲା(୮୦/୨୦୨୪) ରୁଜୁ କରି ଅଭିଯୁକ୍ତ ଅନିଲ ସାମ୍ବଦ(୨୪)କୁ ଗିରଫ କରିଥିଲା। ମାମଲାର ଶୁଣାଣି ସମୟରେ ପୋକ୍ସୋ ଅଦାଲତର ବିଚାରପତି ଅଭିଲାଷ ସେନାପତି ସାକ୍ଷୀମାନଙ୍କର ବୟାନ ଓ ବିଭିନ୍ନ କାଗଜପତ୍ରଗୁଡିକୁ ଯାଞ୍ଚ କରି ଅଭିଯୁକ୍ତକୁ ୩୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କାର ଜରିମାନା ଆଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

### ଆହୁରି ୪ ଦିନ ବର୍ଷିବ ...

ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। କିଛି ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ହେଲେ ବି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେହିପରି ସେପ୍ଟେମ୍ବର ୨ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ଗଞ୍ଜାମ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ। ଏଥି ସହ ପବନର ବେଗ ୩୦ରୁ ୪୦ କିମି ରହିବ। ସେପ୍ଟେମ୍ବର ୩ ତାରିଖରେ ମଧ୍ୟ ପୂରା ରାଜ୍ୟକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ନୟାଗଡ଼, ଗଞ୍ଜାମ, ସୁନ୍ଦରଗଡ଼ ଓ ନବରଙ୍ଗପୁରରେ ପ୍ରବ ଓ ବାକି ଜିଲ୍ଲାରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଆସନ୍ତା ୪ ତାରିଖରୁ ପାଗରେ ପରିବର୍ତ୍ତନ ହେବା ନେଇ ପୂର୍ବାନୁମାନ କରାଯାଇଛି।

## ଜଟଣୀରେ ଓଡ଼ିଶା ପ୍ରସିଦ୍ଧ ଗଣେଶ ପୂଜା ସରଗରମ

# କାଦୁଆ ଗଣେଶଙ୍କ ଧବଳମୁଖ ଦର୍ଶନ ପାଇଁ ଭିଡ଼

**ଜଟଣୀ,୩୦।୮/ଏନ୍‌ଏନ୍‌ଏସ୍:** ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶପୂଜା ଲାଗି ଜଟଣୀ ସହର ଚଳଚଞ୍ଚଳ ହୋଇଉଠିଛି। ଏହି ପୂଜା ୧୧ଦିନ ତଥା ପୂର୍ଣ୍ଣମୀ ତିଥି ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରଭୁ ଗଜାନନ ଜଟଣୀର ବିଭିନ୍ନ ମଣ୍ଡପରେ ବିରାଜମାନ ହୋଇଥିବାବେଳେ ଅନେକ ପୂଜାମଣ୍ଡପର ପୂଜା ପଛର ଐତିହ୍ୟ ରହିଛି। ସେଥି ମଧ୍ୟରୁ ଜଟଣୀ ରାଜା ବଜାରରେ ପୂଜା ପାଉଥିବା କାଦୁଆ ଗଣେଶ ଅନ୍ୟତମ। କାଦୁଆ ଗଣେଶଙ୍କ ଧବଳମୁଖ ଦର୍ଶନ କଲେ ସନ୍ତାନପ୍ରାପ୍ତି ହୋଇଥାଏ ବୋଲି ଏଠାରେ ଐତିହ୍ୟ ତଥା ପୌରାଣିକ ଗାଥା ରହିଛି। ରାଜାବଜାର ପୂଜା କମିଟି ସଭାପତି ଶରତ କୁମାର ସାହୁ ଓ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନଙ୍କ ସୂଚନାନୁଯାୟୀ ରାଜାବଜାର ଗଜାନନଙ୍କ ପୂଜା ୧୯୩୭ ମସିହାଠାରୁ ଆରମ୍ଭ ହୋଇଥିବା ଜଣାଯାଏ। ଏଠାରେ ସ୍ୱର୍ଗତ ଦିନବନ୍ଧୁ ସାହୁ ଏବଂ ତାଙ୍କର କିଛିସହଯୋଗୀ ମିଳିତଭାବେ ପୂଜା ଆରମ୍ଭକରିଥିଲେ। କୁହାଯାଏ ପୂଜା ଆରମ୍ଭ ବର୍ଷଠାରୁଏଠାରେ ବର୍ଷାହେବାର ଏକ ଅଲୌକିକ ରହସ୍ୟ



ରହିଛି। ତେଣୁ ଏହି ପୂଜା କାଦୁଅ ପଚ ପଚ ପରିବେଶ ମଧ୍ୟରେ ହେଉଥିବାରୁଏହାକୁ କାଦୁଅ ଗଣେଶ ବୋଲି କୁହାଯାଏ। ଏଠାରେ ପୂଜା ପାଉଥିବା ପ୍ରଭୁ ଗଜାନନଙ୍କମୁଖ ଧବଳ ହୋଇଥାଏ। ଏଥି ବ୍ୟତୀତ ନିଃସନ୍ତାନ ମହିଳାମାନେ ସନ୍ତାନପ୍ରାପ୍ତି ଲାଗି ମାନସିକ ରଖି ଏହି କାଦୁଆ ଗଣେଶଙ୍କୁ ଦର୍ଶନକଲେ ସନ୍ତାନପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମୂର୍ତ୍ତି ତିଆରିର ଆହୁରି ଏକ ବିଶେଷତ୍ୱ ହେଲା ମୂର୍ତ୍ତି ତିଆରିରେ କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇଥାଏ। ଏବଂ କଟକ ଗୋଡିସାହି ବେହେରା ସମ୍ପ୍ରଦାୟର ମୂର୍ତ୍ତି କାରିଗର ମୂର୍ତ୍ତି ତିଆରିର ପରମ୍ପରା ରହିଛି। ପ୍ରତିଦିନ ଠାକୁରଙ୍କ ନିକଟରେ ମିଷ୍ଟାନ୍ନ ଭୋଗଲାଗି ହୋଇଥାଏ। ଚଳିତବର୍ଷ ପୂଜାକୁ ଆହୁରି ଜାକଜମକ ମଧ୍ୟରେ କରାଯାଇଛି। ୫୬ ଫୁଟର କେଦାରନାଥ ଏଲ୍‌ଇଡି ଲାଇଟର ତୋରଣ ସାଙ୍ଗକୁ ଆନିମେସନ୍ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତିଦିନ ପୂଜାମଣ୍ଡପରେ ଭଜନକୀର୍ତ୍ତନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ଭସାଣି ଶୋଭାଯାତ୍ରା ସମୟସୀମା ବୃଦ୍ଧି ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି



**ଫୁଲନଖରା,୩୦।୮/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ଅନ୍ତର୍ଗତ ୫୬, ୫୭, ୫୮ ଓ ୫୯ନମ୍ବର ୪ଟି ୱାର୍ଡ଼ ରେ ଦୁର୍ଗାପୂଜା ଭସାଣୀ ଶୋଭାଯାତ୍ରା ରାତି ୧୦ଟା ମଧ୍ୟରେ ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଛି। ମାତ୍ର କଟକ ସହରାଞ୍ଚଳରେ ତାହା ରାତି ୧୨ଟା ପର୍ଯ୍ୟନ୍ତ ଅର୍ଥାତ ୨ଘଣ୍ଟା ଅଧିକ ସମୟ ରହିଛି। ତେବେ ଉପରୋକ୍ତ ୪ଟି ୱାର୍ଡ଼ ସିଏମସି ଅଧିନରେ ରହିଥିଲାବେଳେ କେଉଁ କାରଣ ପାଇଁ ଏଠାରେ ଅଲଗା ନିୟମ ରହିଛି ତାହା ସହଜରେ ବୁଝାପଡୁନାହିଁ। କଟକ ସହର ମଧ୍ୟରେ ଯେଉଁ ନିମୟ ଗୋପାଳପୁରଠାରୁ ଫୁଲନଖରା ମଧ୍ୟରେ ରହିଥିବା ପୂଜା କମିଟି ପାଇଁ ଭିନ୍ନ ନିୟମ ରହିଥିବାରୁ ତାହା ଅନେକଙ୍କୁ ବିସ୍ମିତ କରିଛି; ଏହା ପୌର ନିଗମର ସମ୍ପୃକ୍ତ ୪ଟି ୱାର୍ଡ଼ ପ୍ରତି ଏକ ପ୍ରକାର ବୈମାତୃକ ମନୋଭାବ ପରିଚାୟକ ବୋଲି ଅଭିଯୋଗ ହେଉଛି। ଅପରପକ୍ଷରେ ପ୍ରଶାସନର ଏପରି ସନ୍ଦେହାତ୍ମକ ମନୋଭାବ ସମ୍ପୃକ୍ତ ୪ଟି ୱାର୍ଡ଼ ଅଞ୍ଚଳର ପୂଜା କମିଟି କର୍ମକର୍ତ୍ତାଙ୍କ ମନରେ ଗଭୀର ଆଘାତ ଦେଇଛି। ଏ ନେଇ ସେମାନେ ସିଏମସି କମିଶନର ଓ ପୁଲିସ ଡିସିପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାହା ବିଶେଷ ଫଳପ୍ରଦ ହେଲାନାହିଁ। ଶେଷରେ ଆଞ୍ଚଳିକ ଶାନ୍ତି କମିଟି କଟକ ସଦର ଥାନାଞ୍ଚଳର କର୍ମକର୍ତ୍ତାମାନେ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିକଟରେ ପହଞ୍ଚି ଭସାଣି ଶୋଭାଯାତ୍ରା ସମୟ ସୀମା ବୃଦ୍ଧି ପାଇଁ ଦାବି କରିଛନ୍ତି। ଆଜି ପୂର୍ବାହ୍ଣରେ କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧିନଚେତା ମହାନ୍ତି ଓ ପ୍ରମୋଦକୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, କମିଟି ସହ କୋଷାଧ୍ୟକ୍ଷ ବାଦଲକୁମାର ଜେନା ପ୍ରମୁଖ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। କଟକ ସହରାଞ୍ଚଳ ପରି ଗୋପାଳପୁରଠାରୁ ଫୁଲନଖରା ମଧ୍ୟରେ ଥିବା ୪ଟି ୱାର୍ଡ଼ର ସମସ୍ତ ପୂଜା କମିଟି ଭସାଣ ଶୋଭାଯାତ୍ରା ପାଇଁ ରାତି ୧୨ଟା ପର୍ଯ୍ୟନ୍ତ ସମୟ ସୀମା ବୃଦ୍ଧି କରିବାକୁ ଦାବିପତ୍ରରେ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ସଦସ୍ୟ କଳ୍ପତରୁ ଖୁଣ୍ଟିଆ, ପ୍ରତାପକେଶରୀ ପାତ୍ର, ଆଦିତ୍ୟ ଛୋଟରାୟ, ରାଜକିଶୋର ବେହେରା, କୀର୍ତ୍ତିରଂଜନ ପଟ୍ଟନାୟକ, ଚିତ୍ତରଂଜନ କର ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବାସୁଦେବ ମନ୍ଦିରରୁ ମଥାମଣି ଚୋରି

**ନୟାହାଟ,୩୦।୮/ଏନ୍‌ଏନ୍‌ଏସ୍:** ଶୁକ୍ରବାର ବିଳମ୍ବିତ ରାତିରେ ସ୍ଥାନୀୟ ବାସୁଦେବ ମନ୍ଦିରରୁ ଛଅ ଲକ୍ଷ ଟଙ୍କା ମୂଲ୍ୟର ସୁନା ଜିନିଷ ଚୋରି ହେବା ଶନିବାର ନୟାହାଟ ଫାଣ୍ଡିରେ ଭାଗିରଥି ବେହେରା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ଏହି ଫାଣ୍ଡି ଅନ୍ତର୍ଗତ ଆଲୁଦଣ୍ଡାପାଟଣା ବାସୁଦେବ ମନ୍ଦିର ରୁ କେହି ଦୁର୍ବୃତ୍ତ ଶୁକ୍ରବାର ରାତିରେ ଠାକୁର ଘର ତାଲା ଭାଙ୍ଗି ଛଅ ଲକ୍ଷ ଟଙ୍କାର ସୁନା ମାଥାମଣି ନେଇ ଫେରାର ହୋଇଛି ସିସିଟିଭି ରେ ଉକ୍ତ ଚୋରର ଫଟୋ କଇଦ ହୋଇଛି ଖବର ପାଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରି ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଓ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଘଟଣା ସ୍ଥଳରେ ଯାଇ ତଦନ୍ତ ଚଳାଇଛନ୍ତି ପୁରୀରୁ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳକୁ ଆସି ଚୋରର ଆଙ୍ଗୁଳି ଛାପ ନେଇଛନ୍ତି ନୟାହାଟ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଛି।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ



**ମାହାଙ୍ଗା,୩୦।୮/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧିନ ହଳଦିଆ ଗ୍ରାମରେ ଏକ ନବବଧୂର ସନ୍ଦେହଜନକ ମୃତ୍ୟୁ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ହଳଦିଆ ଗ୍ରାମର ଧରଣୀଧର କାଣ୍ଡିଙ୍କ ପୁଅ ସୁବାଷ କାଣ୍ଡି କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଅଂଚଳର ଅନିରୁଦ୍ଧ ଦାସଙ୍କ ଝିଅ ମଧୁସ୍ମିତା ଦାସ(୨୭)ଙ୍କୁ ଗତ ୬ ମାସ ତଳେ ପ୍ରେମ ବିବାହ କରିଥିଲେ। ପାରିବାରିକ କଳହ ଯୋଗୁ ମଧୁସ୍ମିତା ଗତକାଲି ରାତିରେ ଏକ ଗାମୁଛାକୁ ବେକରେ ଗୁଡାଇ ଘରର ଏକ ବାଉଁଶରେ ଓହଳି ପଡିଥିଲେ। ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ପୁଅର ବାପା ଧରଣୀଧର ମଧୁସ୍ମିତାଙ୍କ ବାପା ଅନିରୁଦ୍ଧଙ୍କୁ ତୁମ ଝିଅ ଆତ୍ମହତ୍ୟା କରିଥିବା ଜଣାଇଥିଲେ। ମଧୁସ୍ମିତାର ବାପା ଓ ଭାଇ ହଳଦିଆରେ ପହଂଚି ଘଟଣା ସଂପର୍କରେ ଜାଣିବା ପରେ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଭଦ୍ରେଶ୍ୱର ପୁଲିସ ଏକ ବିଜ୍ଞାନୀ ଅନୁସନ୍ଧାନକାରୀ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ନିମନ୍ତେ କଟକ ପଠାଇଥିବାବେଳେ ଏକ ମାମଲା ରୁଜୁ କରି ତାଙ୍କ ସ୍ୱାମୀ ସୁବାଷଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## କଂଗ୍ରେସ କର୍ମୀଙ୍କ ବିୟୋଗରେ ଶୋକ



**ନୟାହାଟ,୩୦।୮/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ପତ୍ରସାହି ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ଶିବପ୍ରସାଦ ପାତ୍ର(୭୮)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଜଙ୍ଗଲବୋରି ପଞ୍ଚାୟତ ସରପଞ୍ଚ ପ୍ରଭାତୀ ସାହୁ, ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ ପହଞ୍ଚି ଅମର ଆତ୍ମାର ସଦଗତି କାମନା କରିଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ।

## ଗଦାଧର ମହାପାତ୍ର ମେମୋରିଆଲ ହଲ୍‌ର ପୁନର୍ବିନ୍ୟାସ

**ଖୋର୍ଦ୍ଧା,୩୦।୮/ଏନ୍‌ଏନ୍‌ଏସ୍:** ରୋଟାରୀ ଭବନ ପରିସରରେ ଗଦାଧର ମହାପାତ୍ର ମେମୋରିଆଲ ହଲର ପୁନର୍ବିନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଅନୁଷ୍ଠାନିକ ଭାବରେ ଏହାକୁ ଉଦଘାଟନ କରିଥିଲେ। ବିଧାୟକ ନିଜସ୍ୱ ପାଣ୍ଠି ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ଏହି କାର୍ଯ୍ୟ ପାଇଁ ଅର୍ଥ ପ୍ରଦାନର ବ୍ୟବସ୍ଥା କରିଥିଲେ। ଉତ୍ସବରେ ବିଧାୟକ ଶ୍ରୀ ଜଗଦେବ ନିଜ ବକ୍ତବ୍ୟରେ ରୋଟାରୀ ହେଉଛି ବିଶ୍ୱର ସବୁଠାରୁ ବଡ଼ ପରିବାର। ଜନ କଲ୍ୟାଣ ଉଦ୍ଦେଶ୍ୟରେ ଏହି ସଂସ୍ଥା ତାର ପ୍ରୟାସ ଜାରି ରଖିଛି ଯାହା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷା ସୌର୍ଯ୍ୟରଞ୍ଜନ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗ ଦେଇ ନିଜର ମତାମତ ଉପସ୍ଥାପନା କରିଥିଲେ। ସଭା ପ୍ରାରମ୍ଭରେ ରୋଟାରି କ୍ଲବର ଉପଦେଷ୍ଟା ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କ୍ଲବର ସଭାପତି ରୋଟାରିଆନ ସୁକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ, ସମ୍ପାଦକ ସଞ୍ଜୟ ବର୍ମନ ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରୋଟାରିଆନ ଦେବପ୍ରସାଦ ମଜୁମଦାର, ସୁଚିସ୍ମିତା ପରିଜା, ତାପସ ବୋଷ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରୋଟାରି କ୍ଲବର ସଦସ୍ୟ ନରସିଂହ ପ୍ରସାଦ ପଟ୍ଟନାୟକ, ପ୍ରହଲ୍ଲାଦ ପ୍ରଧାନ, ମଦନ ରାମ ଓ ରୋଟ୍ରାକ୍ଟ କ୍ଲବର ସମସ୍ତ ସଦସ୍ୟ, ସଦସ୍ୟା ଯୋଗ ଦେଇଥିଲେ। ଏହି ଭବନ ନିର୍ମାଣରେ ସାଂସଦ ବୈଜୟନ୍ତ ପଣ୍ଡା, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ତଥା ସ୍ୱର୍ଗତ ଗଦାଧର ମହାପାତ୍ରଙ୍କର ଅବଦାନ ଚିରସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।


### ବନ୍ଧା ହେଲେ ପୂର୍ବତନ ...

ସୂଚନାନୁଯାୟ କିଛିଦିନ ତଳେ ପୂର୍ବତନ ପିଇଓ ସନ୍ତୋଷ ଜେନା ସୁକିନ୍ଦା ବ୍ଲକର ପିମ୍ପୁଡିଆ ପଞ୍ଚାୟତରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ବୃଦ୍ଧାବୃଦ୍ଧ ଓ ଲୋକଙ୍କ ଭତ୍ତା ଟଙ୍କା ବାବଦରେ ୭ଲକ୍ଷ ୩୫ହଜାର ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଇଥିଲା। ଏହି ଅଭିଯୋଗ ପରେ ସନ୍ତୋଷଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟରୁ ନିଲମ୍ବିତ କରାଯିବା ସହିତ ଭିଜିଲାନ୍ସ ନିକଟରେ ଏତଲା ଦିଆଯାଇଥିଲା। ଏହି ଅଭିଯୋଗକୁ ଆଧାର କରି ଯାଜପୁର ଓ କଟକ ଭିଜିଲାନ୍ସର ମିଳିତ ଟିମ୍ ଦାନଗଦୀ ବ୍ଲକରୁ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ୭ ବର୍ଷ ପରେ ଚୀନ୍ ମାଟିରେ ...

ରାଷ୍ଟ୍ରପତି ସି ଜିନପିଙ୍ଗ୍ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ମଧ୍ୟ ସାକ୍ଷାତ କରିବେ। ଆମେରିକା ସହିତ ଶୁଳ୍କ ବିବାଦ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚୀନ୍ ଗସ୍ତ ହୋଇଥିବା ବେଳେ ଏବଂ ରୁଷ୍ ରାଷ୍ଟ୍ରପତି ପୁଟିନ୍ ମଧ୍ୟ ଏଥିରେ ଯୋଗଦେବାକୁ ଥିବାରୁ ଏହାକୁ ତିନି ଦେଶ ମଧ୍ୟରେ ଆମେରିକା ବିପକ୍ଷରେ ଏକ ବଡ଼ କୂଟନୈତିକ ଭାଗିଦାରୀ ବୋଲି ବିବେଚନା କରାଯାଉଛି। ସିଧାସଳଖ କହିଲେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚୀନ୍ ଗସ୍ତ ଏପରି ସମୟରେ ହେଉଛି ଯେତେବେଳେ ସମଗ୍ର ବିଶ୍ୱ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟିକସ ନୀତି ସହିତ ସଂଘର୍ଷ କରୁଛି। ଟ୍ରମ୍ପ୍ ଭାରତ ଉପରେ ୫୦% ଏବଂ ଚୀନ୍ ଉପରେ ୩୦% ଟିକସ ଲାଗୁ କରିଛନ୍ତି। ଏସ୍‌ସିଓ ସମ୍ମିଳନୀ ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୨୦ରୁ ଅଧିକ ଦେଶର ନେତାମାନେ ଅଂଶଗ୍ରହଣ କରିବେ। ଆସନ୍ତା କାଲି ମୋଦୀ ଏହି ସମ୍ମିଳନୀରେ ନିଜ ସମ୍ବୋଧନ ରଖିବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ବିଶ୍ୱ ସମୁଦାୟର ନଜର ଏବେ ମୋଦୀ-ଜିନ୍‌ପିଙ୍ଗ୍‌ଙ୍କ ସାକ୍ଷାତକାର ଉପରେ ନିବଦ୍ଧ ରହିଛି। ମୋଦୀଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ଭାରତ-ରୁଷ୍-ଚୀନ୍ ମଧ୍ୟରେ ନୂଆ ଚୁକ୍ତିନାମା ହୋଇପାରେ ବୋଲି ଆଶା କରାଯାଉଛି।

## ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧୋତ୍ସବ ବୈଠକ



**ସାଲେପୁର,୩୦।୮/ଏନ୍‌ଏନ୍‌ଏସ୍:** ରାଜ୍ୟ ବିଧାନସଭାର ପ୍ରାକ୍ତନ ମୁଖ୍ୟ ସଚେତକ, ରାଉରକେଲାର ପୂର୍ବତନ ବିଧାୟକ, ବିଶିଷ୍ଟ ସମାଜସେବୀ ତଥା ସମବାୟବିତ୍ ସ୍ୱର୍ଗତ ଗୁରୁପଦ ନନ୍ଦଙ୍କ ପଞ୍ଚମ ଶ୍ରାଦ୍ଧୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ସହରର ମାଛୁଆତି ଠାରେ ଅବସ୍ଥିତ ଜିଏନ୍ ପ୍ଲାଜା ପରିସରରେ ଆୟୋଜିତ ବୈଠକରେ ସ୍ୱର୍ଗତ ନନ୍ଦଙ୍କ ବଡ଼ ପୁଅ, ବୋଇଲସ୍ଥିତ ସ୍ୱପ୍ନେଶ୍ୱର ବାଲାଶ୍ରମ ର ସମ୍ପାଦକ ତଥା ସମାଜସେବୀ ରୋମିଓକାନ୍ତ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିବର୍ଷ ତାଙ୍କ ବାପା ସ୍ୱର୍ଗତ ନନ୍ଦଙ୍କ ଶ୍ରାଦ୍ଧୋତ୍ସବ ଓ ଜନ୍ମ ଉତ୍ସବକୁ ଗୁରୁ ପଦ ନନ୍ଦ ସ୍ମୃତି କମିଟି ପାଳନ କରୁଥିବାରୁ ଉପସ୍ଥିତ କର୍ମକର୍ତ୍ତା, ସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜଣାଇଥିଲେ।ଏଥିସହ ପ୍ରତିବର୍ଷ ପରି ଚଳିତ ଆସନ୍ତା ଅକ୍ଟୋବର ମାସ ୨୦ତାରିଖରେ ସ୍ୱର୍ଗତ ନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ରଟିଲୋ ପଞ୍ଚାୟତ ବୋଇଲ ସ୍ଥିତ ସ୍ୱପ୍ନେଶ୍ୱର ବାଲାଶ୍ରମ ପରିସରରେ ହେବାକୁ ଥିବା ଶ୍ରାଦ୍ଧୋତ୍ସବ ଓ ସ୍ମୃତି ଚାରଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବାଳାଶ୍ରମର ସମ୍ପାଦକ ଶ୍ରୀ ନନ୍ଦ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ଶ୍ରାଦ୍ଧୋତ୍ସବରେ ପ୍ରକାଶ ପାଇବାକୁ ଥିବା ମୁଖପତ୍ର ‘ବିଭୁ ପଦେ ଗୁରୁପଦ’ ନିମନ୍ତେ ସ୍ୱରଚିତ ଲେଖା ସେପ୍ଟେମ୍ବର ମାସ ୩୦ତାରିଖ ମଧ୍ୟରେ ସ୍ୱପ୍ନେଶ୍ୱର ବାଲାଶ୍ରମ ଠିକଣାରେ ପଠାଇବାକୁ ସ୍ମୃତି କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ,ବିଧାୟକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ ବୋଲି ଜଣାଯାଇଛି।

ବୈଠକରେ ଗୁରୁପଦ ନନ୍ଦ ସ୍ମୃତି କମିଟିର ସଭାପତି ହେମନ୍ତ କୁମାର ନନ୍ଦ ପୌରହିତ୍ୟ କରିଥିଲେ। ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା, ଶିକ୍ଷାବିତ ବିଷ୍ଣୁଚରଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାବଗ୍ରାହୀ ପରିଡ଼ା, ସମାଜସେବୀ ହେମନ୍ତ ମହାପାତ୍ର, ପୂର୍ବତନ ସମିତିସଭ୍ୟ ବିଜୟ ମହାନ୍ତି, ସଂଗଠକ ସୁବାଷ ଚନ୍ଦ୍ର ସାହୁ, ଅମୀୟ ଜେନା, ସଚ୍ଚିକାନ୍ତ ସାହୁଙ୍କ ସମେତ କର୍ମକର୍ତ୍ତା, ସଦସ୍ୟ ଓ ଶୁଭେଚ୍ଛୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୁରୁପଦ ନନ୍ଦ ସ୍ମୃତି କମିଟି ସମ୍ପାଦକ ତ୍ରୈଲୋକ୍ୟନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କାହିଁକି ତୁ ଘରୁ ବାହାରିଲୁ, ଝିଅ !


ସତ୍ୟନାରାୟଣ ଗନ୍ତାୟତ

କାହିଁକି ତୁ ଘରୁ ବାହାରିଲୁ, ଝିଅ ?
ଘରେ ରହି ସିନା ଏକା ଏକା
ସଢିଥାନ୍ତୁ ପଢି ପଢି
ଏକ୍ଲାପଣର ପାଠ !

ହେଲେ ତୁ ଯେ ଘରୁ ବାହାରିଲୁ
ପଢିଲୁ ଖେଳିଲୁ
ନାଚିଲୁ କୁଦିଲୁ
ଦାଉ ଦାଉ ଝଲସି
କେଡେ ବଡ ପାପ ଯେ ନ କଲୁ !

ବାୟାଣୀଟା
କେମିତି ଜାଣି ପାରିଲୁନି
ଏଠି ସାତରୁ ସତସ୍ତରୀ
ସଭିଏଁ ବାସ୍ତରୀ ହାତ
ମାଂସଲୋଭୀ ଅସୁର ଦଇତ
ଏଠି ପରା ଏକକୁ ବଳି ଆରେକ
ଅନେକ ବୃଦ୍ଧ ଜରଦ୍‌ଗବଙ୍କ ସହ
ଅଗଣନ ନୀଳବର୍ଣ୍ଣ ଶୃଗାଳଙ୍କ ମେଳ
କେମିତି ପାରିଲୁନି ପରଖି
ତୋତେ ଦେଖିଲେ ଲାଖି ଯାଏ କେମିତି
ସଭିଙ୍କର ଡାଆଣା ଆଖି ?

ହଁ, ନିଜ ଘରୁ ଦିନେ
ଯାଇଥାନ୍ତୁ ସିନା ଆଉ କାହା ଘରକୁ
ସେ ଘରକୁ ବସାଇବା ପାଇଁ
ଖଟି ଖଟି ଅହର୍ନିଶ
ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି
ପଡି ରହିଥାନ୍ତୁ
ଚାଖଣ୍ଡେ ଥାନରେ ?
ତୁ ଏକା ତୋର ହୋଇ !

ମନ ପ୍ରାଣ ହୃଦୟ ତୋ
ଖୋଲିଦେଲୁ କାହିଁକି ତୁ
ନିଜର ମଣି କୋମଳ ତୋ ସରଳପଣରେ ?
ଏତିକି ପାରିଲୁନି ଜାଣି
ଯେତେ ଲବଣୀ ପିତୁଳା ହୋଇଥିଲେ ବି
ଅସଲରେ ଝିଅ ପରା ଏଠି ଘିଅ
ହୁତହୁତ ଜଳିଯିବା ପାଇଁ
ଅବେଳରେ ଯାତନା ଯୂଇରେ ?

କାହିଁକି ତୁ ଘରୁ ବାହାରିଲୁ, ଝିଅ ?
**'ସୁହାସିତମ୍', କସ୍ତୁରୀ ନଗର, ରାୟଗଡା**
**ମୋ-୯୪୩୭୯୦୯୬୭୫**

# ପାହିନି ରାତି


ସୁଜିତ କୁମାର ମିଶ୍ର

ପାହିନି ସେ ରାତି,
ଏକାନ୍ତ ନିଜର ଅତି ।

ଏ ରାତି ଏତେ ନିଜର
ସକାଳଠୁ ଲାଗେ
ଅତି ଆପଣାର,
ସତେ କେଉଁ ସ୍ୱପ୍ନର
ଦୁର୍ମୂଲ୍ୟ ବେକହାର ।

ସୃଜନ ସ୍ମୃତିକୁ ସାଇତି ସିନ୍ଦୁକରେ
ସୃଜନ ପ୍ରାଣରୁ ପାଉଁଶ ହୋଇଛି
ଦେହ,
ଏଇ ସେଇ ଖାନନଗର ମଶାଣି
ଯାହା ଥିଲା ଅନ୍ତିମ ମୋହ,
ତୁମେ ଅନନ୍ତ ପବନର ଏବେ
ବାସ୍ନାୟିତ ପ୍ରବାହ ।

ତରୁଣ ଓଠର ତୁମେ ମିଠା ହସ
ପିଲାଟିଏ ପରି ଶୈଶବକୁ ଓହ୍ଲାଇ ଆସ,
ଶକ୍ତ ଶ୍ରୋତାର ସାହସ,
ଅଫେରା ବସନ୍ତର ତୁମେ
ଅନବରତ ହସରସ ।

ସବୁ କିଛି ପାଇଲା ପରେ ବି
ଖୋଜୁଥାଅ କାହାକୁ ଗୋଟିଏ
ଦୃଷ୍ଟି ନିବଦ୍ଧ ଭିଜାଭିଜା ଆଖିରେ,
ଗାଉଥାଅ କାକରର ଗୀତ,
ବୁଲୁଥାଅ ଏ ଗଳି ଗଳି
ରାତିର କାଳିମାକୁ ଟାଳି,
ଉଡୁଥାଅ ଆହା ତୁମେ ବିହଙ୍ଗମ ଉଡାଣରେ,
ଭାବନାର ବାଦଶାହ ବି ବେଳେ ବେଳେ
ପାଗଳ ହୋଇ ବୁଲନ୍ତି
ଅସୀମ ସ୍ୱାର୍ଥର ଧୈର୍ଯ୍ୟରେ ।

ତୁମେ ଗଲାପରେ ବି
ଚମକୁଛି ତୁମ ଭୋରମୋତିର କାନଫୁଲ,
ତୁମ ଛାତି ତଳର ଥମୁ ନଥିବା
ନିଆଁଝୁଲ ।

ଲିଭିପାରେ କଣ
ଏ ଜୟନ୍ତୀୟ ଦୀପ
ଆଖିରେ ଲୁହ ଥିବା ଯାଏ, କୁହ ତ ?
**ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର**
**ମୋ-୭୬୮୩୮୬୭୭୪୨**



# ଖବରୀ ଚଢେଇ


ସୁନନ୍ଦା ମହାନ୍ତି

ଘରଟି ଗୋଟେ ରାଣୀହଂସପୁରୀ ଭଳି ଦେଖିବାକୁ । ସେ ଘରର ମାଲିକଙ୍କର ସ୍ୱର୍ଗବାସ ହେଲାବେଳକୁ ଘରର ଦୁଇ ପାର୍ଶ୍ୱରେ ଦୁଇଟି ଡେଙ୍ଗା ତାଳ ଗଛ ବଢ଼ି ସାରିଥିଲା ଓ ସେ ଦୁଇ ତାଳ ଗଛରେ ଥିଲେ ଦୁଇଟି ଖବରୀ ଚଢେଇ । ଯେତେ ଝଡ଼ ତୋଫାନ ଆସିଲେ ମଧ ତାଳ ଗଛର କିଛି କ୍ଷତି ହେଉ ନଥିଲା ତ ଖବରୀ ଚଟିଆ ଦୁହେଁ ଦୁଇଟି ପରିବାର ଗଢି ରହିଥିଲେ ମଧ କେବେ କାହା ସହିତ କଳି କରିବା କେହି ଦେଖି ନଥିଲେ । ଏମିତିକି ଏ ଘରେ ରହୁଥିବା ଗାନ୍ଧିବୁଢ଼ା ଓ ଗାନ୍ଧିବୁଢ଼ୀ ଦୁହେଁ ଏକତ୍ର ଦମ୍ପତ୍ତି ହୋଇ ଚଳିବା କାଳୁ ଏ ଦୁଇ ଖବରୀ ଚଟିଆ ଚଢେଇ ରହି ଆସୁଛନ୍ତି । ଏ ଘରେ ଥିବା ମୁରବୀଙ୍କୁ ଲୋକେ ଗାନ୍ଧିବୁଢା ବୋଲି ଏଇଥିପାଇଁ ଡାକନ୍ତି ଯେ ସେ କେବେ ଖରାପ କଥା କହୁ ନଥିଲେ, ଖରାପ କଥା ଦେଖୁ ନଥିଲେ କି ଖରାପ କଥା ଶୁଣୁ ନଥିଲେ ବରଂ ସର୍ବଦା ମିଠା କଥା । ମଧୁର ବିନୟ ବଚନ କହି ପରକୁ ଆପଣାର କରିବା କଳା ଜାଣିଥିଲେ । ସ୍ତ୍ରୀ ମଧ ସହଧର୍ମିଣୀ ଓ ସହକର୍ମିଣୀ ହିସାବରେ ଏହି ସତ୍ୟ ପାଳନ କରି କହୁଥିଲେ ଉଚ୍ଚ ସ୍ୱରରେ କଥା କହିବା ଓ କ୍ରୋଧର ପ୍ରତିଫଳନ ସ୍ୱରୂପ କଡା କଥା କହିଲେ ସମ୍ପର୍କ ଖରାପ ହୁଏ, ଦୂରତା ବଢେ । ତେଣୁ ବୁଢ଼ାବୁଢ଼ୀ ବୟସ ଆସିବା ପୂର୍ବରୁ ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ସତ୍ୟବଚନ, ପରୋପକାର, ମିଠା ବୋଲି ଯୋଗୁଁ ସେମାନେ ଗାନ୍ଧିବୁଢ଼ା ଓ ଗାନ୍ଧିବୁଢ଼ୀ ନାମରେ ବେଶ ଜଣାଶୁଣା ଥିଲେ । ଏ ଖବରରେ ଖବରୀ ଚଢେଇ ଦୁହେଁ ଉଲ୍ଲସିତ ହେଉଥିଲେ । କ୍ରମେ ବୁଢାଙ୍କ ଦେହାନ୍ତ ହେଲାପରେ ବୁଢ଼ୀ ଏକୁଟିଆ ହୋଇଗଲେ ସିନା ଏକମାତ୍ର ପୁଅ ଡାକ୍ତର ହୋଇସାରିଥିଲା । ସୁନ୍ଦର ପତ୍ନୀ ପାଇ ପତ୍ନୀ ସହ ଘରଠାରୁ ଦୂରରେ, ଚାକିରୀ ସ୍ଥାନରେ ଅବସ୍ଥାନ କରୁଥିଲା । ଦୂରରେ ରହୁଥିବା ପୁଅର ମଙ୍ଗଳ ମନାସି ଗାନ୍ଧିବୁଢ଼ୀ ଘରେ ଅଖଣ୍ଡ ଦୀପ ଜାଳୁଥିଲେ । ଦୁଃଖୀରଙ୍କିଙ୍କୁ ଖାଇବା ପାଇଁ ଭୋଜନ ସହ ଧୋତି ଚାଦର ଦାନ କରୁଥିଲେ ଓ ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସତ୍ୟ ଓ ଅହିଂସାର ପୂଜାରିଣୀ ଥିଲେ ।

ପୁଅର ପୁଅ ହେବା ଖୁସିରେ ଆତ୍ମହରା ଗାନ୍ଧିବୁଢୀ ନାତି ଏକୋଇଶିଆକୁ କେତେ କଣ ନେଇ ପହଞ୍ଚିଗଲେ ପୁଅ ରହୁଥିବା କ୍ୱାଟରରେ । ବୋହୂର ଅଣଦେଖା ବ୍ୟବହାର ଓ ଶାଶୁ ଆଣିଥିବା ଜିନିଷ ସହିତ ବାପାଙ୍କ ଘରୁ ଆସିଥିବା ଜିନିଷର ତୁଳନା ଅର୍ଥାତ ଫରକ ଓ ସୌନ୍ଦର୍ଯ୍ୟ, ବିଭବ ତୁଳନା ଗାନ୍ଧିବୁଢ଼ୀଙ୍କୁ ବହୁତ ବାଧିଥିଲା । ପୁଅ ମଧ ସ୍ତ୍ରୀକୁ ସମର୍ଥନ କରୁଥିବାର ଦେଖି ଗାନ୍ଧିବୁଢ଼ୀ ପାଲା ପୂଜା ପରେ ଫେରିଆସିବାକୁ ବସିଥିବାବେଳେ ବୋହୂ କହିଥିଲା ଯିବେ ଯଦି ଭଲ କିନ୍ତୁ ଆମଘରୁ ଆସିଥିବା ମିଠା ନେଇଯାଆନ୍ତୁ ବାଣ୍ଟିବେ । ଏମିତି ମିଠା ତାଙ୍କ ସାତପୁରୁଷିରେ କେହି ଖାଇ ନଥିବେ । ଗାନ୍ଧିବୁଢ଼ୀଙ୍କୁ ଏସବୁ କଥା ଖୁବ ବାଧିଥିଲେ ମଧ ସେ ମିଠା ଆଣି ଫେରିଆସି କେବଳ ସେସବୁକୁ ତାଳଗଛ ଦୁଇଟି ମୂଳରେ ପକ୍ଷୀମାନଙ୍କ ଆହାର ପାଇଁ ରଖିଥିଲେ । ଖବରୀ ଚଢେଇ ପରିବାର ଦ୍ୱୟର ସମସ୍ତ ସଦସ୍ୟ ପକ୍ଷୀ ବିନା ଗଣ୍ଡଗୋଳରେ ସେସବୁ ଖାଉଥିବା ଦେଖି କାନ୍ଦିପକେଇ ଥିଲେ ଗାନ୍ଧିବୁଢ଼ୀ । ଗାନ୍ଧିଜୀଙ୍କୁ ମନେପକେଇ ଭାବୁଥିଲେ ତିନିମାଙ୍କଡ଼ ଜରିଆରେ କେଡେ ସୁନ୍ଦର ବାର୍ତ୍ତା ଦେଇଥିଲେ ବାପୁ ! ସେସବୁର ଅର୍ଥ ନବୁଝି ଆଜିକାଲି ତା'ର ସଦୁପୋଯୋଗ ବଦଳରେ ଦୁରୁପୋଯୋଗ କରୁଛନ୍ତି ଲୋକେ । ମିଠା କଥାର ଅର୍ଥ ନୁହେଁ ଖାଲି ଅଳ୍ପ ସ୍ୱର ବରଂ କାହାକୁ ଅପମାନ ଦେବା ପରି କଥା କହିବା ଉଚିତ ନୁହେଁ । ଖରାପ କଥା ଶୁଣିବନି ଅର୍ଥ ନୁହଁ କିଏ କହୁଛି ଯଦି ଖାଲି କାନ ବନ୍ଦ କରିଦେବା ବରଂ ଏମିତି କହିବାରୁ କ୍ଷାନ୍ତ କରିବା ଉଚିତ । ସେମିତି ଖରାପ କଥା ଦେଖିବନି ଅର୍ଥ ଆଖି ବୁଜି ପଳାୟନପନ୍ଥୀ ନହୋଇ ଖରାପ କାର୍ଯ୍ୟ କରିବାକୁ ରୋକିବା ଉଚିତ । ଗାନ୍ଧିବୁଢ଼ୀଙ୍କ ମନକୁ ଏସବୁ ଆସିବା ପରେ ସେ ସେହି ତିନିମାଙ୍କଡ଼ଙ୍କ ମୂର୍ତ୍ତି ସହିତ ଏସବୁ କଥା ଖୋଦେଇ କରି ଲେଖି ତାକୁ ରଙ୍ଗ ଦେଇଥିଲେ ଏମିତି ଯେ ଗଲା ଆସିଲା ଲୋକେ ଘଡିଏ ଠିଆ ହୋଇ ତାକୁ ପଢୁଥିଲା ବେଳେ ଖବରୀ ଚଟିଆ ଉଡି ଉଡି ସେସବୁକୁ ଯେପରି ଗୀତ କରି ଗାଉଥିଲା ଓ ଖବର ନେଇ ଅନ୍ୟକୁ ଦେବାପାଇଁ ଡେଣା ଝାଡ଼ି ଥଣ୍ଟ କାଢି ଯାଉଥିଲା କୁଆଡେ କେଜାଣି ଉଡି । ଏମିତିକି ମୃତ୍ୟୁ ପୂର୍ବରୁ ବିଶାଳ କୋଠାଟିକୁ ସରକାରଙ୍କୁ ହସ୍ତାନ୍ତର କରିନେବା ପରେ ମଧ ଖବରୀ ଚଟିଆ ଚଢେଇ ଦୁଇଟି ରହି ଆସୁଥିଲେ ସେହି ତାଳଗଛଟିରେ । ସେହି କୋଠାରେ ଆଜି ସରକାରୀ ବ୍ୟାଙ୍କଟିଏ ମୁଣ୍ଡ ଟେକିଛି । ସମସ୍ତେ ଗାନ୍ଧିମୁଣ୍ଡ ବିଡା ସବୁକୁ ବ୍ୟାଙ୍କରେ ରଖୁଛନ୍ତି ଓ କାଢୁଛନ୍ତି ତଥା ପକେଟରେ ପୂରାଉ ଥିବା ବେଳେ କେହି ସେ ତିନିମାଙ୍କଡ଼ ମୂର୍ତ୍ତି ଓ ତା ତଳେ ଲିଖିତ ଭାଷା ସାହିତ୍ୟ ପଢୁ ନଥିଲେ । କେବଳ ଖବରୀ ଚଟିଆ ପକ୍ଷୀ ଗୁଡିକ ଉଡି ବୁଲୁଥିଲେ ତା ଚାରିପଟେ ।

**ସାକ୍ଷୀଗୋପାଳ, ପୁରୀ,**
**ମୋ-୯୦୪୦୯୭୭୩୨୭**

# ଘଣ୍ଟା


ଜାହ୍ନବି ମିଶ୍ର

ପ୍ରଧାନ ଶିକ୍ଷକଙ୍କ କଠୋରୀ ଆଗରେ ଥିବା ପ୍ରଶସ୍ତ ପିଣ୍ଡା ସଂଲଗ୍ନ କାନ୍ଥଟିରେ ଝୁଲୁଥିଲା ବିରାଟ ଘଣ୍ଟାଟିଏ । କାନ୍ଥଘଣ୍ଟାଟିର ଉପସ୍ଥିତ ଏମିତି ଜାଗାରେ ଥିଲା ଯେ ବିଦ୍ୟାଳୟର ଉଦ୍ୟାନ ଆଉ ଆଖପାଖ ଜାଗାରୁ ଯେଉଁ କୋଣରୁ ବି ଚାହିଁ ଦେଲେ ଦିଶିଯାଏ କାନ୍ଥ ଘଣ୍ଟାଟି । ଖେଳଛୁଟି ବେଳେ ପିଲାମାନେ ପ୍ରଜାପତି ପରି ଏକ ପ୍ରକାର ଉଡ଼ି ବୁଲୁଥାନ୍ତି ସେ ଖଣ୍ଡ ମଣ୍ଡଳରେ କାନ୍ଥ ଘଣ୍ଟାରେ ବାଜିଲା ଦିନ ଦି'ଟା, ଆଉ ସେପଟେ ବାଜି ଉଠିଲା ଘଣ୍ଟି ଖେଳଛୁଟିର ସମାପ୍ତି ଦର୍ଶାଇ ।

-'ଏ ଏତେ ଜଲଦି କଣ ଘଣ୍ଟି ବାଜିଗଲା, ଏବେତ ମାତ୍ର କିଛି ମିନିଟ୍ ହେଲା ଖେଳଛୁଟିଟା ଆରମ୍ଭ ହେଇଥିଲା ।' - ଖେଳୁଥିବା ପିଲାମାନଙ୍କ ଭିତରୁ ଜଣେ କହିଥିଲା ।

-'ଆମ ଖେଳଛୁଟିଟା ପଚାଶ ମିନିଟ୍‌ର... କାନ୍ଥଘଣ୍ଟାକୁ ଦେଖୁନୁ ଦି'ଟା ବାଜିଲାଣି ।' କହିଥିଲା ଆଉ ଜଣେ ।

ଏବେ ସମସ୍ତେ ଖେଳକୁ ସେତିକିରେ ସାରି, ଶ୍ରେଣୀଘର ଆଡ଼କୁ ଆଗେଇ ଥିଲେ ।

ହସଖୁସିର ସମୟଗୁଡ଼ା ଏମିତି ଫୁର୍‌କିନ ଚଢ଼େଇ ପରି ଉଡ଼ିଗଲା ପରି ଲାଗେ ।

କଫି- କ୍ୟାପେ-ଡେ ଆଗରେ ଠିଆ ଯୁବକ ଜଣେ ଘଣ୍ଟା ଦେଖିଚାଲିଥାନ୍ତି । କିଛି ସମୟରେ ପହଞ୍ଚି ଗଲେ ତରୁଣୀ ଜଣେ- 'ହେ... କ'ଣ ଏତେ ଡେରି କଲ, ମୁଁ ଘଣ୍ଟାଏ ହେଲା ଅପେକ୍ଷା କରିଚି ।'

-'ମାତ୍ର ପାଞ୍ଚ ମିନିଟ୍ ଚାଳିଶ ସେକେଣ୍ଡ ଡେରି ହେଇଛି ମୋର, ହେଇ ଦେଖ... ।' ଏତକ କହି ତରୁଣୀ ଜଣକ ନିଜ ହାତ ପିନ୍ଧା ଡିଜିଟାଲ ଘଣ୍ଟାଟିକୁ ଯୁବକଙ୍କ ଆଡ଼କୁ ଦେଖାଇ ଦେଇଥିଲେ ।

-'ଓଃ ... ଇଜ୍ ଇଟ୍...' - ଯୁବକଙ୍କର ଲଘୁ ପ୍ରତିକ୍ରିୟା ସହିତ ଦୁହେଁ ଚାଲିଯାଇଥିଲେ ସିସିଡି ଭିତରକୁ ।

ପ୍ରତୀକ୍ଷାର ସମୟଟା ଏମିତି ଅସହ୍ୟ ଆଉ ସୁଦୀର୍ଘ ଲାଗିଥାଏ । ଅପରେସନ ଥିଏଟର ଆଗରେ ନିଜର ହାତ ଘଣ୍ଟା ଆଉ ସେ ବାରଣ୍ଡାର କାନ୍ଥରେ ଲାଗିଥିବା କାନ୍ଥଘଣ୍ଟାଟିକୁ ବାରମ୍ବାର ଦେଖୁଥିଲେ ଅପେକ୍ଷାରତ ମଧବୟସ୍କ ସ୍ତ୍ରୀଲୋକ ଜଣେ, ଚୌକିଟିଏରେ ବସି ।

-'ସମୟଟା ଆଗକୁ ବଢୁନି କାହିଁକି... କେତେବେଳୁ ତ ସୁବ୍ରତଙ୍କୁ ଭିତରକୁ ନେଲେଣି... କେତେବେଳେ ସରିବ କେଜାଣି ଅପରେସନ୍‌ଟା । ଡା. ଯୋଶୀ ତ କହିଥିଲେ ତିନି ଘଣ୍ଟା ପାଖାପାଖି ସମୟ ହେଇପାରେ । କିନ୍ତୁ ସମୟ ତ ଲାଗୁଛି ଯେମିତି ସ୍ଥିର ହେଇଯାଇଛି ।' ମନେମନେ ଏମିତି ଭାବି ହେଉ ଥିବା ବେଳେ, ଜଣେ କନିଷ୍ଠ ଡାକ୍ତର ଆସି କହିଥିଲେ- 'ଟିକେ କମ୍ପ୍ଲିକେସି ଅଛି... ଅଧିକା ସମୟ ଲାଗିପାରେ ଅପରେସନ୍ ସରୁସରୁ ।'

ସ୍ତ୍ରୀଲୋକ ଜଣକ ଉର୍ଦ୍ଧ୍ୱଶ୍ୱାସଟିଏ ସହ ପୁଣି ଥରେ ନିଜ ହାତଘଣ୍ଟା ଆଉ କାନ୍ଥଘଣ୍ଟାକୁ ଚାହିଁ ଦେଇ ଭାବୁଥିଲେ - 'ଆହୁରି ଅଧିକ ସମୟ ଲାଗିବ ବୋଲି ଡାକ୍ତର କହିଗଲେ, ହେଲେ ଏ ସମୟଟା କ'ଣ ଏଇଠି ସ୍ଥିର ହେଇଯାଇଛି କି... କାଇଁ ଆଗକୁ ତ ବଢୁନି ।'

ଅନିଶ୍ଚିତତାରର ଭରା ସମୟ ଏମିତି ଦୋଳିପରି ଆଗ ପଛ ହେଉଥାଏ, ବୁଝି ପଡ଼େନି ସମୟଟା ଆଗକୁ ବଢୁଚି କି ନାହିଁ ବୋଲି ।

ସମୟ ସୂଚାଉ ଥିବା ସେ ଯନ୍ତ୍ର ଘଣ୍ଟାଟିର ଉପସ୍ଥିତିର ସ୍ଥାନ ସତେକି ସମୟର ଗତିକୁ ନିର୍ଦ୍ଧାରଣ କରେ । ବିଦ୍ୟାଳୟର ଘଣ୍ଟାଟିରେ- ସମୟ ସୁଚାଉ ଥିବା ଯନ୍ତ୍ରରେ- ସମୟଟା ଯେମିତି ପାହାଡ଼ି ଝରଣା ପରି କଳକଳ ନାଦରେ ଅକ୍ଳେଶରେ ଦ୍ୱିଗୁଣିତ ଗତିରେ ବୋହି ଗଲା । ଅପେକ୍ଷାରତ ଯୁବକଙ୍କ ପାଇଁ ସମୟଟା ଯେମିତି ପ୍ରସାରିତ ହେଇଯାଇଥିଲା, କମାରଶାଳାରେ ହାତୁଡ଼ି ମାଡ଼ ଖାଇ ଲୁହାଖଣ୍ଡଟେ ଲମ୍ବିଗଲା ପରି । ଡାକ୍ତରଖାନାରେ ଉଦ୍‌ବିଗ୍ନ ସେ ସ୍ତ୍ରୀଲୋକଙ୍କ ପାଇଁ ସମୟଟା ସତେକି ଘଣ୍ଟା ଭିତରେ କେଉଁ ଖାଲରେ ଜମିଥିବା ପାଣି ପରି ସ୍ଥିର ହେଇଯାଇଥିଲା । ସେଥିରେ ଛୋଟ ଛୋଟ ତରଙ୍ଗ ଖେଳିଯାଉଥିଲା ସତ ହେଲେ ସେ ପାଣି ଆଗକୁ ବୋହି ପାରୁ ନଥିଲା ।

**ନବୀ, ମୁମ୍ବାଇ**
**ମୋ- ୯୧୩୬୧୧୯୭୫୩**

# ଗୁଣ୍ଡୁଚି


ରକ୍ଷକ ନାୟକ

ତୁମେ ଜାଣିଛ କି ଜାଣିନ
ମୁଁ ଜାଣିନି ।

ତୁମେ ଯେଉଁ ଡ଼ାକିଥିଲ
ତୁମ ଘରକୁ
ମୁଁ ଲୋଭେଇ ଯାଇଥିଲି
ତୁମ ହାତ ତିଆରି ବଗିଚାକୁ ।

ତୁମ ଆଖି ଆଢୁଆଳରେ
ଗୋଟି ଗୋଟି କରି ଦେଖିଛି
ବଗିଚାର ପ୍ରତିଟି ଜୀବକୁ
କେବଳ ଦେଖିନି
ଭାବ ଲଗେଇଛି ।


ତୁମେ ତୁମର କୃତି, କୀର୍ତ୍ତି, ଅର୍ଜନ, ଅଙ୍କନ
ମୋହ ମୁଦ୍ରା ଦେଖାଉଥିଲ
ମତେ ଈର୍ଷାରେ ଜଳେଇବାକୁ
ଚେଷ୍ଟା କରୁଥିଲ
ମୁଁ କ'ଣ ସେଠି ଥିଲି !
ବୁଲୁଥିଲି ତୁମ ବଗିଚାରେ ।

ଗୋଟି ଗୋଟି କରି ଚୋରି କରିଆଣିଛି
ସାରା ବଗିଚାକୁ
ବଗିଚାର କୀଟପତଙ୍ଗ ଓଗେର
ସଭିଙ୍କୁ ।

ମୁଁ ଏବେ ନିତି କରେ
ବଗିଚା ସ୍ନାନ, ପରମ ପାର୍ବଣ ।
କିଛି ଖରାପ ଭାବିବନି
କୋଉଟା ମତେ ଆକର୍ଷିତ କଲାନି
ତୁମ ଗୀତ, କବିତା , ଗପ
କେତେ କେତେ ଉତ୍ପାଦନ
କେବଳ ବଗିଚା ବ୍ୟତୀତ ।

କେବଳ ଗୋଟିଏ ଦୁଃଖ ମୋର
ଚାହିଁଲେ ତୁମେ ଦୂରେଇପାରିବ
ସାରା ବଗିଚାକୁ ତ ଆଣିପାରିଲି
କେବଳ ଆସୁନି ଜଣେ
ଗୁଣ୍ଡୁଚି ମୂଷା
ତୁମେ ଯଦି ତା'କୁ ପଠାଇପାରନ୍ତ
ମୁଁ ରହନ୍ତି ତୁମର
ଚିର ବଶମ୍ବଦ
ପୂରା ଗୁଣ୍ଡୁଚି ଭଳି ।
**ମୋ : ୯୪୩୭୧୭୧୪୪୦**

# ଲେଉଟାଣି


ଦେବଦତ୍ତ ମିଶ୍ର

ଯା ବୋଲି କହିଦେଲେ
କାହିଁ ଅବା ଯାଇହୁଏ
ଛାତିକୁ ପଥର କରି ଏକ ନିଃଶ୍ୱାସରେ ।
ସମୟର ଉଜାଣିରେ
ସେଠିକୁ ହିଁ ଫେରୁଥାଏ ବାରମ୍ବାର ।

ଯଦିଓ ଆମ୍ବଗଛ ଉହାଡ଼ରେ
ବସେ ନାହିଁ କୋଇଲି କି ହଳଦୀବସନ୍ତ
ଅଜଣା ଅଭ୍ୟାଗତର ସମ୍ଭାବନା ନେଇ ।

ଛୁଇଁଯାଏନି ସମୁଦ୍ର
ଭାଙ୍ଗିଯାଏନି ବାଲିଘର
ଆଉ ଥରେ ହଜେନି ତୋ କାନଫୁଲ
ମୁଁ ଖୋଜି ନପାଇବା ଯାଏଁ ।

ଏପ୍ରିଲର କାଳବୈଶାଖୀ ପରି
ଆକାଶରେ ମେଘ ନଥାଇ
ବରଷା ହୁଏନି ଅଚାନକ
ଭିଡ଼ି ନେବାକୁ ତୋତେ ମୋ ଛାତିକୁ ।
ତୋ ଓଠରେ ଥାପି ଦେବାକୁ ମୋ ଓଠ
ହଠାତ୍ ଅପସରି ଯାଆନ୍ତିନି
ଆଲୁଅ ଓ ଭିଡ଼ ଚାରିପାଖରୁ ।


ସବୁଥର ଭଳି ଶବ୍ଦରେ ସଜେଇ
ଲେଖୁଥାଏ ସିନା ଚିଠି
ହାତ ଯାଏନି ପଠେଇବାକୁ
ତୋ ଠିକଣାରେ ।

ରାତିର କାଳିମାରେ ଭାଙ୍ଗିଯାଏ
ପରସ୍ତ ପରସ୍ତ ସ୍ୱପ୍ନ
ତଥାପି ଅସରନ୍ତି ପୀଡ଼ାକୁ
ଆଶ୍ୱାସୁଥାଏ ନିଜ ଭିତରେ ।

ସବୁ ନଥିବା ଭିତରେ
ପ୍ରଥମ କରି ଫୁଟେ ଫୁଲଟିଏ
ବାଲକୋନିର ଥୁଣ୍ଟା ଗୋଲାପଗଛରେ
ହସ ହସ ମୁହଁଟିଏ ପରି ।
ହଜାର ଯନ୍ତ୍ରଣା ସତ୍ତ୍ୱେ
ଉକୁଟି ଉଠେ ଶୃଙ୍ଖଳା ହସଟିଏ
ଭଉଁରୀ ଖେଳେଇ ।

ଏଣିକି ମନ ଆଉ ମାଗେନି ଲେଉଟାଣି
ଫେରିଯିବାକୁ
କୋଇଲି, ଆକାଶ, ସମୁଦ୍ର ଓ ସ୍ୱପ୍ନ ଆଡ଼େ ।
**ବବକରପୁର, କେନ୍ଦ୍ରାପଡ଼ା**
**ମୋ -୯୦୪୦୭୦୦୩୦୩**

# ଛଅଟି ହାଇୱେ ଗପ


ସୁଚରିତା ବେହେରା

ଷଡଯନ୍ତ୍ର

ବାହାରେ ବର୍ଷା ସେମିତି ବର୍ଷୁଥିଲା । କାର ଭିତରେ କିଛି ଉତ୍ତପ୍ତ ନିଶ୍ୱାସ,ଲୋଲୁପ ଆଖି ଓ ବଳିଷ୍ଠ ବାହୁର ଉପସ୍ଥିତି ବିଷୟରେ ଅନଭିଜ୍ଞ ଝିଅଟି ନିଜ ଭବିଷ୍ୟତ ସ୍ୱପ୍ନରେ ହଜି ଜାଣି ନଥିଲା ତା' ଗନ୍ତବ୍ୟ କେଉଁଠି ? ସେ ଧରିଥିବା ବିଶ୍ୱାସର ହାତଟି କେତେବେଳୁ ତାଠୁ ଅଲଗା ହୋଇସାରିଲାଣି, ତାକୁ ଜଣାନାହିଁ । ହାଇୱେ ଉପରେ କାର ଚାଲିଥିଲା ଶହେଚାଳିଶ ସ୍ପିଡ୍‌ରେ ।

ସଂଘର୍ଷ

ବର୍ଷା ତଥାପି ଛାଡ଼ି ନଥିଲା । ହାଇୱେ କଡ଼କୁ ଟ୍ରକ ରଖି ଡ୍ରାଇଭର ତଳକୁ ଓହ୍ଲେଇଲା ଖାଇବା ଉଦ୍ଦେଶ୍ୟରେ । ଆଜି କାହିଁକି ଢ଼ାବା ଗୁଡିକରେ ପ୍ରବଳ ଭିଡ । ଖାଦ୍ୟ ମିଳିବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ । ଗନ୍ତବ୍ୟସ୍ଥଳକୁ ତଥାପି ଅଛି ସାତଶହ ଛତିଶ କିଲୋମିଟର ।

ଦୁର୍ଘଟଣା

ବର୍ଷାର ବେଗକୁ ତାଳ ଦେଇ ଦ୍ରୁତଗତିରେ ଓଭରଟେକ୍ କରି ବସ୍‌ଟି ନିୟନ୍ତ୍ରଣ ହରେଇ ବାଁ ପଟକୁ ଢଳିଗଲା । କାମସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ସାଇକେଲ ଆରୋହୀ ଛିଟକି ପଡିଲା ମଝି ରାସ୍ତାକୁ । ହାଇୱେରେ ଷ୍ଟ୍ରିଟ୍ ଲାଇଟ୍ ଲିଭିବା ପୂର୍ବରୁ ପଛରୁ ଆସୁଥିବା ସୁମୋ ଡ୍ରାଇଭର ନିଜ ଗାଡି ତଳେ କିଛି ଥିବା ଅନୁଭବ କଲା ।

ବେପାର

ବର୍ଷାରେ ଭିଜି ସେ ସ୍ତ୍ରୀ ଲୋକଟି ଅପେକ୍ଷା କରିଥିଲା ତା' ଗ୍ରାହକକୁ । ହାଇୱେରେ ଟ୍ରକ ଚାଲିଲେ ତା' ଚୁଲି ଜଳେ । କିଏ ଜଣେ କହିଲା ଆଜି ହରତାଳ । ଘରକୁ ଫେରି ଯାଉ ଯାଉ ତା' ସାମ୍ନାରେ ଦେଖାଯାଉଥିଲା ମଦ୍ୟପ ସ୍ୱାମୀର ଚିତ୍କାର ଓ ରାହାଧରି କାନ୍ଦୁଥିବା ଦୁଇବର୍ଷ ପୁଅର କରୁଣ ମୁହଁ ।


ଅପରାଧ

କିଛି ଘୃଣା, ହୀନମାନ୍ୟତା ଓ ଅବସାଦକୁ ନିଃଶେଷ କରି ବର୍ଷାରେ ଭିଜୁଥିଲା ସେ । ଶହେ ନମ୍ବରକୁ ଡାଏଲ କରି କିଏ ଜଣେ କହୁଥିଲା ହାଇୱେ ଉପରେ ଏବେ ଏବେ ହତ୍ୟା ହେଇଛି ।

ପ୍ରେମ

ଆମ୍ବୁଲାନ୍ସର ଗତି ସହିତ ତା' ହୃତସ୍ପନ୍ଦନର ଗତି ବି ବଢ଼ି ଚାଲିଥିଲା । ନିଜ ପ୍ରେମକୁ ବଞ୍ଚେଇବା ପ୍ରୟାସରେ ଘଣ୍ଟାଏ ହେଲା ସେ ସେମିତି ବସିଥିଲା ଯଦିଓ ତା' ହାତରେ ବି ଡ୍ରିପ୍ ଥିଲା । ବାହାରେ ବର୍ଷା ଆଉ ନଥିଲା ।


**ଫ୍ଲାଟ ନମ୍ବର-ଏଲ ୭୦୨**
**ଜସ୍ମିନ ଗ୍ରୋଭ, ଗାଜିଆବାଦ**
**ମୋ-୭୯୭୬୪୯୮୨୩୪**



## ନାଦନ ପ୍ରେମମ୍

ମୂଳ ମାଲାୟାଲାମ-ଏସ୍.କେ.ପୋଟ୍ଟେକ୍କାଟ
ହିନ୍ଦୀ-ଡ.ଆରସୁ
ଅନୁବାଦ-କନକ ମଞ୍ଜରୀ ସାହୁ
ପ୍ରକାଶକ-ବ୍ଲାକ୍ ଇଗଲ, ଡବଲିନ, ୟୁଏସଏ
ମୂଲ୍ୟ-୧୮୦/-

କଥାଶିଳ୍ପୀ କେତେ ଢ଼ଙ୍ଗରେ, କେତେ ବାଗରେ କହିଜାଣେ ବୋଲି ସୁନ୍ଦର ଭାବେ ଉପସ୍ଥାପିତ କରିପାରେ ଯେ କୌଣସି ବିଷୟବସ୍ତୁ । ଗଢ଼ି ଜାଣିଲେ ଘର ସୁନ୍ଦର, କହି ଜାଣିଲେ କଥା ସୁନ୍ଦର ପରି ଅନେକ ଘଟଣା ଆମ ଅବର୍ତ୍ତମାନରେ ହେଉ କି ବର୍ତ୍ତମାନରେ ହେଉ ଘଟିଚାଲିଥିଲେ ବି ଆମେ ଧ୍ୟାନ ଦେଇ ନଥାଉ । ସୂକ୍ଷ୍ମ ଦୃଷ୍ଟିରେ ଯଦି ଜଣେ ଲେଖକ, ତାହାକୁ ଉପସ୍ଥାପିତ କରିବାକୁ ସକ୍ଷମ ହୁଏ, ଜନମାନସର ଆଖି ଖୋଲିଦିଏ କିମ୍ବା ସେହି ଭାବନା ଭିତରେ ମଜ୍ଜିଯିବାକୁ ବାଧ୍ୟ ହୁଏ । ସେମିତି ଅନେକ ଗ୍ରାମୀଣ ଜୀବନର ଛବି, ବାଲ୍ୟକାଳର ସ୍ମୃତି, ପ୍ରେମର ସନ୍ତକ, ଅନାହତ ଅତୀତକୁ ନେଇ ନାଦନ ପ୍ରେମମ୍ ରଚନା ହୋଇଥିଲା ମାଲାୟାଲାମ ଭାଷାରେ । ପରବର୍ତ୍ତୀ ସମୟରେ ହିନ୍ଦୀ ଓ ଓଡ଼ିଆରେ ପ୍ରକାଶିତ ହେବା ପରେ କାଳଜୟୀ ଲେଖା ପଢ଼ିବାର ସୁଯୋଗ ହୁଏତ ଓଡ଼ିଆ ପାଠକ ପାଇପାରିଲେ । ଅନୁବାଦିକା ଖୁବ୍ ସତର୍କତାର ସହ ଭାବ ନଷ୍ଟ ହୋଇ ନଯିବା ଭଳି ଭାଷାରେ ଯେଭଳି ଭାବରେ ପରଷି ଦେଇଛନ୍ତି, ନପଢ଼ିଲେ କେହି ଜଣେ ଏହାର ଆସ୍ୱାଦନ ପାଇପାରିବେ ନାହିଁ । ସବୁଠାରୁ ବଡ଼କଥା ହେଲା ଅନୁବାଦ ହେଉଥିବା ସାହିତ୍ୟଗୁଡ଼ିକ ପାଠକଙ୍କ ପାଇଁ ଅନେକ ସମୟରେ ଦୁର୍ବୋଧ୍ୟ ହୋଇପଡ଼ିବାବେଳେ, ଅନୁବାଦିକା ଖୁବ ଯତ୍ନ ନେଇଛନ୍ତି ଏ କ୍ଷେତ୍ରରେ ।



## ଚନ୍ଦନ

ସମ୍ପାଦକ-ଲିଙ୍ଗରାଜ ମହାନ୍ତି
ମୂଲ୍ୟ-୨୦/-

ଓଡ଼ିଶାରେ ପ୍ରକାଶ ପାଉଥିବା ପତ୍ରପତ୍ରିକା ନିଜର ସ୍ୱତନ୍ତ୍ର ପତିଆରା ରଖନ୍ତି । ସେହିଭଳି ଦୀର୍ଘଦିନ ଧରି ପ୍ରକାଶ ପାଉଥିବା ଛୋଟ ସୃଷ୍ଟିର ସମାହାର ଚନ୍ଦନ ସାହିତ୍ୟ ପତ୍ରିକା ଭିଡ଼ରୁ ଟିକେ ବାହାରେ ଥିବା ଭଳି ମନେହୁଏ । କଳେବର, ଲେଖାଚୟନ, ପରିଚ୍ଛନ୍ନତା କାରଣରୁ ଏହାର ସ୍ୱତନ୍ତ୍ରତା ବାରି ହୋଇପଡ଼େ । କଳେବର ଛୋଟ ହେଲେ ବି ଯେଉଁ ଦୁର୍ମୂଲ୍ୟ ଲେଖାଗୁଡ଼ିକ ଏଥିରେ ସଂଯୋଜିତ କରାଯାଇଛି, ତାହା ଜଣେ ରୁଚିସମ୍ପନ୍ନ ପାଠକଙ୍କୁ ବିମୋହିତ କରିବ । ସାହିତ୍ୟର ପଦମର୍ଯ୍ୟାଦାକୁ ଧରି ରଖି ଏହି ସଂଖ୍ୟାରେ ସ୍ଥାନିତ ହୋଇଛି ଅନେକ ଲେଖକଙ୍କର ମଣିକାଞ୍ଚନର ଆଲେଖ୍ୟ । ରମାକାନ୍ତଙ୍କୁ ନେଇ ସୂର୍ଯ୍ୟ ମିଶ୍ର, କିଶୋର ଆକାଶଙ୍କୁ ନେଇ ସତ୍ୟନାରାୟଣ ମହାପାତ୍ର, ବୃନ୍ଦାବନ ଜେନାଙ୍କୁ ନେଇ ମନୋଜ ପଟ୍ଟନାୟକ ଲେଖିଛନ୍ତି ଚମକେଇ ଦେଲା ଭଳି ଆଲେଖ୍ୟ । ଡ.ବୈଷ୍ଣବ ଚରଣ ସାମଲ, ଡ. ରାଜକିଶୋର ପାଢ଼ୀ, ସୁଭାଷ ଶତପଥୀ, ସୁବ୍ରତ ସେନାପତିଙ୍କ ସହ ଆଳାପ ଆଲୋଚନା ସହିତ ଅତିଥି କବି ଭାବରେ ଅପର୍ଣ୍ଣା ମହାନ୍ତିଙ୍କ କବିତା ବେଶ ପାଠକୀୟତାକୁ ବହନ କରେ । ଭାରତୀୟ ସାହିତ୍ୟରେ ଅନୁସୃଜନକୁ ନିଜ ଢ଼ଙ୍ଗରେ ଭଲଭାବରେ ଉପସ୍ଥାପିତ କରିଛନ୍ତି ଡ.ବିନୋଦିନୀ ପାତ୍ର ଓ ଶରତ ଚନ୍ଦ୍ର ଆଚାର୍ଯ୍ୟ ।

ନିତିଦିନ NITIDIN



# 'ମନ୍ତ୍ରୀ ସାଲେପୁରବାସୀଙ୍କୁ ମିଛ କହି ଭୁଆଁ ବୁଲାଉଛନ୍ତି'

**ସାଲେପୁର,୩୦।୮/ଏନ୍‌ଏନ୍‌ଏସ୍:** ଦୀର୍ଘବର୍ଷ ହେବ ସାଲେପୁର ସହରକୁ ଏନ୍ ଏ ସି ମାନ୍ୟତା ନେଇ ଭିନ୍ନ ଭିନ୍ନ ରାଜନୈତିକ ଦଳ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ସରକାରଙ୍କ ପାଖରେ ଦାବି ହୋଇଆସୁଛି। ଏହା ନେଇ ଏବେ ଏନ୍‌ଏସି ମାନ୍ୟତା ପ୍ରଦାନ ନିମନ୍ତେ ସାଲେପୁର ଅଞ୍ଚଳରେ ରାଜନୀତି ଚର୍ଚ୍ଚା ଜୋର୍ ଧରିଛି। ଏହିଭଳି ସ୍ଥିତିରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ସାଲେପୁରର ମଧୁସୁଦନ ମଣ୍ଡପ ପରିସରରେ ଆୟୋଜିତ ବିଜେପି ଦଳର ଚା' ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର ସାଲେପୁର ଏନ୍‌ଏସି ମାନ୍ୟତାକୁ ନେଇ ୨୪ବର୍ଷର ତତ୍କାଳୀନ ସରକାର କ'ଣ କରୁଥିଲେ ବୋଲି ପ୍ରଶ୍ନ କରିବା ସହ ସମାଲୋଚନା କରିଥିଲେ। ଏପରିକି ଖୁବ୍‌ଶୀଘ୍ର ସାଲେପୁର ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମୋହନ ସରକାର ଘୋଷଣା କରିବେ ବୋଲି କହିଥିଲେ। ମନ୍ତ୍ରୀଙ୍କ ଏହିଭଳି ବକ୍ତବ୍ୟକୁ ନେଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଦୃଢ଼ ନିନ୍ଦା କରିବା ସହିତ ମନ୍ତ୍ରୀ ସାଲେପୁର ବାସୀଙ୍କୁ ମିଛ କହିବା ସହିତ ଭୁଆଁ ବୁଲାଉଛନ୍ତି ବୋଲି କହିଥିଲେ। ବିଧାୟକ ଶ୍ରୀ ବେହେରା ମନ୍ତ୍ରୀଙ୍କୁ ପାଲଟା ପ୍ରଶ୍ନ କରିଛନ୍ତି କି ତତ୍କାଳୀନ ସରକାର ସାଲେପୁରକୁ ଏନ୍‌ଏସି ମାନ୍ୟତା ଘୋଷଣା କରିଥିଲେ। ହେଲେ, ବର୍ତ୍ତମାନର ସରକାର ଚଞ୍ଚକତାକରି ତତ୍କାଳୀନ ସରକାରଙ୍କ ଘୋଷଣାକୁ ମଥ୍ୟା ବୋଲି କହିବା ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଧାୟକ ଶ୍ରୀ ବେହେରା ପାଲଟା ଅଭିଯୋଗ କରିଥିଲେ। ମୋ ବିଧାୟକ ସମୟରେ ଏନ୍‌ଏସି ପାଇଁ ସମସ୍ତ କାର୍ଯ୍ୟ ପ୍ରଶାସନିକ ସ୍ତରରେ ଶେଷ କରାଯାଇଥିଲା। ଏପରିକି ଗତ ୨୦୨୪ ଜୁଲାଇ ମାସ ୨୩ ତାରିଖରେ ବିଧାନସଭାରେ ନବଗଠିତ ସାଲେପୁର ଏନ୍‌ଏସି କେବେଠାରୁ କାର୍ଯ୍ୟକାରୀ ହେବ ବୋଲି ଲିଖିତ ଭାବେ ବର୍ତ୍ତମାନର ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କୁ ପ୍ରଶ୍ନ କରିଥିଲି ବୋଲି ବିଧାୟକ କହିଥିଲେ। ସେତେବେଳେ ନଗର ଉନ୍ନୟନ ମନ୍ତ୍ରୀ ତାଙ୍କ ଉତ୍ତର ରଖିଥିଲେ କି ଗତ ଫେବୃଆରୀ ମାସରେ ତତ୍କାଳୀନ ସରକାର ସାଲେପୁରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ସଂକ୍ରାନ୍ତୀୟ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଥିଲେ। ସମ୍ପୃକ୍ତ ଜିଲ୍ଲାପାଳଙ୍କଠାରୁ ପୂର୍ଣାଙ୍ଗ ପ୍ରସ୍ତାବ ହସ୍ତଗତ ହେବାପରେ ପ୍ରଚଳିତ ଓଡ଼ିଶା ପୌର ଅଧିନିୟମ ୧୯୫୦ ଓ ନିର୍ଦ୍ଦେଶାବଳୀର ବ୍ୟବସ୍ଥା ତଥା ଗ୍ରାମୀଣ ସହରୀ ପରିବର୍ତ୍ତନ ନୀତି ଅନୁସାରେ ତର୍ଜମା କରାଯାଇ ଏନଏସି ଗଠନ ସମ୍ବନ୍ଧୀୟ ନିଷ୍ପତ୍ତି ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ। ଏ ସବୁ ପରେ ମନ୍ତ୍ରୀ ସାଲେପୁର କାର୍ଯ୍ୟକ୍ରମରେ କିପରି ମାଥ୍ୟା ଓ କପୋଳକଳ୍ପିତ ବକ୍ତବ୍ୟ ଦେଲେ ସେ ନେଇ ବିଧାୟକ ଶ୍ରୀ ବେହେରା ପ୍ରଶ୍ନ କରିବା ସହିତ ଦୃଢ଼ ନିନ୍ଦା କରିଛନ୍ତି। ଏହାର ଜବାବ ଆଗାମୀ ଦିନରେ ସାଲେପୁରବାସୀ ନିଶ୍ଚିତ ଦେବେ ବୋଲି ବିଧାୟକ ଶ୍ରୀ ବେହେରା କହିଛନ୍ତି।

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ
ପୁରୁଷୋତ୍ତମପୁର, (ଗଞ୍ଜାମ) ପିନ୍- ୭୬୧୦୧୮
ଇ. ମେଲ୍: eo-nacpurushottampur@gov.in / purushottampurnac@gmail.com
ଫୋନ୍ ନଂ - ୦୬୮୧୧-୨୯୪୨୨୨

ପବିତ୍ର ସ୍ୱାୟତ୍ତ ଶାସନ ଦିବସ - ୨୦୨୫ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା

**ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୫** ପାଳନ ଅବସରରେ, ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଆମ ଦେଶର ସହରାଞ୍ଚଳ ଉନ୍ନତିରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ପରମ୍ପରାକୁ ଅନୁସରି, ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସହରବାସୀଙ୍କ ସହଯୋଗ ସହିତ ସର୍ବାଙ୍ଗୀନ ଉନ୍ନତି ପାଇଁ ନିରବଚ୍ଛିନ୍ନ ସେବା ପ୍ରଦାନ କରି ଆସୁଛି।

ପବିତ୍ର ସ୍ୱାୟତ୍ତ ଶାସନ ଦିବସ କେବଳ ଏକ ସ୍ମୃତି ଦିବସ ନୁହେଁ; ଏହା ହେଉଛି ଜନସାଧାରଣଙ୍କ ସ୍ୱରକୁ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହିତ ସିଧାସଳଖ ଯୋଗାଯୋଗ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଏକ ବିଶ୍ୱସନୀୟ ପ୍ରତିଷ୍ଠାନ।

ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ମାଧ୍ୟମରେ ଲୋକଙ୍କର ମତ, ମତାମତ, ନ୍ୟାୟପୂର୍ଣ୍ଣ ଆକାଂକ୍ଷା ଓ ପ୍ରୟାସଗୁଡ଼ିକୁ ସିଧାସଳଖ ଭାବରେ ନଗର ପରିଚାଳନାରେ ଲାଗୁ କରିବାର ସୁଯୋଗ ମିଳେ। ଏହା ହେଉଛି **"ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା, ଲୋକଙ୍କ ଶାସନ"**ର ଆଧାର।

ଏଣୁ, ସମସ୍ତ ପୁରୁଷୋତ୍ତମପୁର ସହରବାସୀ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପ୍ରକୃତ ଅର୍ଥକୁ ହୃଦୟଙ୍ଗମ କରି, ଜନସହଭାଗୀତା ମାଧ୍ୟମରେ ସହରକୁ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତିର ଶିଖରରେ ପହଞ୍ଚାଇପାରିବା। କେବଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଶାସନର ପ୍ରୟାସରେ ସହରର ଉନ୍ନତି ସମ୍ଭବ ନୁହେଁ; ସେଥିପାଇଁ ପ୍ରତ୍ୟେକ ବର୍ଗର ନାଗରିକଙ୍କ ଦାୟିତ୍ୱଶୀଳତା, ସଚେତନତା ଓ କାର୍ଯ୍ୟାଳୟର ନିୟମ-କାନୁନ ପାଳନ ସହିତ ସକ୍ରିୟ ସହଭାଗୀତା ଅତ୍ୟାବଶ୍ୟକ।

ଆସନ୍ତୁ, ଏହି ପବିତ୍ର ସ୍ୱାୟତ୍ତ ଶାସନ ଦିବସରେ ଆମେ ସମସ୍ତେ ସଂକଳ୍ପ କରିବା - ଏକଜୁଟ ହୋଇ ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଗଠନମୂଳକ କାର୍ଯ୍ୟରେ ସହଯୋଗ କରି, ସହରକୁ **ସୁଚିନ୍ତିତ, ସୁନ୍ଦର, ସ୍ୱଚ୍ଛ, ସବୁଜ ଓ ଉନ୍ନୟନମୂଳକ** ସହରରେ ପରିଣତ କରି, ଏକ ନମ୍ବର ସହର ଭାବେ ଗଢ଼ିତ କରିବା।




ଶ୍ରୀ ଗୋବିନ୍ଦ ଦନସେନା, ଓ.ପ୍ର.ସେ.- ୧ (ଜେ.ବି)
କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର

ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା,
ଅଧକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର
ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ

## ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ଲୋକକଳା ମହାସଂଘର ସମାରୋହ

**ଟାଙ୍ଗୀ,୩୦।୮/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଛତିଆ ଅମରାବତୀ ମଠଠାରେ ଓଡ଼ିଶା ସଙ୍କୀର୍ତ୍ତନ ମହାସଂଘର ପକ୍ଷ ରୁ ଶ୍ରୀ ଜଗନ୍ନାଥ ସଙ୍କୀର୍ତ୍ତନ ଲୋକକଳା ମହାସଂଘର ସଙ୍କୀର୍ତ୍ତନ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ନନ୍ଦିନୀ ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ, ବିଶିଷ୍ଟ ଅତିଥି ବ୍ଲକ ଅଧକ୍ଷା ମିନତୀ ସେନାପତି, ସମ୍ମାନିତ ଅତିଥି ରବୀନ୍ଦ୍ର ପ୍ରଧାନ, ସରପଞ୍ଚ ରମେଶ ପୃଷ୍ଟି, ରାଜ୍ୟ ସଭାପତି ବାସୁଦେବ ଭଞ୍ଜ ଏବଂ ରାଜ୍ୟ ସମ୍ପାଦକ ସୁଦର୍ଶନ ଚମ୍ପତି ଯୋଗ ଦେବା ସହ ଗୋବିନ୍ଦପୁର ସିଦ୍ଧଗିରି ଆଶ୍ରମର ବିଶୁ ବାବା ଯୋଗଦେଇ ରାଜ୍ୟ ର ବିଭିନ୍ନ ଅଞ୍ଚଳରୁ ବହୁ ନାମ ସଙ୍କୀର୍ତ୍ତନପ୍ରେମୀ ଭକ୍ତ ଉପସ୍ଥିତ ରହି ହରିନାମ ଜପ କରିଥିଲେ। ମୁଖ୍ୟ ଉଦ୍ଦେଶ୍ୟ ହେଲା ଆଜିକାଲିର ଆଧୁନିକ ଯୁଗରେ କିଭଳି ଭଗବାନଙ୍କ ନାମ ପ୍ରଚାର ପ୍ରସାର ହେବ। କାର୍ଯ୍ୟକ୍ରମକୁ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିବା ବେଳେ ଧନେଶ୍ୱର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପ୍ରତିଯୋଗିତା

**ଓଡ଼ଗାଁ,୩୦।୮/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶୁକ୍ରବାର ନିଖିଳ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଉଦ୍ଦେଶ୍ୟରେ ୨୦ଟି ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ମୋଟ ୯୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତୃତୀୟରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ୫୨ଜଣ ଷଷ୍ଠରୁ ଅଷ୍ଟମ ୨୮ଜଣ, ନବମରୁ +୨ ପର୍ଯ୍ୟନ୍ତ ୧୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଚାରକ ରୂପେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଅଧିକାରୀ ଦାମୋଦର ଖିଲାର, ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା, ପ୍ରଧାନଶିକ୍ଷକ ଭାବଗ୍ରାହୀ ମହାପାତ୍ର,ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଦାଶ ମଞ୍ଚାସୀନ ଥିଲେ।ପ୍ରତ୍ୟେକ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ମାନଙ୍କୁ ଚୟନ କରାଯାଇଥିଲା। ସେହିପରି ମହିଳା ସଫେଇମିତ୍ର ମାନଙ୍କୁ ନେଇ ସଙ୍ଗୀତଚୌକି ଓ ପୁରୁଷ ସଫେଇମିତ୍ର ମାନଙ୍କ ମଧ୍ୟରେ ଲୋକବାଦ୍ୟ(ଢୋଲ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ଚୌକିରେ ଅନୀତା ନାହାକ ପ୍ରଥମସ୍ଥାନ, ବିଳାସ ନାହାକ ଦ୍ୱିତୀୟସ୍ଥାନ ଓ ଟିକିନା ନାହାକ ତୃତୀୟସ୍ଥାନ ଅଧିକାର କରିଥିବାବେଳେ ପୁରୁଷ ବିଭାଗରେ ତ୍ରିଲୋଚନ ନାହାକ ପ୍ରଥମସ୍ଥାନ, ଗଣେଶ ନାହାକ ଦ୍ୱିତୀୟସ୍ଥାନ ଓ ଚୈତନ୍ୟ ନାହାକ ତୃତୀୟସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ରବିବାର ନିଖିଳ ସ୍ୱାୟତ୍ତ ଶାସନ ଦିବସରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମକୁ ସିଟିମିଶନ୍ ମ୍ୟାନେଜର ଶ୍ରୀମୋହନ ମହାପାତ୍ର ପରିଚାଳନା କରିଥିବାବେଳେ ସନ୍ଦୀପ୍ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପଟ୍ଟନାୟକ, ସୋମନାଥ ବେହେରା ଓ ନୀଳମାଧବ ମିଶ୍ର ସହଯୋଗ କରିଥିବା ଜଣାପଡ଼ିଛି।

ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼

ତା.୩୧.୦୮.୨୦୨୫ ରିଖ ଦିନ ୬୩ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ସହରକୁ ପରିଷ୍କାର ପରିଚ୍ଛନ୍ନ, ସୌନ୍ଦର୍ଯ୍ୟ କରଣ ଓ ନିମ୍ନ ବିଷୟରେ ଆପଣମାନଙ୍କ ସହଯୋଗ କାମନା କରୁଅଛୁ।

୧. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହଯୋଗ କରନ୍ତୁ।
୨. ଠିକ୍ ସମୟରେ ଟିକସ ପଇଠ କରନ୍ତୁ।
୩. ପରିଷଦରୁ ଆବଶ୍ୟକ ମଞ୍ଜୁରୀ ନେଇ ଗୃହ ନିର୍ମାଣ କରନ୍ତୁ।
୪. ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୫. ପଲିଥିନ ବ୍ୟବହାର ବର୍ଜନ କରନ୍ତୁ।
୬. ନିର୍ଦ୍ଧାରିତ ସମୟରେ ଟ୍ରେଡ୍ ଲାଇସେନ୍ସ ନବୀକରଣ କରନ୍ତୁ।
୭. ପରିଷଦରୁ ଆବଶ୍ୟକ ଅନୁମତି ନେଇ ପାଣି ପାଇପ୍ ସଂଯୋଗ କରନ୍ତୁ।
୮. ସମସ୍ତ ଦୋକାନର ନାମ ଫଳକ ଓଡ଼ିଆ ଭାଷାରେ କରନ୍ତୁ।
୯. ଶୌଚାଳୟ ବ୍ୟବହାର କରନ୍ତୁ ଏବଂ ଖୋଲା ଜାଗାରେ ମଳତ୍ୟାଗ କରନ୍ତୁ ନାହିଁ।
୧୦.ପରିଷଦର ସମ୍ପତ୍ତି ଆପଣଙ୍କର ସମ୍ପତ୍ତି ଏହାର ସୁରକ୍ଷା କରନ୍ତୁ।

ଅଧକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ,
ପାଟଣାଗଡ଼

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,
ପାଟଣାଗଡ଼

ପୌରପରିଷଦ କାର୍ଯ୍ୟାଳୟ, ରାୟଗଡ
ଜିଲ୍ଲା- ରାୟଗଡ
ପିନ୍ କୋଡ୍--୭୬୫୦୦୧, ଓଡିଶା
E-mail ID - raygadam.hud@od.gov.in

ପ୍ରେସ୍ ବିଜ୍ଞପ୍ତି

- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶ ମୂଳକ କାର୍ଯ୍ୟରେ ଲଗାଯାଇଥାଏ ଏଣୁ ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
- ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦିରୋଗ ରୁ ରକ୍ଷା ପାଇବା ପାଇଁ ନିଜ ଅଞ୍ଚଳର ପରିବେଶ କୁ ସଫା ରଖିବା ସଙ୍ଗେ ସଙ୍ଗେ ନିଜର ଘର ସ୍ୱେପିଟ ସଫାରଖନ୍ତୁ ।
- ସହରର ଅଭ୍ୟନ୍ତରସ୍ଥ ରାସ୍ତା ଗୁଡିକ ଉପରେ ଗୃହପାଳିତ ପଶୁ ଗୁଡିକୁ ଅନାଧିକାର ରୂପେ ଛାଡନ୍ତୁ ନାହିଁ ।
- ରାସ୍ତାକଡଜମି ତଥା ସରକାରୀଜମି ଉପର ଦଖଲ ରୁ ନିବୃତ୍ତ ରୁହନ୍ତୁ ।
- ପରିମଳ କର୍ମଚ୍ୟୁରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକକରି ଓଳିଆ ଗାଡିରେ ଦିଅନ୍ତୁ ।
- ନାଳ ଉପରକୁ ଅତିକ୍ରମଣ କରନ୍ତୁ ନାହିଁ ଏବଂ ବର୍ଜ୍ୟବସ୍ତୁ ନାଳ ଭିତରେ ପକାନ୍ତୁ ନାହିଁ ।
- ପଲିଥିନ୍ ବ୍ୟବହାର ନକରି ପ୍ରଦୂଷଣମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ ।
- ପରିଷଦ ର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହନିର୍ମାଣ କରନ୍ତୁ ନାହିଁ ।
- ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକସା ଅନୁମୋଦନ ହୋଇନଥିବା ଖାଲିସ୍ଥାନ କ୍ରୟ ବିକ୍ରୟ କରନ୍ତୁ ନାହିଁ । ଗୃହ ନିର୍ମାଣ ପୂର୍ବରୁ ଗୃହ ପ୍ଲାନ ଅନୁମୋଦନ କରାଇ ନିଅନ୍ତୁ ।
- ବିନା ବ୍ୟବସାୟ ପରିଚୟ ପତ୍ରରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

ଶ୍ରୀ କୁନ୍ଦନ କୁମାର
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ରାୟଗଡ

ଶ୍ରୀମତୀ ଶୁଭ୍ରା ପଣ୍ଡା
ଉପାଧ୍ୟକ୍ଷା
ପୌରପରିଷଦ ରାୟଗଡ

ଶ୍ରୀଯୁକ୍ତ ଟି ମହେଶ ପଟ୍ଟନାୟକ
ଅଧ୍ୟକ୍ଷ
ପୌରପରିଷଦ ରାୟଗଡ

## ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା

**ସାକ୍ଷୀଗୋପାଳ,୩୦।୮/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ହକିର କିମ୍ବଦନ୍ତୀ ତାରକା ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୀତା ସ୍ପୋର୍ଟସ ଏକାଡେମୀ ପୁରୀ ସେଫାଳି ପତି, କବାଡି କୋଚ୍ ଜିତେନ୍ଦ୍ର ବେହେରା, ଡେଲାଙ୍ଗ ବ୍ଲକ୍ କବାଡି କୋଚ୍ ସରସ୍ୱତୀ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବିଦ୍ୟାଳୟର କ୍ରିଡ଼ା ଶିକ୍ଷକଙ୍କ ସଂଗ୍ରାମ କେଶରୀ ମହାନ୍ତି ଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରିଡ଼ାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଛତ୍ରପୁର ପୌରପରିଷଦ, ଛତ୍ରପୁର

[illegible]

Park, Multi Gym, Open Space Beautification, Jogging Track

Paver Road & Covered Drain

(MCC & MRF)

(Multi-Purpose Centre)

LED Web-Board





[illegible]

OIPR-13138/13/0048/2526 DSPL-231

ଅନୁଗୋଳ ପୌରପାଳିକା,ଅନୁଗୋଳ
ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ
ଅନୁଗୋଳ ପୌରପାଳିକା
ତରଫରୁ ସହରବାସିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।





ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ତ୍ରିପାଠୀ
ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା

ଶ୍ରୀମତୀ ଅନୁପମା ସାହୁ
ଉପାଧକ୍ଷା
ଏବଂ
ପାରିଷଦ ବର୍ଗ
ଅନୁଗୋଳ ପୌରପାଳିକା

ଶ୍ରୀ ଅକ୍ଷୟ କୁମାର ସାମନ୍ତ
ଅଧକ୍ଷ
ଅନୁଗୋଳ ପୌରପାଳିକା

ରାଉରକେଲା ମହାନଗର ନିଗମ
ରାଉରକେଲା

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା
ସ୍ୱଚ୍ଛ, ସ୍ୱସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ ସମସ୍ତ ରାଉରକେଲା ବାସିଙ୍କୁ ରାଉରକେଲା ମହାନଗର ନିଗମ ତରଫରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ। ଏତଦ ବ୍ୟତୀତ ଆପଣମାନଙ୍କୁ ଆମେମାନେ ହାର୍ଦ୍ଦିକ ଧନ୍ୟବାଦ ଜ୍ଞାପନ କରୁଛୁ କାରଣ କେବଳ ଆପଣମାନଙ୍କ ପ୍ରଚେଷ୍ଟା ଏବଂ ସହଯୋଗ ଯୋଗୁଁ ଆମେମାନେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ରେ ରାଉରକେଲା ସହରକୁ ଜାତୀୟ ସ୍ତରରେ ୧୧୯ ତମ ସ୍ଥାନରୁ ୧୫ତମ ସ୍ଥାନରେ ସ୍ଥାନିତ କରିବାରେ ସକ୍ଷମ ହୋଇପାରିଛୁ।

ଆସନ୍ତୁ ଏହି ଧାରାକୁ ବଜାୟରଖିବା ପାଇଁ ସଂକଳ୍ପ ନେବା। ଏଥି ନିମନ୍ତେ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ। ଏଣୁ ଘରୋଇ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ରାଉରକେଲା ମହାନଗର ନିଗମ ଦ୍ୱାରା ପରିଚାଳିତ ଆବର୍ଜନା ଯାନରେ ଦିଅନ୍ତୁ। ସମସ୍ତ କର ଧାର୍ଯ୍ୟ ସମୟରେ ପଇଠ କରନ୍ତୁ। ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରନ୍ତୁ। ହୋଲଡିଂ ଟିକସକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପଇଠ କରନ୍ତୁ। ମହାନଗର ନିଗମ ସମ୍ପର୍କିତ ଯେକୌଣସି ଅଭିଯୋଗ ପାଇଁ ନିଗମର ଟୋଲ ଫ୍ରି ନଂ ୧୮୦୦-୩୪୫-୭୪୬୮ (1800-345-7468) ରେ ଯୋଗାଯୋଗ କରନ୍ତୁ।

ରାଉରକେଲା ମହାନଗର ନିଗମ ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସମ୍ପତ୍ତିର ରକ୍ଷଣା ବେକ୍ଷଣ କରନ୍ତୁ।

ଆସନ୍ତୁ ଆମ ପ୍ରିୟ ରାଉରକେଲା ସହରକୁ ଏକତ୍ରିତ ହୋଇ ସ୍ୱଚ୍ଛ, ସବୁଜ, ସୁନ୍ଦର ତଥା ପ୍ଲାଷ୍ଟିକ ମୁକ୍ତ ସହର କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା।

ସା/- ଆୟୁକ୍ତ
ରାଉରକେଲା ମହାନଗର ନିଗମ

## ଶ୍ରୀମନ୍ଦିରରେ ବିମ୍ବାସୁର ବଧପ୍ରସ୍ତାବ

**ପୁରୀ,୩୦।୮/ଏନ୍‌ଏନ୍‌ଏସ୍:** ଭାଦ୍ରବ ଶୁକ୍ଳ ଷଷ୍ଠୀତିଥିରେ ସନ୍ଧ୍ୟାଧୂପ ପରେ ମହାପ୍ରଭୁଙ୍କ ନିକଟରେ ବିମ୍ବାସୁର ବଧପ୍ରସ୍ତାବ ଅନୁଷ୍ଠିତ ହୋଇଯାଇଛି। ମାର୍କଣ୍ଡେଶ୍ୱର ସାହି ଏହି ବିମ୍ବାସୁର ବଧପ୍ରସ୍ତାବ କରିଥିଲେ। ଶୁକ୍ଳ ଷଷ୍ଠୀ ତିଥିରେ ସନ୍ଧ୍ୟାଧୂପ ପରେ ମଦନମୋହନ ରତ୍ନ ସିଂହାସନକୁ ବିଜେ କରି ଜଗନ୍ନାଥଙ୍କ ବାଡ଼ରୁ ଆଜ୍ଞାମାଳ ପ୍ରାପ୍ତି କରି ନାଟ ମଣ୍ଡପ ସ୍ଥିତ ଖଟ ଉପରକୁ ବିଜେ କରିବା ପାରେ ପ୍ରଭୁଙ୍କର ଛାମୁରେ ମାର୍କଣ୍ଡେଶ୍ୱର ସାହି ଲୋକ ବିମ୍ବାସୁର ବଧପ୍ରସ୍ତାବ କରିଥିଲେ। ଦ୍ୱାପର ଯୁଗର କଥା ବିମ୍ବାସୁର ରାକ୍ଷସକୁ ମହାରାଜ କଂସ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବାକୁ ପଠାଇଥିଲେ। କିନ୍ତୁ ଯୁଦ୍ଧ ବେଳେ ଭଗବାନ ଶ୍ରୀକୃଷ୍ଣ ମୁଷ୍ଟି ପ୍ରହାର କରି ତାକୁ ହତ୍ୟା କରିଥିଲେ। ସେହି ସ୍ମୃତି ରେ ମାର୍କଣ୍ଡେଶ୍ୱର ସାହିରୁ ବିମ୍ବାସୁର ବଧ ଲୀଳା କରିବା ପାଇଁ ଜଣେ ବେଶ ହୋଇ ସ୍ୱତନ୍ତ୍ର ଭାବରେ ଉପସ୍ଥିତ ହୋଇଥିଲେ ଏବଂ ସେଇ ସମୟ ରେ ନାଟମଣ୍ଡପ ରେ ଉପସ୍ଥିତ ହେଲା ପରେ ପ୍ରଭୁଙ୍କ ଶୀତଳ ଭୋଗ ଓ ବନ୍ଦାପନା ପରେ ଦକ୍ଷୀଣି ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

BARIPADA MUNICIPALITY

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ : ୨୦୨୫ ଅବସରରେ
ବାରିପଦାବାସୀଙ୍କୁ ପୌରପାଳିକାର
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ
ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା

ସୀମା ଦାସ
ଉପନଗରପାଳ,
ବାରିପଦା ପୌରପାଳିକା ଓ ସମସ୍ତ କାଉନ୍‌ସିଲର ବୃନ୍ଦ

ସପନ କୁମାର ସାହୁ, ଓ.ପ୍ର.ସେ - ଏ (ଜେ.ବି)
ନିର୍ବାହୀ ଅଧିକାରୀ,
ବାରିପଦା ପୌରପାଳିକା

କୃଷ୍ଣାନନ୍ଦ ମହାନ୍ତି
ନଗରପାଳ,
ବାରିପଦା ପୌରପାଳିକା

Berhampur Municipal Corporation
ବ୍ରହ୍ମପୁର ମହାନଗର ନିଗମ
ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

କରନ୍ତୁ
(୧) ଆପଣଙ୍କ ଘର / ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ଯଥା:- ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ସାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ଯଥା:- କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି ବର୍ଜ୍ୟବସ୍ତୁକୁ ନୀଳ ରଙ୍ଗର ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ପ୍ରଦତ୍ତ ଆବର୍ଜନା ସଂଗ୍ରହ କରି ଯାନରେ ପକାନ୍ତୁ।
(୨) ସ୍ୱଚ୍ଛ ସାଥୀଙ୍କୁ କିମ୍ବା ଆମ ସହର ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ।
(୫) ଅତି କମ୍‌ରେ ନିଜର ୫ମିଟର ପରିସର ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

କରନ୍ତୁ ନାହିଁ
(୧) ଗୋଟିଏ ଡଷ୍ଟବିନ୍‌ରେ ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁକୁ ଅଦରକାରୀ ପଦାର୍ଥ ଯଥା:- କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତାକୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ମିଟର ପରିସରକୁ ପର୍ଯ୍ୟାପ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟର, ଗମଲା, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ
କମିଶନର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ.ବିବେକ୍ ରେଡ୍ଡୀ
ଡେପୁଟି ମେୟର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ
ମେୟର
ବ୍ରହ୍ମପୁର ମହାନଗର ନିଗମ

ଓ ସମସ୍ତ କର୍ପୋରେଟର ବୃନ୍ଦ, ବ୍ରହ୍ମପୁର ମହାନଗର ନିଗମ

# ସିଓଇରେ ଟ୍ରେନିଂ କରିବେ ଗିଲ୍

**ବେଙ୍ଗାଲୁରୁ,୩୦।୮/ଏଜେନ୍ସି:** ଭାରତୀୟ ଉପଅଧିନାୟକ ଶୁଭମନ ଗିଲ୍ ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁ ଥିବା ଏସିଆ କପ୍ ପୂର୍ବରୁ ବିସିସିଆଇର ସେଣ୍ଟର୍ ଅଫ୍ ଏକ୍ସେଲେନ୍ସି (ସିଓଇ)ରେ ପ୍ରସ୍ତୁତି ଆରମ୍ଭ କରିବେ। ଭାଇରାଲ୍ ଫ୍ଲୁ କାରଣରୁ ଗିଲ୍ ଦୁଲୀପ୍ ଟ୍ରଫିର ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଥିଲେ। କିନ୍ତୁ ଏବେ ସେ ସୁସ୍ଥ




ହୋଇସାରିଛନ୍ତି। ଉତ୍ତର ଭାରତରେ ଲଗାତାର ବର୍ଷା କାରଣରୁ ତାଙ୍କ ଘର ନିକଟରେ ପର୍ଯ୍ୟାପ୍ତ ସୁବିଧା ଉପଲବ୍ଧ ହୋଇପାରୁ ନାହିଁ। ତେଣୁ ୨୫ ବର୍ଷୀୟ ଗିଲ୍ ମୋହାଲୀରେ କେତେକ ଜିମ୍ ସେସନ୍ ସହିତ ଗୁରୁବାର ନେଟ୍ ପ୍ରାକ୍ଟିସ୍ ମଧ୍ୟ କରିଥିଲେ। ଏସିଆ କପ୍ ପାଇଁ ଭାରତୀୟ ଟିମ୍ ସେପ୍ଟେମ୍ବର ୪ରେ ଦୁବାଇ ଯାତ୍ରା କରିବ। ରିପୋର୍ଟ ଅନୁସାରେ ଗିଲ୍ ବେଙ୍ଗାଲୁରୁରୁ ସିଧା ଦୁବାଇ ଯାତ୍ରା କରିବେ। ସେପ୍ଟେମ୍ବର ୪ରେ ଦୁବାଇ ପହଞ୍ଚିବା ପରେ ଭାରତୀୟ ଟିମ୍‌ର ପରଦିନଠାରୁ ପ୍ରାକ୍ଟିସ୍ ସେସନ୍ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟରେ ଟିମ୍ ନିଜର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୧୦ରେ ୟୁଏଇ ବିପକ୍ଷରେ ଖେଳିବ। ଏହାପରେ ସେପ୍ଟେମ୍ବର ୧୪ରେ ପାକିସ୍ତାନକୁ ଭେଟିବ।

# ନର୍ଥଜୋନ୍ ୫୬୩ ରନ୍‌ରେ ଆଗୁଆ

## ନର୍ଥ-ଇଷ୍ଟ୍ ଜୋନ୍ ସମ୍ମୁଖରେ ୬୭୯ର ଲକ୍ଷ୍ୟ ରଖିଲା ସେଣ୍ଟ୍ରାଲ୍ ଜୋନ୍



**ଦୁଲୀପ ଟ୍ରଫି**

**ବେଙ୍ଗାଲୁରୁ, ୩୦।୮/ଏଜେନ୍ସି:** ଅଧିନାୟକ ଅଙ୍କିତ କୁମାର ଏବଂ ଯଶ୍ ଧୁଲ୍‌ଙ୍କ ଶତକୀୟ ଇନିଂସ ବଳରେ ନର୍ଥ ଜୋନ୍ ଶନିବାର ସୁଦ୍ଧା ଇଷ୍ଟ ଜୋନ୍ ବିପକ୍ଷରେ ୫୬୩ ରନ୍‌ର ଅଗ୍ରଣୀ ହାସଲ କରିଛି। ଏଠାରେ ଖେଳାଯାଉଥିବା ଦୁଲୀପ ଟ୍ରଫିର ତୃତୀୟ ଦିନରେ ନର୍ଥଜୋନ୍ ଦ୍ୱିତୀୟ ଇନିଂସରେ ୨ ୱିକେଟ୍ ହରାଇ ୩୮୮ ରନ୍ କରିଛି। ଅଧିନାୟକ ଅଙ୍କିତ କୁମାର (୧୬୮ ରନ୍) ଅପରାଜିତ ଥିବା ବେଳେ ଯଶ୍ ଧୁଲ୍ ୧୩୩ ରନ୍ କରି ଆଉଟ୍ ହୋଇଛନ୍ତି। ସେହିପରି ଓପନର ଶୁଭମ୍ ଖଜୁରିଆ ମାତ୍ର ୨୧ ରନ୍ କରି ପ୍ରଥମ ୱିକେଟ୍ ଭାବେ ଆଉଟ୍ ହୋଇଥିଲେ। ଶନିବାର ଖେଳ ଶେଷ ବେଳକୁ ଆୟୁଷ ବଦୋନି ୫୬ ରନ୍‌ରେ ଅପରାଜିତ ରହିବା ସହ ଅଧିନାୟକ ଅଙ୍କିତ୍‌ଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ। ନର୍ଥ ଜୋନ୍ ୫୪ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ପରେ ଅଙ୍କିତ୍ ଏବଂ ଯଶ୍‌ଙ୍କ ମଧ୍ୟରେ ୨୪୦ ରନ୍‌ର ଏକ ଭଲ ପାର୍ଟନରସିପ୍ ହୋଇଥିଲା ଯାହାଫଳରେ ଦଳ ୨୯୪ ରନ୍‌ରେ ପହଞ୍ଚିପାରିଥିଲା। ଏହି ସମୟରେ ଯଶ୍ ୨ୟ ୱିକେଟ୍ ଭାବେ ରିୟାନ୍ ପରାଗ୍‌ଙ୍କ ଏକ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ତେବେ ପରେ ବଦୋନୀଙ୍କ ୫୬ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ନର୍ଥଜୋନ୍‌କୁ ୩୮୮ ରନ୍‌ରେ ପହଞ୍ଚାଇଥିଲା। ତେବେ ପ୍ରଥମ ଇନିଂସରେ ଇଷ୍ଟ ଜୋନ୍ ୨୩୦ରନ୍‌ରେ ଅଲ୍‌ଆଉଟ୍ ହୋଇଯିବାରୁ ନର୍ଥଜୋନ୍‌କୁ ୧୭୫ ରନ୍‌ର ଅଗ୍ରଣୀ ମିଳିଥିଲା। ସୁତରାଂ ଶନିବାର ସୁଦ୍ଧା ନର୍ଥଜୋନ୍ ପୂର୍ବଜୋନ୍ ବିପକ୍ଷରେ ୫୬୩ ରନ୍ ଆଗୁଆ ରହିଛି।

ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ, ସେଣ୍ଟ୍ରାଲ୍ ଜୋନ୍, ନର୍ଥ-ଇଷ୍ଟ ଜୋନ୍‌କୁ ବିଜୟ ପାଇଁ ୬୭୯ ରନ୍‌ର ଟାର୍ଗେଟ୍ ଦେଇଛି। ନିଜର ଦ୍ୱିତୀୟ ଇନିଂସରେ ସେଣ୍ଟ୍ରାଲ୍ ଜୋନ୍ ୩୩୧/୭ ସ୍କୋରରେ ନିଜ ପାଳି ସମାପ୍ତି ଘୋଷଣା କରିଛି। ପ୍ରଥମ ପାଳିରେ ନର୍ଥ-ଇଷ୍ଟ ଜୋନ୍ ମାତ୍ର ୧୮୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯିବାରୁ ସେଣ୍ଟ୍ରାଲ୍ ଜୋନ୍ ୩୪୭ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ଫଳରେ ଦଳ ଦ୍ୱିତୀୟ ଇନିଂସର ୩୩୧ ରନ୍ ସହ ମୋଟ୍ ୬୭୮ ରନ୍‌ରେ ଆଗୁଆ ରହିଛି।

# ଓଡ଼ିଶା ଜୁନିଅର୍ ବଲ୍ ଟିମ୍‌ର ପଞ୍ଜାବ ଯାତ୍ରା



**କଟକ,୩୦।୮/ଏଜେନ୍ସି:** ସେପ୍ଟେମ୍ବର ୨ରୁ ୯ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଲୁଧିଆନାରେ ୭୫ତମ ଜାତୀୟ ଜୁନିୟର୍ ବାସ୍କେଟ୍‌ବଲ୍ ଚାମ୍ପିଅନ୍‌ଶିପ୍ ହେବାକୁ ଯାଉଛି। ଏଥିପାଇଁ ଓଡ଼ିଶା ବାଳକ ଓ ବାଳିକା ବାସ୍କେଟ୍‌ବଲ୍ ଟିମ୍ ଆଜି ଲୁଧିଆନା ଅଭିମୁଖେ ଯାତ୍ରା କରିଛନ୍ତି। ଓଡ଼ିଶା ବାଳକ ଟିମ୍ ବ୍ରହ୍ମପୁରର ନିଷ୍ଟ୍ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଗତ ୧୪ ତାରିଖରୁ ପୂର୍ବତନ ଭାରତୀୟ ବାସ୍କେଟ୍‌ବଲ୍ ଅଧିନାୟକ ରିଆଜୁଦ୍ଦିନ୍‌ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିଲା। ସେହିପରି ବାଳିକା ଟିମ୍ ଅଗଷ୍ଟ ୧୬ ତାରିଖରୁ କୋଚ୍ ପ୍ରଶାନ୍ତ ତରାଇଙ୍କ ଅଧୀନରେ ପ୍ରଶିକ୍ଷଣ ନେଇଛି। ପ୍ରଶାନ୍ତ ନାୟକ ଏବଂ ପଦ୍ମାବତୀ ଯଥାକ୍ରମେ ବାଳକ ଏବଂ ବାଳିକା ଟିମ୍‌ର ସହାୟକ କୋଚ୍ ଭାବେ ଲୁଧିଆନା ଯାତ୍ରା କରିଛନ୍ତି। ଓଡ଼ିଶା ଟିମ୍‌କୁ ଓଡ଼ିଶା ବାସ୍କେଟ୍‌ବଲ୍ ସଂଘର ସମ୍ପାଦକ ଅଶୋକ ସାହୁଙ୍କ ସମେତ ନୀରଜ ଯାଦବ, ସତୀଶ ସାହୁ, ଅଶୋକ ସାହୁ, ରାଜୁ ଖୁଣ୍ଟିଆ, ଦ୍ୱାରକା ମହାନ୍ତି, ଅମିତ ଦାସ ମହାପାତ୍ର, କାର୍ତ୍ତିକ ବେହେରା ପ୍ରମୁଖ ଆଗାମୀ ଟୁର୍ଣ୍ଣାମେଣ୍ଟ ପାଇଁ ଶୁଭକାମନା ଜଣାଇଛନ୍ତି।

# ଦେଶ ବିଦେଶ

## ୟୁକ୍ରେନ୍‌ର ପୂର୍ବତନ ବାଚସ୍ପତିଙ୍କୁ ଗୁଳିକରି ହତ୍ୟା

**କିଭ୍, ୩୦।୮/ଏଜେନ୍ସି:** ୟୁକ୍ରେନର ପୂର୍ବତନ ବାଚସ୍ପତି ୫୪ ବର୍ଷୀୟ ଆଣ୍ଡ୍ରି ପାରୁବୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। କିଛି ଅଜ୍ଞାତ ବନ୍ଧୁକଧାରୀ ଶନିବାର ତାଙ୍କୁ ହତ୍ୟା କରିଥିବା ନେଇ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କି ଶନିବାର ସ୍ପଷ୍ଟ କରିଛନ୍ତି। ଜେଲେନସ୍କି ଘଟଣାର କଡ଼ା ନିନ୍ଦା କରିବା ସହିତ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଲିଭ୍ ସହରରେ ପାରୁବୀ ବସବାସ କରୁଥିବା ବେଳେ ତାଙ୍କୁ ତାଙ୍କ ଘର ନିକଟରେ ହିଁ ହତ୍ୟା କରାଯାଇଛି। ପାରୁବୀ ୨୦୧୦ରେ ୟୁକ୍ରେନର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ଏତଦ୍‌ବ୍ୟତୀତ ପାରୁବି ୟୁକ୍ରେନର ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ପରିଷଦର ପୂର୍ବତନ ସଚିବ ମଧ୍ୟ ଥିଲେ। ହତ୍ୟାକାରୀକୁ ଧରିବା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ଏବଂ ତଦନ୍ତ କରାଯାଉଥିବା ଜେଲେନସ୍କି କହିଛନ୍ତି। ପ୍ରାଥମିକ ତଦନ୍ତରୁ ଜଣେ କୋରିଅର ବୟ (କୋରିଅର କମ୍ପାନୀର ୟୁନିଫର୍ମ ପିନ୍ଧିଥିବା)କୁ ଏକ ଇଭି ବାଇକ୍‌ରେ ଆସିବା ଏବଂ ପାରୁବୀଙ୍କ ଉପରକୁ ଏକାଧିକ ରାଉଣ୍ଡ ଗୁଳିଚାଳନା କରିବା ପ୍ରତ୍ୟକ୍ଷଦର୍ଶୀମାନେ ବୟାନ ଦେଇଛନ୍ତି।



# ବାଦଲ ଫଟା ବର୍ଷା ଯୋଗୁ ଭୂସ୍ଖଳନ

## ଭୁଶୁଡ଼ିଲା ଘର, ପରିବାରର ୭ ସଦସ୍ୟଙ୍କ ସହ ୧୧ ମୃତ

**ଶ୍ରୀନଗର, ୩୦।୮/ଏଜେନ୍ସି:** ଜମ୍ମୁ କାଶ୍ମୀରରେ ବାଦଲ ଫଟା ବର୍ଷାଜନିତ ବିପର୍ଯ୍ୟୟ ଜାରି ରହିଛି। ଶନିବାର ମଧ୍ୟ ରାମବନ୍ ଜିଲ୍ଲାର ରାଜଗଡ଼ ତହସିଲ୍ ଅଞ୍ଚଳରେ ବାଦଲ ଫାଟିପଡ଼ିଥିଲା। ଫଳରେ ଅନେକ ପ୍ରାନ୍ତରେ ଭୂସ୍ଖଳନ ଏବଂ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆଜିର ଏହି ବାଦଲ ଫଟା ବର୍ଷାରେ ରାମବନ, ରିଆସି ଆଦି ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁଁ ରାମବନ୍ ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ନିଖୋଜ ହୋଇଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ ରାମବନ୍‌କୁ ଲାଗିଥିବା ରିଆସି ଜିଲ୍ଲାର ବଦର ନାମକ ଏକ ଗାଁରେ ଭୂସ୍ଖଳନ ହୋଇଥିବା ଏବଂ ଏଥିରେ ଗୋଟିଏ ପରିବାରର ୭ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଅର୍ଥାତ୍ ଆଜି ଦିନରେ ଏହି ଦୁଇ ପ୍ରାନ୍ତରୁ ମୋଟ୍ ୧୧ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏମାନଙ୍କ ମଧ୍ୟରେ ୫ଜଣ ପିଲା ରହିଥିବା ସୂଚନା ମିଳିଛି। ସେହିପରି ଅନ୍ୟପ୍ରାନ୍ତରେ ମଧ୍ୟ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଅନେକ ଲୋକ ଏବେ ବି ଚାପି ହୋଇ ରହିଥିବା ଆଶଙ୍କା କରାଯାଉଥିବା ବେଳେ ଉଦ୍ଧାର ଏବଂ ସନ୍ଧାନ ଅଭିଯାନ ଆରମ୍ଭ କରିଛନ୍ତି। ଏନ୍‌ଡିଆର୍‌ଏଫ୍, ପୁଲିସ୍ ସ୍ଥାନୀୟ ସରକାରୀ ସଂସ୍ଥା ଏବଂ ବାସିନ୍ଦାଙ୍କ ଦଳ ଭଗ୍ନାବଶେଷ ତଳେ ଫସି ରହିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସରେ ସାମିଲ ହୋଇଛନ୍ତି। ଜମ୍ମୁ କାଶ୍ମୀରରେ ଗତ କିଛି ଦିନ ଧରି ପ୍ରବଳ ବର୍ଷାଜନିତ ଭୂସ୍ଖଳନ ତଥା ଆକସ୍ମିକ ବନ୍ୟାସ୍ରୋତ ଆସିବା ଭଳି ପରିସ୍ଥିତି ଜାରି ରହିଛି। ଜମ୍ମୁ-କାଶ୍ମୀରର କଟରାରେ ବର୍ଷା ଯୋଗୁଁ ବୈଷ୍ଣୋଦେବୀ ଯାତ୍ରା ୫ ଦିନ ପାଇଁ ବନ୍ଦ ରହିଛି। ଅଗଷ୍ଟ ୨୬ ତାରିଖରେ ଯାତ୍ରା ରାସ୍ତାରେ ଭୂସ୍ଖଳନ ଯୋଗୁଁ ୩୪ ଜଣଙ୍କର ମୃତ୍ୟୁ ହୋଇଥିଲା।




# ପେନ୍‌ସନ୍ ଚାହୁଁଛନ୍ତି ପୂର୍ବ ଉପରାଷ୍ଟ୍ରପତି

## ରାଜସ୍ଥାନ ବିଧାନସଭାରେ କଲେ ଆବେଦନ

**ନୂଆଦିଲ୍ଲୀ,୩୦।୮/ଏଜେନ୍ସି:** ଉପରାଷ୍ଟ୍ରପତି ପଦରୁ ହଠାତ୍ ଇସ୍ତଫା ଦେବା ପରଠାରୁ ଅନ୍ତର୍ଦ୍ଧାନ ହୋଇଯାଇଥିବା ୭୪ ବର୍ଷୀୟ ଜଗଦୀପ ଧନଖଡ ଏବେ ନିଜ ପେନ୍‌ସନ୍ ପାଇଁ ଆବେଦନ କରିଛନ୍ତି। ଶ୍ରୀ ଧନଖଡ ରାଜସ୍ଥାନ ବିଧାନସଭାରେ ପେନ୍‌ସନ୍ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ୧୯୯୩ରେ କଂଗ୍ରେସ ଟିକେଟରେ ସେ ଆଜମେର ଜିଲ୍ଲାର କିଶନଗଡ଼ ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏତଦ୍‌ବ୍ୟତୀତ ଜଗଦୀପ ଧନଖଡ ୧୯୮୯-୯୧ ମଧ୍ୟରେ ରାଜସ୍ଥାନର ଝୁନ୍‌ଝୁନ୍ ଲୋକସଭା ନିର୍ବାଚନମଣ୍ଡଳୀରୁ ଜନତା ଦଳ ସାଂସଦ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ। ସୁତରାଂ ସାଂସଦ ଭାବେ ମଧ୍ୟ ସେ ପେନ୍‌ସନ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି।



ତେବେ ଏସବୁକୁ ଦୃଷ୍ଟିରେ ରଖି ଧନଖଡ ବର୍ତ୍ତମାନ ରାଜସ୍ଥାନ ବିଧାନସଭାରୁ ପେନ୍‌ସନ୍ ପାଇବା ପାଇଁ ଆବେଦନ କରିଛନ୍ତି। ନିୟମ ଅନୁଯାୟୀ, ସେ ରାଜସ୍ଥାନ ବିଧାନସଭାରୁ କେବଳ ପୂର୍ବ ବିଧାୟକ ଭତ୍ତା (ପେନ୍‌ସନ୍) ବାବଦ ପ୍ରାୟ ୪୨ ହଜାର ଟଙ୍କା ମାସିକ ପେନସନ ପାଇବେ। ସେହିପରି ସାଂସଦ ଭାବେ ପେନ୍‌ସନ୍‌କୁ ଏଥିରେ ଯୋଡିଲେ ଏହି ପରିମାଣ ହୁଏତ ୨ରୁ ୩ଗୁଣ ଅଧିକ ହେବ।

ରାଜସ୍ଥାନ ବିଧାନସଭାର ବାଚସ୍ପତି ଥିବା ବାସୁଦେବ ଦେବନାନି ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ଧନଖଡ଼ଙ୍କ ପେନ୍‌ସନ ଆବେଦନ ବିଧାନସଭା ଗ୍ରହଣ କରିଛି ଏବଂ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷେ ରାଜସ୍ଥାନରେ ନେତାମାନଙ୍କ ପାଇଁ ଦୁଇଗୁଣ ଏବଂ ତିନିଗୁଣ ପେନସନର ବ୍ୟବସ୍ଥା ଅଛି। ଅର୍ଥାତ୍, ଯଦି ଜଣେ ବ୍ୟକ୍ତି ଉଭୟ ସାଂସଦ ଏବଂ ବିଧାୟକ ଭାବେ କାର୍ଯ୍ୟ କରିଥିବେ ତେବେ ସେ ଉଭୟ ପଦବୀ ପାଇଁ ପେନ୍‌ସନ୍ ପାଇପାରିବେ। ଏହି କାରଣରୁ ଅନେକ ପୂର୍ବତନ ନେତା ଏକକାଳୀନ ବିଭିନ୍ନ ପଦବୀ ପାଇଁ ପେନସନ ପାଇଥାଆନ୍ତି।

ଉପରାଷ୍ଟ୍ରପତି ଭାବେ ଧନଖଡ଼ଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୦୨୭ରେ ଶେଷ ହେବାକୁ ଥିଲା। ମାତ୍ର କୌଣସି କାରଣରୁ ପ୍ରାୟ ୨ବର୍ଷ ପୂର୍ବରୁ ଅର୍ଥାତ୍ ଚଳିତ ବର୍ଷ ଜୁଲାଇ ୨୧ରେ ସେ ତାଙ୍କ ପଦରୁ ଆକସ୍ମିକ ଭାବେ ଇସ୍ତଫା ଦେଇଥିଲେ। ଏବେ ନୂଆ ଉପରାଷ୍ଟ୍ରପତି ପଦ ପାଇଁ ଆସନ୍ତା ୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ମହାରାଷ୍ଟ୍ରର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନଙ୍କୁ ଏନଡିଏ ପ୍ରାର୍ଥି କରିଥିବା ବେଳେ ଇଣ୍ଡି ମେଣ୍ଟର ପ୍ରାର୍ଥି ହୋଇଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି.ସୁଦର୍ଶନ ରେଡ୍ଡୀ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଶ୍ରୀ ଧନଖଡ ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ସେହିପରି ୧୯୯୦ରୁ ୧୯୯୧ ମଧ୍ୟରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମନ୍ତ୍ରିମଣ୍ଡଳରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ୨୦୨୨ ମସିହା ଅଗଷ୍ଟ ୧୧ରୁ ଧନଖଡ଼ ଉପରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଆସୁଥିଲେ।

# ସେନା ଏନ୍‌କାଉଣ୍ଟରରେ ଆତଙ୍କୀ ବାଗୁ ଖାନ୍ ନିହତ

**ଶ୍ରୀନଗର, ୩୦।୮/ଏଜେନ୍ସି:** ଜମ୍ମୁ କାଶ୍ମୀରର ଗୁରେଜ୍ ସେକ୍ଟରରେ ସୁରକ୍ଷା ବାହିନୀକୁ ଶନିବାର ଏକ ବଡ଼ ସଫଳତା ମିଳିଛି। ସୁରକ୍ଷାବାହିନୀ ପକ୍ଷରୁ କରାଯାଇଥିବା ଏନ୍‌କାଉଣ୍ଟରରେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ବାଗୁ ଖାନ୍ ଓରଫ୍ ସମନ୍ଦର ଚାଚା ନିହତ ହୋଇଛି। ସେ ୧୯୯୫ ମସିହାରୁ ପିଓକେରେ ରହୁଥିବା ବେଳେ ଆତଙ୍କବାଦୀ ଗୋଷ୍ଠୀରେ ସେ ଚାଚା ଭାବେ ପରିଚିତ ଥିଲା। ସେ ହ୍ୟୁମାନ୍ ଜିପିଏସ୍ ଭାବେ ମଧ୍ୟ ବେଶ୍ ଜଣାଶୁଣା ଥିଲା। ଗତ ତିନି ବର୍ଷ ମଧ୍ୟରେ, ସେ ଗୁରେଜ୍ ସେକ୍ଟରର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦୦ରୁ ଅଧିକ ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରାଇବାରେ ସାମିଲ ଥିଲା। ଏହି ଅଞ୍ଚଳର ଗୁପ୍ତ ରାସ୍ତା ଏବଂ ପ୍ରତିକୂଳ ପରିସ୍ଥିତିରେ କ'ଣ କରିବାକୁ ହେବ ସେ ବିଷୟରେ ତା'ର ସମ୍ପୂର୍ଣ୍ଣ ଜ୍ଞାନ ଥିଲା। ଏହି କାରଣରୁ ସେ ସମସ୍ତ ଆତଙ୍କବାଦୀ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ଥିଲା।



ବାଗୁ ଖାନ୍ ଯେତେବେଳେ ହିଜବୁଲ୍ କମାଣ୍ଡର ଭାବେ ନିୟୋଜିତ ଥିଲା, ସେ ନିୟନ୍ତ୍ରଣ ରେଖାର ଗୁରେଜ୍ ଏବଂ ପଡ଼ୋଶୀ ଅଞ୍ଚଳରୁ ଅନୁପ୍ରବେଶ ଯୋଜନା ଏବଂ କାର୍ଯ୍ୟକାରୀ କରିବାରେ ଆତଙ୍କବାଦୀ ସଂଗଠନକୁ ସାହାଯ୍ୟ କରିଥିଲା। ତେବେ ଭାରତୀୟ ସୁରକ୍ଷାବାହିନୀ ପାଇଁ ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ବାଗୁ ଖାନ୍ ଦୀର୍ଘ ସମୟ ଧରି ରହିଥିଲା। ଶନିବାର ତା'ର ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ସୁରକ୍ଷା ଯବାନ୍‌ମାନେ ଯୋଜନା ମୁତାବକ ପ୍ରଥମେ ଉକ୍ତ ଅଞ୍ଚଳକୁ ଘେରାଉ କରିଥିଲେ ଏବଂ ଆତ୍ମସମର୍ପଣ କରିବାକୁ କହିଥିଲେ। କିନ୍ତୁ ବାଗୁ ଖାନ୍ ସେଠାରୁ ଖସିଯିବାକୁ ଉଦ୍ୟମ କରିଥିଲା। ବାଗୁ ଖାନ୍‌ର ମୃତ୍ୟୁ ଏହି ଅଞ୍ଚଳରେ ଆତଙ୍କବାଦୀ ସଂଗଠନର ଲଜିଷ୍ଟିକ୍ସ ନେଟୱାର୍କ ପାଇଁ ଏକ ବଡ଼ ଆଘାତ ବୋଲି କୁହାଯାଉଛି।

# ରାଜଧାନୀରେ ବ୍ୟାପୁଛି ବାର୍ଡ ଫ୍ଲୁ'

**ନୂଆଦିଲ୍ଲୀ, ୩୦।୮/ଏଜେନ୍ସି:** ରାଜଧାନୀ ନୂଆଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବାର୍ଡ ଫ୍ଲୁ' ଭୟଙ୍କର ଭାବେ ସଂକ୍ରମିତ ହେଉଥିବାର ଦେଖିବାକୁ ମିଳିଛି। ବିଶେଷକରି ଦିଲ୍ଲୀ ଚିଡିଆଖାନାରେ ଏଚ୍୫ଏନ୍୧ ଭୂତାଣୁ (ବାର୍ଡ ଫ୍ଲୁ' ଭୂତାଣୁ) ସଂକ୍ରମିତ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଶନିବାର ଠାରୁ ଚିଡିଆଖାନାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି। ଦିଲ୍ଲୀରେ ତୃତୀୟ ଥର ପାଇଁ ଏହି ଭୂତାଣୁ ସଂକ୍ରମିତ ହୋଇଛି। ପୂର୍ବରୁ ମଧ୍ୟ ୨୦୧୬ ଅକ୍ଟୋବରରେ

**ଆଜି ଠାରୁ ଚିଡ଼ିଆଖାନା ବନ୍ଦ**

ଚିଡିଆଖାନାକୁ ଏହିପ୍ରକାର ସଂକ୍ରମଣ ଯୋଗୁ ବନ୍ଦ କରାଯାଇଥିଲା। ସେହିସମୟରେ ୭୦ରୁ ଅଧିକ ପକ୍ଷୀଙ୍କ ମୃତ୍ୟୁ ହୋଇଥିଲା। ତେବେ ଚଳିତ ବର୍ଷ ମଧ୍ୟ ଚିଡ଼ିଆଖାନାରେ ଗୋଟିଏ ପକ୍ଷୀର ମୃତ୍ୟୁ ହେବା ପରେ ବାର୍ଡ ଫ୍ଲୁ' ସନ୍ଦେହ ପୂର୍ବକ ଏହାକୁ ପରୀକ୍ଷା ପାଇଁ ଭୋପାଳ ପଠାଯାଇଥିଲା। ପରୀକ୍ଷାରେ ପକ୍ଷୀଟି ବାର୍ଡ ଫ୍ଲୁ' ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ପ୍ରାଣ ହରାଇଥିବା ସ୍ପଷ୍ଟ ହୋଇଛି। ପ୍ରଶାସନ ସୂଚନା ଦେଇଛି ଯେ ଏହି ଭୂତାଣୁ ୨୧ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ ଏବଂ ଅନ୍ୟ ପ୍ରାଣୀମାନଙ୍କୁ ସଂକ୍ରମିତ କରିପାରେ। ତେଣୁ ଅତିକମ୍‌ରେ ୨୧ଦିନର କ୍ୱାରେଣ୍ଟାଇନ୍ ଆବଶ୍ୟକ। ଚିଡିଆଖାନାର ସମସ୍ତ ପ୍ରବାସୀ ପକ୍ଷୀଙ୍କୁ ପୃଥକ ଭାବରେ ରଖାଯିବ। ଏହା ବ୍ୟତୀତ ଚିଡ଼ିଆଖାନାରେ ବାଘ ଏବଂ ସିଂହ ଛୁଆମାନଙ୍କର ମଧ୍ୟ ବିଶେଷ ଯତ୍ନ ନିଆଯାଉଛି କାରଣ କିଛି ଦିନ ପୂର୍ବରୁ ଚିଡ଼ିଆଖାନାରେ ସଂକ୍ରମଣ ଯୋଗୁଁ ବାଘ ଛୁଆଙ୍କ ମଧ୍ୟ ମୃତ୍ୟୁ ଘଟିଛି। ବର୍ତ୍ତମାନ ଚିଡ଼ିଆଖାନାରେ ପ୍ରାୟ ୧,୩୫୦ ପକ୍ଷୀଙ୍କ ଉପରେ ନଜର ରଖାଯାଇଛି।

**● ଆରା ଠାରେ ଭୋଟର ଅଧିକାର ଯାତ୍ରା ସମୟରେ...**

# ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କଲେ ତେଜସ୍ୱୀ

**ଆରା, ୩୦।୮/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନ ପାଇଁ ନିଜକୁ ନିଜେ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରିଛନ୍ତି ତେଜସ୍ୱୀ ଯାଦବ। ଶନିବାର ଆରା ଅଞ୍ଚଳରେ ଆୟୋଜିତ 'ଭୋଟର ଅଧିକାର ଶୋଭାଯାତ୍ରା' ତଥା ନିର୍ବାଚନୀ ସଭାରେ ଉପସ୍ଥିତ ଥିବା ତେଜସ୍ୱୀ କହିଛନ୍ତି, ବିହାରରେ ଏବେ ଏକ ନକଲି ସରକାର ଚାଲିଛି। ବିହାରବାସୀ କଦାପି ଜଣେ ଡୁପ୍ଲିକେଟ୍ ମୁଖ୍ୟମନ୍ତ୍ରୀ ଚାହାଁନ୍ତି ନାହିଁ। ବିହାରବାସୀ ଜଣେ ଓରିଜିନାଲ ମୁଖ୍ୟମନ୍ତ୍ରୀ ଚାହାନ୍ତି ଯିଏକି ସେମାନଙ୍କର ଏବଂ ରାଜ୍ୟର ପୂର୍ଣ୍ଣାଙ୍ଗ ବିକାଶ କରିପାରିବ। ସେ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ଉପସ୍ଥାପିତ କରୁଛନ୍ତି ବୋଲି ତେଜସ୍ୱୀ ଏହି ଅବସରରେ କହିଛନ୍ତି। ସବୁଠୁ ବଡ଼କଥା ହେଉଛି ଏହି ସଭାରେ ଉପସ୍ଥିତ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜ ଭାଷଣରେ ଥରୁଟିଏ ମଧ୍ୟ ତେଜସ୍ୱୀଙ୍କୁ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ବୋଲି କହିନଥିଲେ।



ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବା ବେଳେ ଏବେ ରାଜନୈତିକ ଦଳଗୁଡ଼ିକଙ୍କ ପକ୍ଷରୁ ପ୍ରଚାରପର୍ବ ଜୋର ଧରିଛି। ବିଶେଷକରି ବିରୋଧ ଇଣ୍ଡିଆ ମେଣ୍ଟ ନିଜ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। ସମ୍ପ୍ରତି ବିହାରରେ କଂଗ୍ରେସ 'ଭୋଟର ଅଧିକାର ଯାତ୍ରା' ନାରାରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏବଂ କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ବିରୋଧରେ ଏକ କ୍ୟାମ୍ପେନ୍ ଚଳାଇଛନ୍ତି। ଏହିକ୍ରମେ ରାହୁଲ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ସହ ପ୍ରଚାର ତଥା ସଭାସମିତି ମାଧ୍ୟମରେ ବିହାରବାସୀଙ୍କୁ ନିଜ ପକ୍ଷକୁ ଆଣିବାକୁ ଚେଷ୍ଟା କରୁଛନ୍ତି। ଇଣ୍ଡିଆ ମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ଭାବେ ଆରଜେଡି ମଧ୍ୟ ଏଥିରେ ସାମିଲ ରହିଛି। ତେବେ ଏହି ପ୍ରଚାର ତଥା ଶୋଭାଯାତ୍ରାର ଲାଭ ଉଠାଇବାକୁ ଯାଇ ଆରଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ନିର୍ବାଚନୀ ପ୍ରଚାର କରିବା ଜାରି ରଖିଛନ୍ତି। ତେବେ ଆଜି ସେ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ପରେ ମଞ୍ଚାସୀନ ରାହୁଲ ସାମାନ୍ୟ ଅପ୍ରସ୍ତୁତ ହୋଇପଡିବା ପରି ପ୍ରତୀତ ହୋଇଥିଲେ। ଶନିବାର ଭୋଟର ଅଧିକାର ଯାତ୍ରା' ସମୟରେ ରାହୁଲଙ୍କ ସମ୍ମୁଖରେ କିଛି ଲୋକ କଳାପତାକା ପ୍ରଦର୍ଶନ ପୂର୍ବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିନ୍ଦାବାଦ୍ ନାରା ଲଗାଇଥିଲେ। ଏହାଦେଖି ରାହୁଲ ସେଠାରୁ ଫ୍ଲାଇଂ କିସ୍ ଦେଇ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ତେବେ ତେଜସ୍ୱୀଙ୍କ ଏପ୍ରକାର ନିଜକୁ ନିଜେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ନେଇ ପ୍ରଦେଶ ବିଜେପି ତାଚ୍ଛଲ୍ୟ କରିଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra